# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 44 ◆ISSUE-27 ◆TUESDAY ◆21 JULY 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୪ ◆ସଂଖ୍ୟା-୨୭ ◆ମଙ୍ଗଳବାର ◆୨୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'ଆୱାରାପନ୍ ୨'
ଇମ୍ରାନ୍ ନେଇଛନ୍ତି
୧୨ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

## ଛାତ୍ରଙ୍କୁ ନ୍ୟାୟ ଦାବିରେ ଜାତୀୟ ରାଜଧାନୀରେ ଗର୍ଜିଲା ସିଜେପି


# ଦିଲ୍ଲୀ ପୁଲିସର ଦମନଲୀଳା





■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟରେ ପ୍ରତିବାଦ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦିଲ୍ଲୀରେ ନ୍ୟାୟ ମାଗୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଦମନଲୀଳା ଆଜି ବର୍ବରତାର ସମସ୍ତ ସୀମା ଅତିକ୍ରମ କରିଯାଇଛି। ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସେମାନଙ୍କ ବୟସ୍କ ଅଭିଭାବକ ମଧ୍ୟ ଆଜିର ବିକ୍ଷୋଭରେ ସାମିଲ ହୋଇ ସଂସଦ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ନିର୍ମମ ଭାବେ ପ୍ରହାର କରିଛି। ପ୍ରଥମେ ବ୍ୟାରିକେଡ୍ ଲଗାଇ ବିକ୍ଷୋଭକାରୀଙ୍କ ଜନସମୁଦ୍ରକୁ ଅଟକାଇବା ଲାଗି ଚେଷ୍ଟା କରିଥିଲା ପୁଲିସ। ଏଥିରେ ବିଫଳ ହେବାପରେ ସେମାନଙ୍କ ଉପରେ ପ୍ରଚଣ୍ଡ ଲାଠିମଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜଧାନୀ ନୂଆଦିଲ୍ଲୀରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। କକ୍ରୋଚ୍ ଜନତା ପାର୍ଟି(ସିଜେପି)ର କର୍ମୀମାନେ ଜନ୍ତର ମନ୍ତରରୁ ସଂସଦ ଅଭିମୁଖେ ଶୋଭାଯାତ୍ରା କରୁଥିବା ବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା ବାହିନୀ ଲୁହବୁହା ଗ୍ୟାସ୍ ଓ ଲାଠିଚାଳନା କରିଛନ୍ତି।




କଡ଼ା ସୁରକ୍ଷା ବଳୟ ମଧ୍ୟରେ ବିକ୍ଷୋଭକାରୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ଶାସ୍ତ୍ରୀ ଭବନ ନିକଟରେ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ପୂର୍ବାହ୍ଣ ପ୍ରାୟ ୧୧:୨୫ ମିନିଟ୍‌ରେ ହଜାର ହଜାର କର୍ମୀ ସଂସଦ

**ହିଂସ୍ର ପୁଲିସର ଟିୟର ଗ୍ୟାସ୍ ପ୍ରୟୋଗ ପରେ ଲାଠିମାଡ଼; ଶତାଧିକ ଛାତ୍ର ଲହୁଲୁହାଣ**

ଭବନ ଆଡ଼କୁ ମାଡ଼ିଚାଲିବା ବେଳେ ପୋଲିସ ସହ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ପୁଲିସ ଲାଠିଚାଳନା କରିଥିଲା। ଆନ୍ଦୋଳନକାରୀଙ୍କୁ ଅମାନବୀୟ ଭାବେ ପୁଲିସ ପିଟିବା ଆରମ୍ଭ କରିଥିଲା। ଏଥିରେ ଅନେକ ଲହୁଲୁହାଣ ହୋଇଯାଇଥିଲେ। ସଂସଦ ଭବନ, ପ୍ରେସ କ୍ଲବ, ସମ୍ବିଧାନ କ୍ଲବ ଓ ଜନ୍ତର ମନ୍ତର ଆଦି ପ୍ରମୁଖ ସ୍ଥାନଗୁଡ଼ିକରେ ବହୁସ୍ତରୀୟ ବ୍ୟାରିକେଡ୍ ଲଗାଯାଇଛି। ନୂଆଦିଲ୍ଲୀ ଓ ଆଖପାଖ ଜିଲ୍ଲାରୁ ଅତିରିକ୍ତ ପୋଲିସ ସହ ଅର୍ଦ୍ଧସାମରିକ ବାହିନୀ ମୋତୟନ କରାଯାଇଛି। ସମଗ୍ର ▶ପୃଷ୍ଠା-୭

# ନଡ୍ଡାଙ୍କୁ ଭେଟିଲେ ସିଜେପି ନେତା

■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ମାମଲାରେ ସରକାରଙ୍କ ଦାୟିତ୍ୱବୋଧ ଦାବିକରିକକ୍ରୋଚ୍‌ଜନତାପାର୍ଟିରଏକପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ସରକାରଙ୍କ ଆଗରେ ତିନୋଟି ପ୍ରମୁଖ ଦାବି ରଖାଯାଇଥିବା ବେଳେ, ଏହି ସମ୍ପର୍କରେ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବା ପାଇଁ ନଡ୍ଡା କିଛି ସମୟ ମାଗିଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ତୁରନ୍ତ ମୁକ୍ତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଆତ୍ମହତ୍ୟା କରିଥିବା ନିଟ୍ ପରୀକ୍ଷାର୍ଥୀଙ୍କ ପରିବାରକୁ ଏକ କୋଟି ଟଙ୍କାର



କ୍ଷତିପୂରଣ ପ୍ରଦାନ ଅନ୍ତର୍ଭୁକ୍ତ। ନଡ୍ଡା ସେମାନଙ୍କୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇନଥିବା ସିଜେପି ପ୍ରତିନିଧି କହିଛନ୍ତି। କେବଳ ଧାରଣା ପ୍ରତ୍ୟାହାର କରିବା ଲାଗି ମନ୍ତ୍ରୀ ସେମାନଙ୍କୁ

**ଗୃହମନ୍ତ୍ରୀଙ୍କ ସହ ଆଲୋଚନା କଲେ ଧର୍ମେନ୍ଦ୍ର ପ୍ରଧାନ**

ପରାମର୍ଶ ଦେଇଥିବା କହିଛନ୍ତି। ମନ୍ତ୍ରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ସମୟରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦ ଭବନ ସ୍ଥିତ କାର୍ଯ୍ୟାଳୟରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକ ପ୍ରାୟ ୪ ଘଣ୍ଟା ଧରି ଚାଲିଛି। କିନ୍ତୁ ସେମାନଙ୍କ ମଧ୍ୟରେ କଣ ଆଲୋଚନା ହୋଇଛି, ତାହା ଜଣାପଡ଼ି ନାହିଁ।

# ଆରମ୍ଭରୁ ସଂସଦରେ ହଙ୍ଗାମା

■ ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ନିଟ୍ ପରୀକ୍ଷାରେ ବିଭ୍ରାଟ ପ୍ରତିବାଦରେ ସଂସଦ ବାହାରେ ଆନ୍ଦୋଳନକାରୀ ବିକ୍ଷୋଭ କରୁଥିବା ବେଳେ ଏହାର ପ୍ରଭାବ ଆଜି ସଂସଦରେ ମଧ୍ୟ ଦେଖିବାକୁ ମିଳିଛି। ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ଘଟଣାରେ ସଂସଦ ଅଚଳ ହୋଇପଡ଼ିଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଏବଂ ସ୍ଲୋଗାନବାଜି ଯୋଗୁଁ ସଂସଦରେ ଆଜି କୌଣସି କାର୍ଯ୍ୟ ହୋଇପାରି ନାହିଁ। ହଟ୍ଟଗୋଳ ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ସଂସଦ ଚଳାଇବା ଲାଗି ସରକାର ଉଦ୍ୟମ କରି ବିଫଳ ହେବାପରେ ଉଭୟ ଗୃହକୁ ଆଜି



**ନିଟ୍ ପରୀକ୍ଷା ଓ ରାମ ମନ୍ଦିର ଚୋରି ପ୍ରସଙ୍ଗରେ ସଂସଦ ଅଚଳ**

**ବିନା କୌଣସି କାର୍ଯ୍ୟରେ ଉଭୟ ଗୃହ ଦିନକ ପାଇଁ ମୁଲତବୀ**

ଦିନକ ପାଇଁ ମୁଲତବୀ କରି ଦିଆଯାଇଛି।

ସଂସଦର ମୌସୁମୀ ଅଧିବେଶନ ଆଜି ଆରମ୍ଭ ହେବାମାତ୍ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ ଉଠାଇ କହିଲେ ଯେ ଏବେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଙ୍କଟ ଭିତରକୁ ଠେଲି ହୋଇଯାଇଛି। ଏହାର ପ୍ରତିବାଦ କରୁଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଦମନଲୀଳା ଚଳାଇଛି। ଛାତ୍ରଛାତ୍ରୀମାନଙ୍କୁ ଆକ୍ରମଣ କରି ସରକାର ସେମାନଙ୍କର ସ୍ୱର ଚାପିବାକୁ ଉଦ୍ୟମ ▶ପୃଷ୍ଠା-୭

## ଜାପାନୀ ଟିକାକୁ ମଞ୍ଜୁରୀ ଦେଲେ କେନ୍ଦ୍ର ସରକାର

# ଡେଙ୍ଗୁ ଭଲ କରିବ 'କ୍ୟୁଡେଙ୍ଗା'

■ ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ଭାରତରେ ଡେଙ୍ଗୁ ମହାମାରୀ ପ୍ରତିରୋଧ କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟ ସୃଷ୍ଟି ହୋଇଛି। ଦେଶର ମୁଖ୍ୟ ଔଷଧ ନିୟନ୍ତ୍ରକ 'ଡ୍ରଗ୍ସ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ' (ଡିସିଜିଆଇ) ଜାପାନର ପ୍ରସିଦ୍ଧ ଔଷଧ ନିର୍ମାତା କମ୍ପାନୀ ଟାକେଡାର ଡେଙ୍ଗୁ ଟିକା 'କ୍ୟୁଡେଙ୍ଗା'କୁ ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୪ ରୁ ୬୦ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଅନୁମୋଦିତ ଏହି ଟିକା ଭାରତର ପ୍ରଥମ ସ୍ୱୀକୃତିପ୍ରାପ୍ତ ଡେଙ୍ଗୁ ଟିକା ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂତନ ଆଶାର କିରଣ ଦେଖାଇଛି। ଏହି ଟିକାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି,





ପୂର୍ବରୁ କୌଣସି ବ୍ୟକ୍ତିଙ୍କୁ ଡେଙ୍ଗୁ ହୋଇଛି କି ନାହିଁ, ତାହା ପରୀକ୍ଷା ନକରି ମଧ୍ୟ ଏହାକୁ ଗ୍ରହଣ କରାଯାଇପାରିବ। ଡେଙ୍ଗୁ ଭୂତାଣୁର ସମସ୍ତ ଚାରୋଟି ପ୍ରକାର (ସେରୋଟାଇପ୍) ବିରୋଧରେ ଏହା ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବାରେ ସକ୍ଷମ। 'କ୍ୟୁଡେଙ୍ଗା' ହେଉଛି ଏକ ଟେଟ୍ରାଭାଲେଣ୍ଟ, ଲାଇଭ୍-ଆଟେନୁଏଟେଡ୍ ଟିକା। ଏହାକୁ ଚର୍ମ ତଳେ ୦.୫ ମିଲିଲିଟର ପରିମାଣରେ ଦୁଇଟି ଡୋଜ୍ ଆକାରରେ ଦିଆଯାଏ। ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ତିନି ମାସର ବ୍ୟବଧାନ ରହିବା ବାଧ୍ୟତାମୂଳକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ▶ପୃଷ୍ଠା-୭

# ତ୍ରିପୁରା ଡିଜିପିଙ୍କ ଆତ୍ମହତ୍ୟା

■ ଅଗରତଲା, ୨୦।୭(ଏଜେନ୍ସି): ତ୍ରିପୁରା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅନୁରାଗ ଧନଖଡ଼ଙ୍କର ଆଜି ଅଗରତଲାସ୍ଥିତ ପୋଲିସ ମୁଖ୍ୟାଳୟରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ୧୯୯୪ ବ୍ୟାଚ୍‌ର ଏହି ବରିଷ୍ଠ ଆଇପିଏସ ଅଧିକାରୀଙ୍କ ମୃତ୍ୟୁର ପ୍ରାଥମିକ କାରଣ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ହେଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଏହାର ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସୋମବାର ପୂର୍ବାହ୍ଣରେ ଡିଜିପି ଅନୁରାଗ ଧନଖଡ଼ଙ୍କୁ ତାଙ୍କ ଅଫିସ ଭିତରୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ତାଙ୍କୁ ଜିବି ପନ୍ତ



ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତ୍ରିପୁରାର ମୁଖ୍ୟମନ୍ତ୍ରୀ ମାଣିକ ସାହା, ମୁଖ୍ୟ ଶାସନ ସଚିବ ଜେକେ ସିହ୍ନା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ପୁଲିସ ମୁଖ୍ୟାଳୟ ଓ ହସ୍ପିଟାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ମାଜିଷ୍ଟ୍ରେଟ୍ ପର୍ଯ୍ୟାୟର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଏହି ଘଟଣାକୁ ନେଇ ରାଜ୍ୟରେ ରାଜନୈତିକ ସରଗରମ ବୃଦ୍ଧି ପାଇଛି। ବିରୋଧୀ ଦଳ ନେତା ଜିତେନ୍ଦ୍ର ଚୌଧୁରୀ ଏହାର ନିରପେକ୍ଷ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ▶ପୃଷ୍ଠା-୭

# ବଜ୍ରପାତରେ ଗଲା ତିନି ଜୀବନ

■ ମୋରଡ଼ା/ହାଟଡ଼ିହୀ, ୨୦।୭ (ସମିସ): ସୋମବାର ବଜ୍ରପାତରେ ତିନିଟି ଜୀବନ ଦୀପ ଅକାଳରେ ଲିଭି ଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ରବୀନ୍ଦ୍ର ବେହେରା ଘର ପିଣ୍ଡାରେ ଛିଡ଼ା ହୋଇଥିବା ସମୟରେ ବ୍ରଜାଘାତରେ ଗୁରୁତର ହୋଇ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ମୋରଡା ଥାନା ଅଧୀନ ଘୋଳମୁହାଁ ଗ୍ରାମର ମହିଳା ଜବା ବାସ୍କେ ବିଲରେ ଚାଷକାର୍ଯ୍ୟ କରୁଥିବା ସମୟରେ ବଜ୍ରପାତରେ ସେଠାରେ ଟଳିପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ଦୁଇ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ସହ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ▶ପୃଷ୍ଠା-୭

## ଘୋଷଯାତ୍ରା ପାଇଁ ପୁଲିସ ମାଲମାଲ; ପୁରୀ ରକ୍ତରଞ୍ଜିତ

# ବିଳମ୍ବିତ ରାତିରେ ବେକ କାଟି ହତ୍ୟା

■ ପୁରୀ, ୨୦।୭ (ସମିସ): ରଥଯାତ୍ରା ପାଇଁ ପୁରୀରେ ମାଳ ମାଳ ସୁରକ୍ଷା କର୍ମୀ। ବରିଷ୍ଠ ପୁଲିସ ଅଧିକାରୀମାନେ ବି ଡେରା ପକାଇଛନ୍ତି। ହେଲେ ଏଭଳି କଡ଼ା ସୁରକ୍ଷା ବ୍ୟବସ୍ଥାକୁ ବି ଅପରାଧୀଙ୍କର ଖାତିର୍ ନାହିଁ। ପୁରୀ ସହର ଉପକଣ୍ଠ ଚନ୍ଦନପୁର ଥାନା ଅଞ୍ଚଳରେ ଏକ ନିର୍ମମ ହତ୍ୟାକାଣ୍ଡ ହିଁ ଏହାକୁ ସ୍ପଷ୍ଟ କରୁଛି। ରବିବାର ବିଳମ୍ବିତ ରାତିରେ ପୁଟ ଗାଁର ସନାତନ ପଲେଇ ଓରଫ ସନିଆ (୫୨)ଙ୍କ ବେକ କାଟି ହତ୍ୟା କରାଯାଇଛି। ତେବେ ହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ପୂର୍ବ ଶତ୍ରୁତା ଯୋଗୁଁ ଏହି ହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ଅନୁଯାୟୀ, ରବିବାର ସନାତନ ଗାଁଠୁ ଦୂର ତାଙ୍କ ନିଜ କୁଡ଼ିଆ ଘରେ ଏକୁଟିଆ ଶୋଇଥିଲେ। କିଛି ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିଥିଲେ। ସନାତନ ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ତାଙ୍କର ଏକ ଗୋଡ଼ ଖରାପ ଯୋଗୁଁ ସେ ଠିକ୍ ଭାବେ ଚଲାବୁଲା କରିପାରନ୍ତି ନାହିଁ। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଆକ୍ରମଣକାରୀ ତାଙ୍କ ମୃତଦେହ ନିକଟସ୍ଥ ଏକ ଜୋରରେ ଫିଙ୍ଗି ଦେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ପରିବାର ▶ପୃଷ୍ଠା-୭

# ରାଜ୍ୟବ୍ୟାପୀ ସାର ସଙ୍କଟ; ସରକାର ବେଫିକର୍

## ଧାନ ବେଉଷଣ ପାଇଁ ଚାଷୀ ମାଗୁଛନ୍ତି ୟୁରିଆ, ଡିଏପି; ସରକାର କହୁଛନ୍ତି ଆମୋନିୟମ ସଲ୍‌ଫେଟ୍ ନିଅ

■ ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଚଳିତ ଜୁଲାଇ ମାସରେ ଭଲ ମୌସୁମୀ ବର୍ଷା ପରେ ଚାଷୀମାନେ ଖରିଫ ଧାନ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ହେଲେ ଏତିକି ବେଳେ ଦେଖାଦେଇଥିବା ସାର ସଙ୍କଟ ଚାଷ ପାଇଁ ଚାଷୀଙ୍କ ସରାଗ ଭାଙ୍ଗିଦେଇଛି।

ରାଜ୍ୟର ଏକାଧିକ ଜିଲ୍ଲାରେ ୟୁରିଆ ଏବଂ ଡିଏପି ସାର ପାଇଁ ଚାଷୀ ରାତି ଅଧରୁ ପାକ୍ସ ଓ ଲ୍ୟାମ୍ପ୍‌ସ ଆଗରେ ଆଧାର କାଡର୍ ଦେଇ ଧାଡ଼ି ବାନ୍ଧି ଛିଡ଼ା ହେଉଛନ୍ତି। ମାତ୍ର ସେମାନଙ୍କୁ ଆବଶ୍ୟକ ପରିମାଣରେ ସାର ମିଳୁ ନାହିଁ। ହେଲେ ଖୋଲାବଜାରରେ ଚଢ଼ା ଦରରେ କିନ୍ତୁ ସାର ଯାହାକୁ ଯେତେ ମିଳୁଥିବା ପରିଲକ୍ଷିତ ହେଉଛି। ଏହାକୁ ନେଇ ଚାଷୀ ମହଲରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ସମାନ

**ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାରକୁ ପ୍ରୋତ୍ସାହନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ**

**ଉପମୁଖ୍ୟମନ୍ତ୍ରୀଙ୍କ ଅଜବ ଯୁକ୍ତି, କମ୍ ସାର ସ୍ୱାସ୍ଥ୍ୟକୁ ହିତ**

**ସାର ଉପରେ ସରକାରଙ୍କର କିଛି ଜ୍ଞାନ ନାହିଁ: କଂଗ୍ରେସ**

**ଚାଷୀଙ୍କୁ ଭୂଆଁ ବୁଲାଉଛନ୍ତି ସରକାର: ବିଜେଡି**



ସମୟରେ ସରକାରଙ୍କ ଏକ ନିର୍ଦ୍ଦେଶନାମା ଏହି ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ଧାନତଳି ଓ ରୁଆପୋତା ପାଇଁ ଚାଷୀଙ୍କୁ ଏବେ ୟୁରିଆ ଓ ଡିଏପି ସାର ଆବଶ୍ୟକ ଥିବାବେଳେ ରାଜ୍ୟ ସରକାର ଏହା ବଦଳରେ ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ।

ସୂଚନାଯୋଗ୍ୟ ଯେ ଚଳିତ ଖରିଫ୍ ଋତୁ ପାଇଁ ସମଗ୍ର ରାଜ୍ୟରେ ପ୍ରାୟ ୫.୫୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଏବଂ ୧.୪୫ ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ଆବଶ୍ୟକ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଆବଶ୍ୟକତାଠାରୁ ବହୁତ କମ୍ ଅର୍ଥାତ୍ ପ୍ରାୟ ୨.୨୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଓ ୬୩,୦୦୦ ମେଟ୍ରିକ୍ ଟନ୍ ଡିଏପି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ପାକ୍ସ, ଲାମ୍ପ୍‌ସ ଏବଂ ଖୁଚୁରା ବ୍ୟବସାୟୀଙ୍କ ପାଖରେ ପହଞ୍ଚିଛି। ଫଳରେ ରାଜ୍ୟବ୍ୟାପୀ ସାର ସଙ୍କଟ ▶ପୃଷ୍ଠା-୭

## ଛାତ୍ର ଅଶାନ୍ତ; ପୁଲିସ ହିଂସ୍ର



ସୋମବାର ଦିନ ଦିଲ୍ଲୀରେ ନ୍ୟାୟ ମାଗୁଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଦମନଲୀଳା

# ଏସ୍‌ଆଇଟି ଦ୍ୱାରା ତଦନ୍ତ ପାଇଁ ପରାମର୍ଶ ଦେଲେ ସୁପ୍ରିମକୋର୍ଟ

## ରାମ ମନ୍ଦିର ଚାନ୍ଦା ଚୋରି

ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ସୋମବାର ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ କୌଣସି ପ୍ରକାର ରାଜନୀତି ନକରିବାକୁ ସମସ୍ତ ପକ୍ଷଙ୍କୁ ଅନୁରୋଧ କରିବା ସହିତ ଦାନ ଚୋରି ମାମଲାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା ଯାଞ୍ଚ କରାଯିବାକୁ କୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଏହି ଆର୍ଥିକ ଘୋଟାଲାର ତଦନ୍ତ ସ୍ଥାନୀୟ ପୁଲିସ ଦ୍ୱାରା କରାଯାଉଛି। ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି ଯେ ଏହି ମାମଲାର ଯାଞ୍ଚ ପୁଲିସ ବଦଳରେ ଏସଆଇଟି କରାଗଲେ ଭଲହୁଅନ୍ତା। ଯେଉଁ ଏସଆଇଟି ପ୍ରାଥମିକ ଯାଞ୍ଚ କରି ରିପୋର୍ଟ ଦେଇଥିଲା, ସେହି ଏସଆଇଟି ଏବେ ପୁଲିସ ବଦଳରେ ଏହାର ଯାଞ୍ଚ କରୁ ବୋଲି କୋର୍ଟ ମତ ଦେଇଥିଲେ। ତେବେ କୋର୍ଟଙ୍କ ବିନା ଅନୁମତିରେ ଏହି ଏସଆଇଟିରେ ପୁନର୍ଗଠନ ନକରିବାକୁ କୋର୍ଟ କହିଛନ୍ତି। ରାଜ୍ୟ ସରକାର ଏସଂପର୍କରେ ତାଙ୍କର ମତାମତ ଜଣାଇବା ଲାଗି କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଏକ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣି ବେଳେ ପ୍ରଧାନ ବିଚାରପତି କହିଲେ ଯେ, 'ଏହା ଏକ ସାଧାରଣ ଅପରାଧିକ ମାମଲା ଏବଂ ଏହାର ଉପଯୁକ୍ତ ତଦନ୍ତ ଆବଶ୍ୟକ'। ଏଥିପାଇଁ ଆବଶ୍ୟକ ପ୍ରକ୍ରିୟା ବିଷୟରେ ଅବଗତ କରିବାକୁ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କୋର୍ଟଙ୍କୁ କହିଥିଲେ। ମାମଲାର ନିରପେକ୍ଷ ଓ ସଠିକ୍ ତଦନ୍ତ ସୁନିଶ୍ଚିତ କରିବା ହିଁ କୋର୍ଟଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବେଞ୍ଚ ସ୍ପଷ୍ଟ କରିଛନ୍ତି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ହିସାବପତ୍ରର ଫୋରେନ୍ସିକ୍ ଅଡିଟ୍, କମ୍ପ୍ଟ୍ରୋଲର୍ ଏବଂ ଅଡିଟର୍ ଜେନେରାଲ୍ (ସିଏଜି)ଙ୍କ ଦ୍ୱାରା ଯାଞ୍ଚ ଏବଂ ସିବିଆଇ କିମ୍ବା କୋର୍ଟ-ପରିଚାଳିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଦ୍ୱାରା ମାମଲାର ତଦନ୍ତ କରାଯିବାକୁ ଦାବି କରି ଏକାଧିକ ପିଟିସନ୍ ଦାୟର ହୋଇଥିଲା। ଶୁଣାଣି ବେଳେ ସୋଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ, ଏସଆଇଟି ତଦନ୍ତ ଆଧାରରେ ଏପର୍ଯ୍ୟନ୍ତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପ୍ରାୟ ୮୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ବିବାଦ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସୁପ୍ରିମ୍ କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେହିଦିନ ଉତ୍ତର ପ୍ରଦେଶ ସରକାର ଏସଆଇଟି ତଦନ୍ତର ଅଗ୍ରଗତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇବେ।



# ସିସିଟିଭି ଜରିଆରେ ପୁଲିସ ଆନ୍ଦୋଳନକାରୀଙ୍କୁ ଖୋଜୁଛି

ନୂଆଦିଲ୍ଲୀ, ୨୦।୭(ଏଜେନ୍ସି): କକ୍ରୋଚ୍ ପାର୍ଟିର 'ସଂସଦ ଚଲୋ' ଅଭିଯାନ ବେଳେ ପୁଲିସ ଏବଂ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ଦିଲ୍ଲୀରେ ଆଜି ଭୀଷଣ ଉତ୍ତେଜନା ପ୍ରକାଶ ପାଇଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ଆହତ ହୋଇଥିବା ବେଳେ ୫୦ରୁ ଅଧିକ ପୁଲିସ ମଧ୍ୟ ଆହତ ହୋଇଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ବିକ୍ଷୋଭ ବେଳେ ଅନେକ ବାହାର ଲୋକ ପଶି ଆସି ବ୍ୟାପକ ଭଙ୍ଗାରୁଜା କରିବା ସହିତ ପୁଲିସ ଉପରକୁ ଆକ୍ରମଣ କରିଛନ୍ତି। ହିଂସାରେ ଲିପ୍ତ ଥିବା ଲୋକଙ୍କୁ ଧରିବା ଲାଗି ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ଏହା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ■ ଅନଶନ ଜାରି ରଖିବେ ୱାଙ୍ଗଚୁକ୍

ଇତିମଧ୍ୟରେ ବିଶିଷ୍ଟ ପରିବେଶବିତ୍ ସୋନମ୍ ୱାଙ୍ଗଚୁକ ତାଙ୍କର ଅନଶନ ଜାରି ରଖିବେ ବୋଲି କହିଛନ୍ତି। ସଫଦରଜଙ୍ଗ ହସପିଟାଲରେ ଭର୍ତ୍ତି ହୋଇଥିବା ୱାଙ୍ଗଚୁକ୍ କହିଛନ୍ତି ଯେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ। ଇତିମଧ୍ୟରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ନେଇ ଦିଲ୍ଲୀ ହାଇକୋର୍ଟ ସମ୍ପୂର୍ଣ୍ଣ ମେଡିକାଲ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମ୍ସ (ଏଆଇଆଇଏମ୍ଏସ୍), ସଫଦରଜଙ୍ଗ ହସ୍ପିଟାଲ ଏବଂ ବ୍ୟକ୍ତିଗତ ପ୍ରୟୋଗଶାଳାର ସମସ୍ତ ପରୀକ୍ଷା ରିପୋର୍ଟ ସହ ଆଜିର ରକ୍ତ ନମୁନା ପରୀକ୍ଷା ରିପୋର୍ଟ ମଙ୍ଗଳବାର ସୁଦ୍ଧା କୋର୍ଟରେ ଦାଖଲ କରିବାକୁ କହିଛନ୍ତି। କିଛି ସପ୍ତାହ ଧରି ଅନଶନରେ ଥିବା ହେତୁ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ କେନ୍ଦ୍ର ସରକାର ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏହାକୁ ନେଇ ତାଙ୍କର ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ସ୍ଥଳପଥରେ ଆକ୍ରମଣ ପାଇଁ ଆମେରିକାର ଧମକ

## ଆମେ ଅପେକ୍ଷା କରିଛୁ: ଇରାନ

ତେହରାନ୍, ୨୦।୭(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ ଦ୍ୱୀପ ଖାର୍ଗ ଦଖଲ କରିବା ନେଇ ଦେଇଥିବା ଚେତାବନୀ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆମେରିକାର ଯେକୌଣସି ସ୍ଥଳପଥ ଆକ୍ରମଣ କିମ୍ବା ଦୁଃସାହସିକ ପଦକ୍ଷେପର କଡ଼ା ଜବାବ ଦିଆଯିବ ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘେଇ କହିଛନ୍ତି ଯେ, ଆମେରିକୀୟ ସୈନ୍ୟମାନଙ୍କୁ ସ୍ୱାଗତ କରିବା ପାଇଁ ଇରାନର ସେନା ଓ ଜନସାଧାରଣ ସଜାଗ ହୋଇ ରହିଛନ୍ତି। ଆମେରିକା ଯଦି କୌଣସି ଆକ୍ରମଣ କରେ, ତେବେ ତାହାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଇରାନର ବୁଶେହର ପ୍ରଦେଶ ଉପକୂଳରୁ ୫୫ କିଲୋମିଟର ଦୂରରେ ଅବସ୍ଥିତ 'ଖାର୍ଗ' ଦ୍ୱୀପ ହେଉଛି ଇରାନର ତୈଳ ଶିଳ୍ପର ପ୍ରମୁଖ କେନ୍ଦ୍ର। ଇରାନର ମୋଟ ଅଶୋଧିତ ତୈଳ ରପ୍ତାନିର ପ୍ରାୟ ୯୦ ପ୍ରତିଶତ ଏହି ଦ୍ୱୀପ ମାଧ୍ୟମରେ ହୋଇଥାଏ। ଏହି ସ୍ଥାନକୁ କବଜା କରି ଇରାନର ଅର୍ଥନୀତିକୁ ପଙ୍ଗୁ କରିବାକୁ ଆମେରିକା ଯୋଜନା କରୁଥିବା ନେଇ ଆଲୋଚନା ହେଉଛି। ବାଘେଇ ପୂର୍ବରୁ ସ୍ୱାକ୍ଷରିତ ମଧ୍ୟବର୍ତ୍ତୀକାଳୀନ ୧୪-ଦଫା ସମ୍ବଳିତ ଚୁକ୍ତିନାମାକୁ ସ୍ମରଣ କରାଇ କହିଛନ୍ତି ଯେ, ଚୁକ୍ତିରେ କୌଣସି ଅସ୍ପଷ୍ଟତା ନାହିଁ ଏବଂ ଆମେରିକା ଏଥିରୁ ଓହରିଯିବା ପାଇଁ କୌଣସି ବାହାନା କରିପାରିବ ନାହିଁ। ଏହା ସହିତ ହର୍ମୁଜ ପ୍ରଣାଳୀର ପରିଚାଳନା ଦାୟିତ୍ୱ ଇରାନ ନିକଟରେ ରହିବ ବୋଲି ସେ ଦୋହରାଇଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଆମେରିକୀୟ ସେନା ବିମାନ ଆକ୍ରମଣ ସହ ସ୍ଥଳପଥରେ ଖାର୍ଗ ଦ୍ୱୀପ ଓ ଇରାନର ପରମାଣୁ କେନ୍ଦ୍ର ସହ ଜଡ଼ିତ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରିବାକୁ ପ୍ରସ୍ତୁତି ଚଳାଇଛି।



ସାମରିକ ବିଶେଷଜ୍ଞଙ୍କ ମତରେ, ଆମେରିକା ପାଖରେ ଦ୍ୱୀପ ଦଖଲ କରିବାର କ୍ଷମତା ଥିଲେ ମଧ୍ୟ ସେଠାରେ ନିଜର ନିୟନ୍ତ୍ରଣ ବଜାୟ ରଖିବା ଏବଂ ଇରାନର ମିସାଇଲ୍ ଓ ଡ୍ରୋନ ଆକ୍ରମଣରୁ ନିଜ ସୈନ୍ୟଙ୍କୁ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ହେବ। ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରାୟ ୫୦,୦୦୦ ସୈନ୍ୟ ମୁତୟନ ଥିବା ବେଳେ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଏହି ସାମରିକ ଉତ୍ତେଜନା କେବଳ ସେହି ଅଞ୍ଚଳ ନୁହେଁ, ବରଂ ସାରା ବିଶ୍ୱର ତୈଳ ଯୋଗାଣ ଓ ଶାନ୍ତି ପ୍ରତି ବଡ଼ ବିପଦ ସୃଷ୍ଟି କରିଛି।

# ଆଣ୍ଡି ବର୍ନହାମ୍ ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ

## ୧୦ ବର୍ଷରେ ୭ମ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୨୦।୭(ଏଜେନ୍ସି): ବ୍ରିଟେନର ରାଜନୈତିକ ସ୍ଥିତିରେ ପୁଣି ଏକ ବଡ ଧରଣର ପରିବର୍ତ୍ତନ ଘଟିଛି। ଗ୍ରେଟର ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହାମ୍ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କେର ଷ୍ଟାର୍ମର ନିଜ ପଦବୀରୁ ଇସ୍ତଫା ଦେବା ପରେ, ବର୍ନହାମ୍ ଲେବର ପାର୍ଟିର ନୂଆ ନେତା ଭାବେ ନିର୍ବାଚିତ ହୋଇ ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ସେ ବ୍ରିଟେନର ସପ୍ତମ ପ୍ରଧାନମନ୍ତ୍ରୀ। ସୋମବାର କିଙ୍ଗ ଚାର୍ଲସ ତୃତୀୟ ବକିଂହାମ୍ ପ୍ୟାଲେସରେ ଷ୍ଟାର୍ମରଙ୍କ ଇସ୍ତଫା ପତ୍ର ଗ୍ରହଣ କରିଥିଲେ। ଏହା ପରେ ସେ ଆଣ୍ଡି ବର୍ନହାମ୍‌ଙ୍କୁ ସାକ୍ଷାତ କରି ନୂତନ ସରକାର ଗଠନ କରିବା ପାଇଁ ଆନୁଷ୍ଠାନିକ ନିମନ୍ତ୍ରଣ ଜଣାଇଥିଲେ। ବର୍ନହାମ୍ ଏହି ନିମନ୍ତ୍ରଣକୁ ସ୍ୱୀକାର କରି ଦେଶର ଶାସନ ଭାର ଗ୍ରହଣ କରିଛନ୍ତି। ରାଜପ୍ରାସାଦ ପକ୍ଷରୁ ଜାରି ଏକ ସରକାରୀ ବିବୃତିରେ ବର୍ନହାମ୍‌ଙ୍କ ପ୍ରଧାନମନ୍ତ୍ରୀ ପଦବୀରେ ନିଯୁକ୍ତିକୁ ନିଶ୍ଚିତ କରାଯାଇଛି। ଦେଶରେ ଚାଲିଥିବା ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ମଧ୍ୟରେ ବର୍ନହାମ୍‌ଙ୍କ ନେତୃତ୍ୱରେ ଗଠିତ ନୂଆ ସରକାର ଦେଶକୁ ଏକ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି। ଗତ ୧୦ ବର୍ଷରେ ସେ ହେଉଛନ୍ତି ଦେଶର ୭ମ ପ୍ରଧାନମନ୍ତ୍ରୀ।



# ଆସାମରେ ପ୍ରଳୟଙ୍କରୀ ବନ୍ୟା; ୨ ଲକ୍ଷ ପ୍ରଭାବିତ




ଗୌହାଟୀ, ୨୦।୭(ଏଜେନ୍ସି): କ୍ରମାଗତ ପ୍ରବଳ ବର୍ଷା ଯୋଗୁଁ ଆସାମରେ ବନ୍ୟା ପରିସ୍ଥିତି ଅତି ଗମ୍ଭୀର ରୂପ ଧାରଣ କରିଛି। ରାଜ୍ୟର ୧୨ଟି ଜିଲ୍ଲାର ୩୦ଟି ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ୫୮୦ଟି ଗାଁର ପ୍ରାୟ ୧.୭ ଲକ୍ଷରୁ ଅଧିକ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଶିବସାଗର, ଚରାଇଦେଓ, ଜୋରହାଟ ଏବଂ ଦିବ୍ରୁଗଡ଼ ଭଳି ଜିଲ୍ଲାଗୁଡିକ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ଜଲ୍ ରାହତ୍' ଅଭିଯାନ ଆରମ୍ଭ କରାଯାଇଛି। ସେନାବାହିନୀ, ଅସାମ ରାଇଫଲ୍ସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍) ମିଳିତ ଭାବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରଖିଛନ୍ତି। ବନ୍ୟା ଜଳରେ ବହୁ ଘରଦ୍ୱାର, ଚାଷଜମି ଏବଂ ରେଳଧାରଣା ବୁଡିଯିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଗୌହାଟୀ ସହରରେ ମଧ୍ୟ ବ୍ୟାପକ କୃତ୍ରିମ ବନ୍ୟା ଦେଖାଦେଇଛି, ଯାହା ଫଳରେ ଲୋକଙ୍କ ଘରେ ପାଣି ପଶି ନାହିଁ ନଥିବା ଅସୁବିଧା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ଚାରିଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସିଧାସଳଖ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ରିଲିଫ୍ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗାଡ଼ିରେ ନିଆଁ ଲାଗି ପରିବାରର ୪ ଜଣଙ୍କ ସହ ୬ ଦଗ୍ଧ

ୱାର୍ଦ୍ଧା, ୨୦।୭(ଏଜେନ୍ସି): ମହାରାଷ୍ଟ୍ରର ୱାର୍ଦ୍ଧା ଜିଲ୍ଲା ସମୃଦ୍ଧି ମହାମାର୍ଗରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ କାର୍ ପଛରେ ପିଟି ହୋଇ ଓଲଟି ପଡ଼ିବା ଫଳରେ ଦୁଇଟିଯାକ ଗାଡିରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇ ଗୋଟିଏ ପରିବାରର ଚାରି ଜଣଙ୍କ ସମେତ ମୋଟ ଛଅ ଜଣ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ରାତି ପ୍ରାୟ ତିନିଟା ସମୟରେ ପୂର୍ବରୁ ଘଟିଥିବା ଏକ ଦୁର୍ଘଟଣା ଯୋଗୁଁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାତାୟାତ ପରିବର୍ତ୍ତନ କରାଯାଇଥିଲା। ଏହି ସମୟରେ ପୁଣେରୁ ନିଜ ଝିଅକୁ ଛାଡି ଫେରୁଥିବା ଏକ କାର୍‌କୁ ଲଙ୍କା ବୋଝେଇ ଟ୍ରକ୍ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡିରେ ନିଆଁ ଲାଗିଯିବାରୁ କାର୍‌ରେ ଥିବା ରାଜେଶ ଟିପ୍ଲେ, ତାଙ୍କ ପତ୍ନୀ ସୁଷମା, ଝିଅ ଜାହ୍ନବୀ, ଗାଡି ଚାଳକ ଅଙ୍କୁଶ ରାଉତ ଏବଂ ଟ୍ରକ୍ ଚାଳକ ସଞ୍ଜୟ କୁମାର ଓ ସହାୟକ ସମରଜିତ୍ ପାଲ୍‌ଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ହାଇୱେ ପୁଲିସ, ଦମକଳ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଯାତାୟାତ ସ୍ୱାଭାବିକ କରିଛନ୍ତି। ସମୃଦ୍ଧି ମହାମାର୍ଗରେ ଗତ ବର୍ଷଗୁଡିକରେ ସଡକ ଦୁର୍ଘଟଣା ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ନେଇ ଚିନ୍ତା ବୃଦ୍ଧି ପାଇଛି।






# ପରିବା ବଜାରରେ ନିଆଁ

## ଡିସେମ୍ବର ଯାଏ ନିସ୍ତାର ନାହିଁ



ଭୁବନେଶ୍ୱର,୨୦।୭ (ସମିସ): ରାଜ୍ୟରେ ପରିବା ଦରରେ ଅସ୍ୱାଭାବିକ ବୃଦ୍ଧି ଦେଖାଦେଇଛି। ମାତ୍ର ଦୁଇ ଦିନ ମଧ୍ୟରେ ପ୍ରାୟ ସମସ୍ତ ପରିବାର ଦର କିଲୋ ପିଛା ୧୦ରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ପରିମାଣରେ ପରିବା ଫସଲ ନଷ୍ଟ ହୋଇଥିବାବେଳେ ସ୍ଥାନୀୟ ଉତ୍ପାଦନ ହ୍ରାସ ପାଇଛି। ଫଳରେ ବଜାରରେ ପରିବାର ଅଭାବ ସୃଷ୍ଟି ହୋଇ ବ୍ୟବସାୟୀମାନେ ପ୍ରାୟସମ୍ପୂର୍ଣ୍ଣ ଭାବେ ବାହାର ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରୁଛନ୍ତି। ଏହାର ପ୍ରଭାବ ସିଧାସଳଖ ଭାବେ ଖାଉଟିଙ୍କ ପକେଟ୍ ଉପରେ ପଡ଼ିଛି। ସପ୍ତାହକ ପୂର୍ବରୁ ଯେଉଁ ପରିବାର ଦର କିଲୋ ପିଛା ୫୦ ଟଙ୍କା ମଧ୍ୟରେ ସୀମିତ ଥିଲା, ବର୍ତ୍ତମାନ ତାହା ୭୦ ଟଙ୍କା ଛୁଇଁଛି। କେତେକ ପରିବା ଦର ୧୦୦ ଟଙ୍କା ଅତିକ୍ରମ କରିଥିବାବେଳେ ଅଧିକାଂଶ ପରିବା ଦର ୬୦ ଟଙ୍କାରୁ କମ୍ ନାହିଁ। ଭେଣ୍ଡି କିଲୋ ୬୦ ଟଙ୍କା, କଖାରୁ ୪୦ ଟଙ୍କା, କ୍ୟାପସିକମ୍ ୧୨୦ ଟଙ୍କା, ଗାଜର ୬୦ ଟଙ୍କା, ବିନ୍ସ ୧୬୦ ଟଙ୍କା, କାକୁଡ଼ି ୬୦ ଟଙ୍କା, ଜହ୍ନି ୬୦ ଟଙ୍କା, ବାଇଗଣ ୬୦ ଟଙ୍କା, ପୋଟଳ ୭୦ ଟଙ୍କା, ଧନିଆ ପତ୍ର ଓ ପୁଦିନାର ଗୋଟିଏ ବିଡ଼ା ୪୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କୋଶଳା ଶାଗ, କଳମ ଶାଗ, ଖଡ଼ା ଶାଗ ଓ ଲେଉଟିଆ ଶାଗର ଦର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। କିଛି ଦିନ ପୂର୍ବରୁ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ଟମାଟୋ ବର୍ତ୍ତମାନ ୪୦ ଟଙ୍କା ଅତିକ୍ରମ କରିଛି। ଦେଶୀ କାଙ୍କଡ଼ ଦର କିଲୋ ପିଛା ୨୦୦ ଟଙ୍କାରେ ପହଞ୍ଚିଥିବାବେଳେ ଫୁଲକୋବି ଗୋଟାକୁ ୭୦ ଟଙ୍କାରେ ବିକ୍ରି ହେଉଛି। ଆଳୁ କିଲୋ ୨୦ ଓ ପିଆଜ କିଲୋ ୪୦ରେ ପହଞ୍ଚିଛି।

ୟୁନିଟ୍-୧ କଞ୍ଚା ପରିବା ବ୍ୟବସାୟୀ ସଂଘର ସମ୍ପାଦକ କବିରାଜ ସ୍ୱାଇଁ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ସ୍ଥାନୀୟ ପରିବାର ଯୋଗାଣ ପ୍ରାୟ ଶେଷ ହୋଇଯାଇଛି। ଏହି କାରଣରୁ ବ୍ୟବସାୟୀମାନେ ପ୍ରାୟ ସମସ୍ତ ପରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଜହ୍ନି, କଲରା, ଭେଣ୍ଡି, ପୋଟଳ, କାଙ୍କଡ଼ ଓ ଲଙ୍କା ପଶ୍ଚିମବଙ୍ଗରୁ ଆସୁଥିବାବେଳେ ବନ୍ଧାକୋବି, ଫୁଲକୋବି, ଟମାଟୋ ଓ ବିନ୍ସ ମହାରାଷ୍ଟ୍ରରୁ ଆମଦାନୀ ହେଉଛି। ସେହିପରି ସଜନା ଛୁଇଁ ଓ କଖାରୁ ତାମିଲନାଡୁରୁ, ଅମୃତଭଣ୍ଡା, କଦଳୀ ଓ ମାଟିଆଳୁ ଆନ୍ଧ୍ରପ୍ରଦେଶରୁ ଏବଂ ଗାଜର ରାଜସ୍ଥାନର ଯୋଧପୁରରୁ ଆସୁଛି। ବାହାର ରାଜ୍ୟରୁ ପରିବା ଆମଦାନୀ କରିବାକୁ ଅଧିକ ପରିବହନ ଖର୍ଚ୍ଚ ବହନ କରିବାକୁ ପଡ଼ୁଛି। ତେଣୁ ପରିବାର ଦର ବୃଦ୍ଧି ପାଇବା ସ୍ୱାଭାବିକ। ଓଡ଼ିଶାରେ ନୂଆ ଫସଲ ବଜାରକୁ ଆସିବା ପର୍ଯ୍ୟନ୍ତ, ଅର୍ଥାତ୍ ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଉଚ୍ଚ ଦର ଜାରି ରହିପାରେ।

ଓଡ଼ିଶା ବର୍ଷସାରା ପ୍ରାୟ ୮୦ ପ୍ରତିଶତ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ବ୍ୟବସାୟୀମାନଙ୍କ ମତରେ, ଚାଷୀଙ୍କୁ ପରିବା ଚାଷ ପାଇଁ ଅଧିକ ପ୍ରୋତ୍ସାହନ, ଉନ୍ନତ ବିହନ, ସଂରକ୍ଷଣ ବ୍ୟବସ୍ଥା ଓ ଉପଯୁକ୍ତ ବଜାର ସୁବିଧା ଯୋଗାଇ ଦିଆଗଲେ ରାଜ୍ୟରେ ପରିବା ଉତ୍ପାଦନ ବୃଦ୍ଧି ପାଇବ। ଏହାଦ୍ୱାରା ବାହାର ରାଜ୍ୟ ଉପରେ ନିର୍ଭରଶୀଳତା କମିବା ସହ ଖାଉଟିମାନେ ମଧ୍ୟ ଦରବୃଦ୍ଧିରୁ ଆଶ୍ୱସ୍ତି ପାଇପାରିବେ।

## ଗାନ୍ଧୀମାର୍ଗରେ ଗର୍ଜିଲେ ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ

# ଅଗଷ୍ଟ ୯ରୁ ପାଠପଢ଼ା ବନ୍ଦ




ଭୁବନେଶ୍ୱର,୨୦।୭ (ସମିସ):: ୪ ଦଫା ଦାବି ପୂରଣ ନିମନ୍ତେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ୬୬୨ ବର୍ଗ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରମ୍ବାର ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଦୀର୍ଘଦିନ ଧରି ସେମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ହୋଇନଥିବାରୁ ଆନ୍ଦୋଳନକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସରକାରରେ ଥିବା ନେତାମାନେ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ସେହି ପ୍ରତିଶ୍ରୁତିକୁ ପାଳନ କରିବା ପରିବର୍ତ୍ତେ ବିପରୀତ ଆଭିମୁଖ୍ୟ ଗ୍ରହଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ସଂଘର ସଭାପତି ଗୋଲକ ନାୟକ କହିଛନ୍ତି ଯେ, ୬୬୨ ବର୍ଗ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ଗ୍ରାମାଞ୍ଚଳରେ ପ୍ରାୟ ୭୦ ପ୍ରତିଶତ ଉଚ୍ଚଶିକ୍ଷାର ଦାୟିତ୍ୱ ବହନ କରୁଛନ୍ତି। ତଥାପି ସେମାନେ ଦୀର୍ଘ ବର୍ଷ ଚାକିରି କରିବା ପରେ ଅବସର ଗ୍ରହଣ କଲେ କୌଣସି ପେନସନ କିମ୍ବା ଅବସରକାଳୀନ ସାମାଜିକ ସୁରକ୍ଷା ସୁବିଧା ପାଉନାହାନ୍ତି। ସୁପ୍ରିମକୋର୍ଟ ଓ ଓଡ଼ିଶା ହାଇକୋର୍ଟ ପେନ୍‌ସନ ପ୍ରଦାନ ସମ୍ପର୍କରେ ଅନୁକୂଳ ରାୟ ଦେଇଥିଲେ ମଧ୍ୟ ସରକାର ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଦାବି ସମାଧାନ କରିବା ପରିବର୍ତ୍ତେ କେବଳ କମିଟି ଗଠନ କରି ସମୟ ଗଡ଼ାଯାଉଛି। ଏହା ଫଳରେ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଅନିଶ୍ଚିତତା ମଧ୍ୟରେ ଜୀବନଯାପନ କରୁଛନ୍ତି। ସମସ୍ତ ଯୋଗ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ଅବସର ବୟସ ସୀମାକୁ ୬୨ ବର୍ଷକୁ ବୃଦ୍ଧି, ଅନୁଦାନରୁ ବଞ୍ଚିତ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଏବଂ ୬୬୨ ବର୍ଗ କଲେଜକୁ ସରକାରୀକରଣ ପାଇଁ ସେମାନେ ଦାବି କରିଛନ୍ତି। ସରକାର ଯଦି ତୁରନ୍ତ ସେମାନଙ୍କ ଦାବି ଉପରେ ସକାରାତ୍ମକ ନିଷ୍ପତ୍ତି ନ ନିଅନ୍ତି, ତେବେ ଆସନ୍ତା ଅଗଷ୍ଟ ୯, କ୍ରାନ୍ତି ଦିବସଠାରୁ ସମସ୍ତ ୬୬୨ ବର୍ଗ କଲେଜରେ ପାଠପଢ଼ା ବନ୍ଦ କରାଯିବ। ଏହା ସହ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ର କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଆମରଣ ଅନଶନ ମଧ୍ୟ କରାଯିବ ବୋଲି ସଂଘ ସ୍ପଷ୍ଟ କରିଛି। ସଂଘର ସାଧାରଣ ସମ୍ପାଦକ ସଦାପ ଉଦ୍ଦିନ ଅହମ୍ମଦ, ଡ. ଗଗନ ବେଉରା, ରଞ୍ଜନ ପ୍ରଧାନ, ଡ. ତପନ ଜେନା, ଡ. ଜ୍ୟୋତି ବସ୍ତିଆ, ଅଶୋକ ପୁରୋହିତ, ଗଜେନ୍ଦ୍ର ନାୟକ, ସଞ୍ଜୟ ଷଡ଼ଙ୍ଗୀ, ସଂଗ୍ରାମ ମଲ୍ଲିକଙ୍କ ସମେତ ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇଥିଲେ। ଆନ୍ଦୋଳନକୁ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଜାତୀୟ ଶିକ୍ଷକ ସଂଗଠନର ସଭାପତି ଅମିୟ ମହାନ୍ତି, ସରକାରୀ କଲେଜ ସଂଘର ସଭାପତି ଡ. ମାନସ ବେହେରାଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ ଓ ସାମାଜିକ କର୍ମୀ ସମର୍ଥନ ଜଣାଇଛନ୍ତି।

## ଘେରିଲା ବିଜେଡି

# ରଥଯାତ୍ରା ପରିଚାଳନାରେ ସରକାର ଅସମର୍ଥ

ଭୁବନେଶ୍ୱର,୨୦।୭ (ସମିସ): ରଥଯାତ୍ରାର ପରିଚାଳନାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିଛି। ଗତ ତିନିଟି ରଥଯାତ୍ରାରେ ଅବ୍ୟବସ୍ଥା ଜାରି ରହିଥିବାବେଳେ ଚଳିତ ବର୍ଷର ରଥଯାତ୍ରାରେ ଘଟିଥିବା ଦଳାଚକଟା ଘଟଣାକୁ ମଧ୍ୟ ସରକାର ଲୁଚାଇବାକୁ ଉଦ୍ୟମ କରୁଛନ୍ତି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ସର୍ବସାଧାରଣଙ୍କୁ ଭୁଆଁ ବୁଲାଇବାକୁ ମିଛ କହିଥିବା ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଏବଂ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ରଥଯାତ୍ରା ସମୟରେ ଘଟିଥିବା ଏହି ଅଘଟଣ କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ କରିଛି। ସରକାର ଏହାର ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ଘଟଣାକୁ ଲୁଚାଇବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦଳାଚକଟାରେ କୌଣସି ମୃତ୍ୟୁ ହୋଇନଥିବା କହିଥିଲେ ମଧ୍ୟ, ଶବ ବ୍ୟବଚ୍ଛେଦ ରିପୋର୍ଟରେ ଦଳାଚକଟା ଯୋଗୁଁ ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି। ସରକାର ରଥଯାତ୍ରା ସମୟରେ ପ୍ରକୃତରେ କ'ଣ ଘଟିଥିଲା, କେତେ ଜଣଙ୍କ ମୃତ୍ୟୁ ଓ କେତେ ଜଣ ଆହତ ହୋଇଥିଲେ, ସେ ନେଇ ସ୍ପଷ୍ଟ ସରକାର କୌଣସି ତଥ୍ୟ ସାର୍ବଜନୀନ କରୁନାହାନ୍ତି। ଦଳାଚକଟା ପରେ ଚାରିଜଣ ଗୁରୁତର ଆହତଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ ତିନିଜଣଙ୍କ ମୃତ୍ୟୁ ଘଟିଥିବା ସହ ୩୫୦ରୁ ଅଧିକ ଲୋକ ଆହତ ହୋଇଥିବା ସିଡିଏମଓଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର କେବଳ ଦୁଇଜଣଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇ ଅନ୍ୟ ଘଟଣା ସମ୍ପର୍କରେ ନିରବତା ଅବଲମ୍ବନ କରିଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ବାରମ୍ବାର ବୈଠକ ହୋଇଥିଲେ ମଧ୍ୟ ପ୍ରଶାସନର ବିଫଳତା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଛି। ରଥଯାତ୍ରା ଦେଖିବାକୁ ଆସିଥିବା ଶ୍ରଦ୍ଧାଳୁମାନେ ଶବ ହୋଇ ଘରକୁ ଫେରିଥିବାବେଳେ ସରକାର ନିଜ ଦୋଷ ସ୍ୱୀକାର କରିବାକୁ ମଧ୍ୟ ପ୍ରସ୍ତୁତ ନାହାନ୍ତି ବୋଲି ସେ କହିଛନ୍ତି। ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ କରି ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ଦାବି କରାଯାଇଛି। ସେହିପରି ପୂର୍ବବର୍ଷର ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଏବଂ ପହଣ୍ଡି ବିଜେ ବେଳେ ଚାରମାଳରୁ ପ୍ରଭୁ ବଳଭଦ୍ର ଖସିପଡ଼ିବା ଘଟଣାର ତଦନ୍ତ ରିପୋର୍ଟ ମଧ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନଥିବାରୁ ତାହାକୁ ମଧ୍ୟ ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଶ୍ରୀ ଦାସବର୍ମା ସୂର୍ଯ୍ୟାସ୍ତ ପରେ ରଥ ଟଣାଯିବା ସଂପର୍କରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୂର୍ଯ୍ୟାସ୍ତ ପରେ ରଥ ଟଣାଯିବାର ବ୍ୟବସ୍ଥା ନଥିବାବେଳେ କେଉଁ ପରିସ୍ଥିତିରେ ଏହି ନିଷ୍ପତ୍ତି ନିଆଗଲା, ସେନେଇ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।



■ ଦଳାଚକଟା ଘଟଣାକୁ ଚାପି ଦେବାକୁ ହୋଇଛି ଉଦ୍ୟମ
■ ମିଥ୍ୟା କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ
■ ମହାପ୍ରଭୁଙ୍କ ନାଁ ନେଇ ଖସିଯିବାକୁ ସରକାରଙ୍କ ଉଦ୍ୟମ

ବିଜେଡିର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ପୁରୀରେ ଘଟିଥିବା ଦଳାଚକଟା ଘଟଣା ସମସ୍ତ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲେ ମଧ୍ୟ ସରକାର ତାହାକୁ ସ୍ୱୀକାର କରୁନାହାନ୍ତି। ସରକାରୀ ଅବ୍ୟବସ୍ଥାକୁ ଲୁଚାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୁଲ୍ ତଥ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ସରକାର ଗଠନ ପରଠାରୁ କ୍ରମାଗତ ଭାବେ ରଥଯାତ୍ରା ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଉଛି। ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନାରେ ସରକାର ବିଫଳ ହୋଇଥିବାରୁ ରାଜ୍ୟର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ସରକାର ନିଜର ତ୍ରୁଟି ସ୍ୱୀକାର କରି ଦାୟିତ୍ୱ ନେବା ସହ ଘଟଣାର ସତ୍ୟାସତ୍ୟ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ଦୁଇ ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୦।୭ (ସମିସ): ରାଜ୍ୟ ସରକାର ଦୁଇ ଜଣ ଆଇଏଏସ୍‌ଙ୍କ ବଦଳି କରିଛନ୍ତି। ସରକାରଙ୍କୁ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଡଃ ପୋମା ଟୁଡୁଙ୍କୁ ଏସ୍‌ଟି, ଏସ୍‌ସି ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ମିଳିଛି। ଏହାସହିତ ପୂର୍ବଭଳି ସେ ଖାଦ୍ୟ ସୁରକ୍ଷା କମିଶନର, ଟିଡିସିସିଓଏଲ୍‌ର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଡଃ ପୋମା ଟୁଡୁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍‌ର ଏମ୍‌ଡି ଭାବେ କାର୍ଯ୍ୟରତ ଥିଲେ ଏବଂ ଉପରୋକ୍ତ ଅତିରିକ୍ତ ଦାୟିତ୍ୱ ମଧ୍ୟ ସମ୍ଭାଳୁଥିଲେ। ସେହିପରି, ୨୦୨୦ ବ୍ୟାଚ୍ ଆଇଏଏସ୍ ସ୍ମିତା ପାଣିଙ୍କୁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍ 'ଓଏସ୍‌ଏମ୍‌ସିଏଲ୍'ର ଏମ୍‌ଡି ଭାବେ ନିଯୁକ୍ତ କରାଯାଇଛି।

# ରାଜନଗରରେ ଝାଡ଼ାବାନ୍ତି; ୨୦ ଆକ୍ରାନ୍ତ

ରାଜନଗର, ୨୦।୭ (ସମିସ): ରାଜନଗର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଲଗାଣ ବର୍ଷା ସାଙ୍ଗକୁ ଭୋଜିଭାତ କାରଣରୁ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଢ଼ି ଚାଲିଛି। ଅଧିକାଂଶ ରୋଗୀ ମେଡିସିନ ନେଇ ଘରକୁ ଚାଲିଯାଇଥିବାବେଳେ ଗତ ୩ ଦିନରେ ୨୦ ଜଣ ରୋଗୀ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମହିଷାଁସୁର ଗ୍ରାମର ଚନ୍ଦ୍ରମଣି ଜେନା, ଚକ୍ରଧରପୁରର ଲିସାରାଣୀ ପାତ୍ର, ଏଣ୍ଡୁଲପୁରର ବାସନ୍ତୀ ରାଉତ, କହ୍ନୁଆର ପାଣ୍ଡବ ପ୍ରଧାନ, ବଳରାମପୁରର ସୀମା ନାୟକ, ନଉକଣାର ମଧୁସ୍ମିତା ନାୟକ, ପ୍ରମିଳା ପ୍ରଧାନ, ମଦନପୁରର ଶ୍ରୀମତୀ ନାୟକ, ରାଜନଗରର ପ୍ରଜ୍ଞାନ ମିଶ୍ର, ଗୋପାଳପୁରର ପ୍ରୀତିପ୍ରଜ୍ଞା ମହାନ୍ତି, ନୁରୁଗାଁର ମହେଶ୍ୱର ସାହୁ, ବେଲପାଳର କଳାକାର ସେଠୀ, ଯଦୁଚନ୍ଦ୍ରପୁର ଲକ୍ଷ୍ମୀପ୍ରିୟା ରାଉତ, ଜୁଣୁପାଙ୍ଗରାର ଶ୍ୟାମସୁନ୍ଦର ଜେନା, ଓକିଲପାଳ ସୀତାଞ୍ଜଳି ରାଉତ, ବାହାରଗଡ଼ର ଦେବଜିତ ସେଠୀ, ମାଣପଡ଼ାର ବିନୋଦ ଦାସ, ବିତାଶ୍ରୀ ସ୍ୱାଇଁ, କେରେଡାଗଡ଼ର ବର୍ଷା ମାଝି ପ୍ରମୁଖ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ଦୈନିକ ୫୦ରୁ ଅଧିକ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ମେଡିସିନ ନେଇ ଘରକୁ ଯାଉଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

## କଟକ-ଚାନ୍ଦବାଲି ରାସ୍ତାର ଭଣଗାଁ ନିକଟରେ ଦୁର୍ଘଟଣା

# ଟ୍ରକ୍‌କୁ ପଛରୁ ଧକ୍କାଦେଲା ଟ୍ରକ୍; ୨ ମୃତ, ୨ ଗୁରୁତର

ଡେରାବିଶ, ୨୦।୭ (ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦରଥାନା ତଥା ଚାନ୍ଦୋଳ 'ାଣ୍ଡି ଅଧୀନ ଭଣଗାଁ ଛକ ନିକଟରେ ଭୋର ସମୟରେ ରାସ୍ତାକଡ଼ରେ ରହିଥିବା ଏକ ଟ୍ରକ ପଛରେ ଅନ୍ୟ ଏକ ଦ୍ରୁତଗାମୀ କଂଟେନର ପିଟି ହୋଇ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଏକ ୧୬ ଚକିଆ ମାଲ ବୋଝେଇ ଟ୍ରକର ଚକ ଫାଟି ଯିବାରୁ ଡ୍ରାଇଭର ଜଣକ ଟ୍ରକଟିକୁ କେନ୍ଦ୍ରାପଡ଼ା ଆଡ଼କୁ ମୁହଁ କରି ରାସ୍ତା କଡ଼ରେ ରଖିଥିଲେ। ପରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଏକ ଟ୍ୟାଙ୍କ (ଓଡ଼ି-୩୩-ଏଡି-୧୭୧୪)ର ଯାଉଥିବା ବେଳେ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରଖାଯାଇଥିବା ଟ୍ରକ (ଓଡି-୦୫-ଏଭି-୨୬୨୫) ପଛରେ ଖୁବ୍ ଜୋରରେ ପିଟି ହୋଇଥିଲା। ଫଳରେ ଟ୍ୟାଙ୍କର ସ୍ଥଳରେ ବସିଥିବା ଡ୍ରାଇଭର ସମେତ ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ କର୍ମଚାରୀମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକ ଦ୍ୱୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଥାନା ଅଧୀନ ରବିନ୍ଦ୍ର କୁମାର ଜେନା (୫୧) ଓ ଭଦ୍ରକ ବାସୁଦେବପୁର ଥାନା ଅଂଚଳର ଶାନ୍ତନୁ କୁମାର ଜେନା (୫୦)। ଡ୍ରାଇଭର ନୟାଗଡ଼ ଅଂଚଳର ବୁଧିଆ ସାହୁ ଓ ଅନ୍ୟଜଣେ ଭଦ୍ରକ ବାସୁଦେବପୁର ଅଂଚଳର ସ୍ୱାଧୀନ ଦାସ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ତେବେ ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ, ଟ୍ୟାଙ୍କରରେ ଥିବା ଡ୍ରାଇଭର ଓ ଅନ୍ୟମାନେ ଏହା ଭିତରେ ଚାପି ହୋଇ ରହିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ କଟର ଲଗାଇ ଟ୍ୟାଙ୍କରର ଡ୍ରାଇଭର କ୍ୟାବିନ୍‌କୁ କାଟି ମୃତ ଓ ଗୁରୁତରମାନଙ୍କୁ ବାହାର କରିଥିଲେ।



ଏଥିମଧ୍ୟରୁ ଜଣେ ମୃତକଙ୍କ ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିବା ବେଳେ ଅନ୍ୟଜଣଙ୍କର ଚାପି ହୋଇ ମୃତ୍ୟୁ ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ପହଂଚି ଓ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଂଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇଥିଲେ। ପରେ ରାସ୍ତାର ଉଭୟ ପଟରେ ଅଟକି ରହିଥିବା ଶହଶହ ଗାଡ଼ିଗୁଡ଼ିକ ଚଳାଚଳ ସ୍ୱାଭାବିକ କରିଥିଲେ

# ଚାରି ମାସରେ ବଦଳିଗଲା ରମାକାନ୍ତଙ୍କ ରଙ୍ଗ !

ଭୁବନେଶ୍ୱର,୨୦।୭ (ସମିସ): ବିଜେଡି ଟିକଟରେ ତିର୍ତ୍ତୋଲରୁ ବିଜୟୀ ହୋଇଥିବା ରମାକାନ୍ତ ଭୋଇଙ୍କ ମୋହଭଙ୍ଗ ହୋଇଛି। କେଉଁ କାରଣରୁ ସେ ଦଳ ହ୍ୱିପ୍ ଭାଙ୍ଗି ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲେ; ସେ ସମ୍ପର୍କରେ ୫ ମାସରେ ଥରେ ବି ମୁହଁ ଖୋଲି ନାହାନ୍ତି। ମାତ୍ର ନିଲମ୍ବନର ୫ ମାସ ପରେ ଏବେ ସେ ବିଜେଡିରେ ଅଛନ୍ତି ଓ ଭବିଷ୍ୟତରେ ରହିବେ ବୋଲି କହିଛନ୍ତି ରମାକାନ୍ତ। ମାତ୍ର ଲୋକମାନେ ତାଙ୍କର ଏହି ମନ୍ତବ୍ୟକୁ କେତେ ବିଶ୍ୱାସ କରିବେ ତାହା ଜଣାନାହିଁ, ବିଜେଡି ବି ରମାକାନ୍ତଙ୍କ ପ୍ରତି କି ଆଭିମୁଖ୍ୟ ଦେଖାଇବ ତାହା ବି ସ୍ପଷ୍ଟ ନୁହେଁ। ତଥାପି ଏତେ କମ୍ ଦିନରେ ରମାକାନ୍ତଙ୍କ ବିଜେପି ପ୍ରତି ଆକର୍ଷଣ ହ୍ରାସର କାରଣ ସ୍ପଷ୍ଟ ହୋଇପାରି ନାହିଁ।

ରାଜ୍ୟସଭା ନିର୍ବାଚନ ସମୟରେ ରମାକାନ୍ତ ପ୍ରାୟ ସବୁଦିନ ନବୀନ ନିବାସ ଯାଉଥିଲେ। ବୈଠକରେ ବସୁଥିଲେ, ମତଦାନ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗରେ ବିଭାଗ ନେଉଥିଲେ। ଏପରିକି ନିର୍ବାଚନ ପୂର୍ବଦିନ ରାତିରେ ନବୀନ ନିବାସରେ ରାତ୍ରୀଯାପନ ଓ ଲୁଙ୍ଗି ପିନ୍ଧା ଫଟୋ ପୋଷ୍ଟ ସେ କରିଥିବା ଦେଖା ଯାଇଥିଲା। ମାତ୍ର ସକାଳୁ ଦଳୀୟ ହ୍ୱିପ୍ ଭାଙ୍ଗି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ରମାକାନ୍ତ ଭୋଇ। କ୍ରସ ଭୋଟିଂ ଅଭିଯୋଗରେ ତାଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ବିଜେଡ଼ିରୁ ନିଲମ୍ବିତ କରିଥିଲେ ମଧ୍ୟ ରମାକାନ୍ତ ନିରବ ରହିଥିଲେ। ମାତ୍ର ପାଖାପାଖି ୫ ମାସ ପରେ ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି। ସେ ବିଜେଡିରେ ଥିଲେ ଓ ଅଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ଭୋଇ ରାଜ୍ୟରେ ବିଜେଡିର ବିକଳ୍ପ ନାହିଁ ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ମୁଁ କାମ କରୁଛି, ନବୀନଙ୍କ ନେତୃତ୍ୱରେ ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ମାତ୍ର ଦଳୀୟ ହ୍ୱିପ୍ ଭାଙ୍ଗି କାହିଁକି ସେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲେ; ତାହାର ଉତ୍ତର ସେ ଦେଇ ନାହାନ୍ତି।

ଗତ ରାଜ୍ୟସଭା ନିର୍ବାଚନ ବେଳେ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ୬ ବିଧାୟକଙ୍କ ମଧ୍ୟରୁ ରମାକାନ୍ତ ଭୋଇ ଅନ୍ୟତମ। ତାଙ୍କ ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଅନ୍ୟ ଦୁଇଜଣଙ୍କୁ ନିଲମ୍ବିତ କରିଥିଲା। ଦଳର ଆଦର୍ଶ ଓ ସଂଗଠନଠାରୁ କେହି ବଡ଼ ନୁହଁନ୍ତି ଏବଂ ଦଳବିରୋଧୀ କାର୍ଯ୍ୟକଳାପ ପ୍ରତି କୌଣସି କୋହଳ ମନୋଭାବ ଗ୍ରହଣ କରାଯିବ ନାହିଁ ବୋଲି ସେତେବେଳେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଏହାପରେ ନିଲମ୍ବିତ ବିଧାୟକମାନଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଯାବତୀୟ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ତିର୍ତ୍ତୋଲରେ ବିଜେଡି ମଧ୍ୟ ରମାକାନ୍ତଙ୍କୁ ବାଦ ଦେଇ ବିକଳ୍ପ ନେତୃତ୍ୱକୁ ଗୁରୁତ୍ୱ ଦେଇଥିଲା। ଏହାପରେ ରମାକାନ୍ତ ଆଗାମୀ ଦିନରେ ଅନ୍ୟ ଦଳକୁ ଯିବା ନେଇ ଚର୍ଚ୍ଚା ଓ ଆଲୋଚନା ଆରମ୍ଭ ହୋଇଥିଲା।

ରାଜନୈତିକ ସମୀକ୍ଷକଙ୍କ ମତରେ ମାତ୍ର ଚାରି ମାସ ମଧ୍ୟରେ ରମାକାନ୍ତ ଭୋଇଙ୍କ ମତ ପରିବର୍ତ୍ତନ ଅନେକ ଦିଗକୁ ଇଙ୍ଗିତ ଦେଉଛି। ଏହାକୁ ବିଜେଡି ସହ ସମ୍ପର୍କକୁ ସ୍ୱାଭାବିକ କରିବାର ପ୍ରୟାସ ବୋଲି ଅନେକ ମନେ କରୁଛନ୍ତି। ସେହିପରି ବର୍ତ୍ତମାନ ପରିସ୍ଥିତିକୁ ଉପଲବ୍ଧି କରିବା ପରେ ନିଜ ରାଜନୈତିକ ଭବିଷ୍ୟତ ପାଇଁ ରମାକାନ୍ତ ରଙ୍ଗ ବଦଳାଇଥିବା ମଧ୍ୟ ଅନେକ ମତପ୍ରକାଶ କରିଛନ୍ତି। ୨୦୨୪ ବିଧାନସଭା ନିର୍ବାଚନ ପରେ ବିଜେଡି ଦଳୀୟ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଦଳବିରୋଧୀ କାର୍ଯ୍ୟକଳାପ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ନେତୃତ୍ୱ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ଦଳର ନିଷ୍ପତ୍ତି ସମସ୍ତଙ୍କ ପାଇଁ ସମାନ। ସେହି ପରିପ୍ରେକ୍ଷୀରେ ନିଲମ୍ବିତ ବିଧାୟକ ରମାକାନ୍ତ ଭୋଇଙ୍କ ନୂଆ ବୟାନ ସ୍ୱାଭାବିକ ଭାବେ ରାଜନୈତିକ ମହଲରେ କୌତୂହଳ ସୃଷ୍ଟି କରିଛି।

# ପ୍ରତିବାଦ ରାଲି ପୂର୍ବରୁ ଉଠାଇନେଲା ପୁଲିସ

**ସମ୍ବଲପୁର, ୨୦।୭ (ସମିସ)**



ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନର ସମର୍ଥନ ଆଜି ସମ୍ବଲପୁରରେ ଦେଖିବାକୁ ମିଳିଛି। ଏହାକୁ ସମର୍ଥନ କରି ସମ୍ବଲପୁରରେ ଆଜି ଏକ ରାଲି କରିବାକୁ ଯୋଜନା ରହିଥିଲା। ତେବେ, ରାଲି ଆରମ୍ଭସ୍ଥଳ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲା। ପୁଲିସ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ରାଲି କରିବାକୁ ଅନୁମତି ଦିଆଯାଇ ନ ଥିଲା। ଆନ୍ଦୋଳନକାରୀମାନଙ୍କୁ ପୁଲିସ ପ୍ରତିଷେଧମୂଳକ ଭାବେ ଅଟକ ରଖି ରାତିରେ ଛାଡ଼ି ଦେଇଥିବା ସୂଚନା ମିଳିଛି। ଏହାକୁ ନେଇ ଆଜି ଦିନତମାମ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି। ସକାଳୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଜିଏମ୍‌ୟୁ ସମ୍ମୁଖରେ ପୁଲିସ ଅଧିକାରୀ ଓ ଫୋର୍ସ ଉପସ୍ଥିତ ଥିଲେ। ସମ୍ବଲପୁରରେ ରାଲିରେ ସାମିଲ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାକୁ ଆଜି କୋଶଳ କ୍ରାନ୍ତି ସେନା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଆପ୍ ଓ ଅନ୍ୟମାନେ ସାମିଲ ହୋଇଥାନ୍ତେ। ସୋନମ୍ ୱାଙ୍ଗଚୁକ୍‌ଙ୍କୁ ସମର୍ଥନ ଏହାର ମୁଖ୍ୟପ୍ରସଙ୍ଗ ରହିଥିଲା। ଏନେଇ ପ୍ଲାକାର୍ଡ ତଥା ଅନ୍ୟ ପ୍ରସ୍ତୁତି ମଧ ହୋଇଥିଲା। ଏହି ରାଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ବାହାରି ଲକ୍ଷ୍ମୀଟକିଜ୍ ଛକ, ଗୋଲବଜାର ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାକୁ ଥିଲା। ତେବେ, ଏହି ରାଲି ପାଇଁ ସମ୍ବଲପୁର ପୁଲିସ ପକ୍ଷରୁ ଅନୁମତି ଦିଆଯାଇ ନ ଥିବା ସୂଚନା ମିଳିଛି। ଆଜି ସକାଳୁ ଦୁଇଜଣ ଅତିରିକ୍ତ ଏସ୍‌ପି, ସଦର ଏସ୍‌ଡିପି, ଡିଏସ୍‌ପି, ବିଭିନ୍ନ ଥାନାର ଥାନାଧିକାରୀଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ନାକାବନ୍ଦୀ କରିଥିଲେ। ଏହି ରାଲି ଓ ଆନ୍ଦୋଳନକୁ ସମର୍ଥନ କରୁଥିବା କିଛି କର୍ମକର୍ତ୍ତାଙ୍କୁ ପୁଲିସ ସକାଳେ ଉଠାଇ ନେଇ ଅଟକ ରଖିଥିଲା। ଏହାପରେ ଛକରେ ଜମା ହେଉଥିବା ଆନ୍ଦୋଳନକାରୀଙ୍କୁ ପୁଲିସ ବୁଝାଇବା ସହ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେଇଥିଲା। ବହୁ ସଂଖ୍ୟାରେ ପୁଲିସ ଚର୍ଚ୍ଚ ଛକରେ ମୁତୟନ ରହି ଦିନତମାମ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସୂଚନା ଅନୁଯାୟୀ, ରାଲି ପାଇଁ ଅନୁମତି ନ ଥିବାରୁ ପୁଲିସ ୩୪ ଜଣଙ୍କୁ ବିଭିନ୍ନ ସ୍ଥାନରେ ଅଟକ ରଖାଯାଇଥିଲା। ସନ୍ଧ୍ୟାପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।

# ଅଟକ ଆନ୍ଦୋଳନକାରୀଙ୍କୁ ଭେଟିଲେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି

**ସମ୍ବଲପୁର, ୨୦।୭ (ସମିସ) :** ଭାରତର ଶିକ୍ଷା ବ୍ୟବସ୍ଥାର ଅଧଃପତନ, ବାରମ୍ବାର ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେବା ଓ ଏହି ପ୍ରଶ୍ନପତ୍ର ପରୀକ୍ଷା ଆଗରୁ ବହୁମୂଲ୍ୟରେ ବିକ୍ରି ହେବା ଆଦି ଅସଙ୍ଗତି ବାରମ୍ବାର ଘଟୁଥିବା ଯୋଗୁଁ ଦେଶସାରା ଛାତ୍ର ସମାଜ ଭିତରେ ଭୟର ବାତାବରଣ ଖେଳିଯାଇଛି। ୩୫ ଜଣ ଛାତ୍ରଛାତ୍ରୀ ଏ ଭିତରେ



ଆତ୍ମହତ୍ୟା କରିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ଜନ୍ତରମନ୍ତରଠାରେ ଏକ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ 'କକ୍ରୋଚ ଜନତା ପାର୍ଟି'ର ସଂଯୋଜନାରେ ପ୍ରତିବାଦ ବିକ୍ଷୋଭ ଗତ ଦେଢ଼ମାସ ହେଲା ଚାଲିଆସୁଛି। ବିଗତ ୨୨ ଦିନ ଧରି ସାମାଜିକ କର୍ମୀ, ବୈଜ୍ଞାନିକ, ମାଗାସେସେ ପୁରସ୍କାର ବିଜେତା ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ୨୦ଦିନ ଅତିକ୍ରମ କରିବା ପରେ ଅଗଣତାନ୍ତ୍ରିକ ଭାବେ ଜୋରଜବରଦସ୍ତି ଅନଶନସ୍ଥଳରୁ ତାଙ୍କୁ ଉଠାଇ ନିଆଯାଇ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଦିଆଯାଇଛି। ଆଜି ଛାତ୍ର-ଯୁବକ ଏବଂ ସଚେତିତ ନାଗରିକ ମାନେ 'ଚଲୋ ସଂସଦ' ଅଭିଯାନ ଚଳାଇଛନ୍ତି। ଏହାକୁ ଦେଶସାରା ଯୁବ ଓ ଛାତ୍ର ନୈତିକ ସମର୍ଥନ ଜଣାଇ ଧାରଣା, ଶୋଭାଯାତ୍ରା କାର୍ଯ୍ୟକ୍ରମ କରିଛନ୍ତି।

ସେଇ ପୃଷ୍ଠଭୂମିରେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରୁ ଯୁବ ଛାତ୍ର ଓ ସଚେତନ ନାଗରିକ ମାନଙ୍କର ଶୋଭାଯାତ୍ରା ବାହାରିବା ପୂର୍ବରୁ ପୁଲିସ ପ୍ରଶାସନ ଦ୍ୱାରା ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ ରୋକିବାର ଉଦ୍ୟମରେ ଯୁବନେତା ଇଂ. ଦୀନେଶ କୁମାର ସେଠ, ବିଜୟକାନ୍ତ ମହାନ୍ତି, ଶିବାଶିଷ ରାୟଗୁରୁ, କମଳେଶକୃଷ୍ଣ ସେନ, କୃଷ୍ଣ ନାୟକ, ବିଭୂତିଭୂଷଣ ନାୟକ, ଗୌତମ, ସନତ ସିଂହ, ସୌମେନ ବେହେରା, ରାଜୀବ ଗଡ଼ିଆ, ଧରଣୀ, ମୋହିତ ସାହୁ, ତରଣୀ ବେହେରା, କରଣ ସାହୁ, ଯଶ ଦାଶ, ଅଶୋକ ଛତର, ଚନ୍ଦନ ମୁଣ୍ଡା, କେଶବ ଜଗଦଲା, ରୋଶନ ତାଣ୍ଡି ଓ ଆଶିଷ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କୁ ପୁଲିସ ଉଠାଇନେଇ ରିଜର୍ଭ ପୁଲିସ ଲାଇନରେ ଅଟକ ରଖିଥିଲେ। ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପାଧ୍ୟକ୍ଷା ରାଖୀ ମୁଣ୍ଡା ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ଦେବା ନିମନ୍ତେ ଘରୁ ବାହାରୁଥିବା ସମୟରେ ପୁଲିସ ତାଙ୍କୁ ନେଇଯାଇଥିଲା। ଏମାନଙ୍କ ଅଟକ ଖବର ପାଇବାପରେ ସମ୍ବଲପୁରର ବରିଷ୍ଠ ରାଜନେତା ତଥା ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ, ବରିଷ୍ଠ ନେତା ସୁଶାନ୍ତ ପାଣିଗ୍ରାହୀ, ଚାଷୀନେତା ସୀତାକାନ୍ତ ପଣ୍ଡା, ବରିଷ୍ଠ ସାମାଜିକ କର୍ମୀ ନାସିର ଖାଁ, ଦିଲୀପ ଦାଶ, ଯୁବନେତା ଲିଙ୍ଗରାଜ ତ୍ରିପାଠୀ ଓ ଇଂ. ନିଶିଥ ଆକାଶ ସେଠାରେ ଅଟକ ରହିଥିବା ଆନ୍ଦୋଳନକାରୀଙ୍କୁ ଭେଟିଥିଲେ। ବିଜେଡି ପୂର୍ବତନ ଜିଲ୍ଲା ସଭାପତି ଇଂ. ଦାସ ସେଠାରେ ଅଟକ ରହିଥିବା ଆମ ଆଦମୀ ପାର୍ଟି ନେତା ବୀରେନ୍ଦ୍ର ପାଣିଗ୍ରାହୀ ଓ ଭୂପେନ ସାହୁ, କୋଶଳ କ୍ରାନ୍ତି ସେନାର କର୍ମକର୍ତ୍ତା ମାନଙ୍କୁ ମଧ ଭେଟି କଥାବାର୍ତ୍ତା କରିଥିଲେ।

## ଚୋର ଗିରଫ, ବାଇକ୍ ଜବତ

**ସମ୍ବଲପୁର, ୨୦।୭ (ସମିସ) :** ସମ୍ବଲପୁର ବୁର୍ଲା ଥାନା ଅଞ୍ଚଳରେ ଘଟିଥିବା ଏକ ବାଇକ୍ ଚୋରି ମାମଲାରେ ବୁର୍ଲା ପୁଲିସ ଅଭିଯୁକ୍ତ ଗଙ୍ଗା ସେଦ୍ରିଆ (୨୦)ଙ୍କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ଗତ ଜୁଲାଇ ୯ ତାରିଖ ରାତି ପ୍ରାୟ ୨ଟା ସମୟରେ ବୁର୍ଲା ଗୋଲଗୁଣ୍ଡାସ୍ଥିତ ବିଜୁଳିନଗରରେ ଥିବା ଅନ୍ନପୂର୍ଣ୍ଣା ଫାଇନାନ୍ସ ଲିମିଟେଡ୍‌ର ବାରଣ୍ଡାରୁ ଏକ କେଟିଏମ୍ ବାଇକ୍ ଚୋରି ହୋଇଥିଲା। ଉକ୍ତ କମ୍ପାନୀର ଏଆରଏମ୍ ଭାବେ କାର୍ଯ୍ୟରତ କର୍ମଚାରୀ ଏନେଇ ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବୁର୍ଲା ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ଗଙ୍ଗା ସେଦ୍ରିଆଙ୍କୁ ଧରିବାରେ ସଫଳ ହେବାସହ ତାଙ୍କଠାରୁ ଚୋରି ହୋଇଥିବା କେଟିଏମ୍ ବାଇକ୍‌ଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଚର୍ଚ୍ଚାରେ କୁନି ଭକ୍ତଙ୍କ ରଥଯାତ୍ରା

**ରେଢ଼ାଖୋଲ, ୨୦।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବଡ଼ଦାଣ୍ଡରେ କୁନି କୁନି ଭକ୍ତଙ୍କ ଜଗନ୍ନାଥ ପ୍ରେମ ପରିଲକ୍ଷିତ ହୋଇଥିବାବେଳେ ବଡ଼ଦାଣ୍ଡରେ ଏକ ଭବ୍ୟ ଛୋଟ ରଥ ଗଡ଼ିଥିଲା। ଏଥିରେ ରଥସାହିର ବାସିନ୍ଦା ବାପା ସିକୁନ ମହାନ୍ତିଙ୍କ ୧୨ ବର୍ଷର ପୁତ୍ର ଦ୍ରିଷ୍ଟାନ୍ତ ମହାନ୍ତିଙ୍କ ନେତୃତ୍ୱରେ ତାଙ୍କର ସାଙ୍ଗସାଥୀମାନଙ୍କ ସହଯୋଗରେ ଏକ ଛୋଟରଥ ନିର୍ମାଣ କରିଥିଲେ। ଜଗତରନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଭାଇ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ କୁନିକୁନି ଭକ୍ତମାନେ ରଥରେ ବିରାଜମାନ କରାଇ ରଥଯାତ୍ରା ଆରମ୍ଭ କରିଥିଲେ। ସହରର ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଦୁଇ ବଡ଼ରଥ ପଛରେ କୁନି ଭକ୍ତମାନେ ଛୋଟ ରଥକୁ ନେଇ ଚାଲିଥିଲେ। ଏହା ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଯେପରି ରଥଯାତ୍ରା ପାଇଁ ରୀତିନୀତି କାର୍ଯ୍ୟ କରାଯାଏ ସେହିପରି ମହାପ୍ରଭୁ ଙ୍କୁ ପୂଜାର୍ଚ୍ଚନା କରି ରଥଯାତ୍ରା ଆରମ୍ଭ କରିଛନ୍ତି। ଏଥିରେ ଛୋଟ ରଥ ଟାଣି ନେବା ବେଳେ ଏଥିରେ ସାଜନ ମାଝୀ, ଆସମାନ ପ୍ରଧାନ, ସାଇନା ମାଝୀ, ବିନୋଦିନୀ ଭୋଇ, ସାଇନି ବିଶ୍?ାଳ ପ୍ରମୁଖ ସମେତ ଅନ୍ୟ କୁନି କୁନି ଛୋଟ ଭକ୍ତ ମାନେ ସାମିଲ ରହିଥିଲେ। କୁନି କୁନି ଭକ୍ତ ମାନଙ୍କୁ ଦେଖି ରେଢ଼ାଖୋଲ ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି ଓ ଜନ ସାଧାରଣ ମାନେ ଛୋଟ ଶ୍ରୀ ଜଗନ୍ନାଥ ଭକ୍ତ ମାନଙ୍କୁ ପ୍ରଶଂସା କରିଛନ୍ତି।

## ଅସହାୟଙ୍କୁ ହସ୍ପିଟାଲରେ ଭର୍ତ୍ତି କଲେ ସ୍ୱେଚ୍ଛାସେବୀ

**ସମ୍ବଲପୁର, ୨୦।୭ (ସମିସ):** ପନ୍ଦର ଦିନ ଧରି ଜଣେ ଅସହାୟ ଘନଶ୍ୟାମ ମେହେର ଅସୁସ୍ଥ ଅବସ୍ଥାରେ ପୁଟିବନ୍ଧ ଛକ ନିକଟରେ ପଡ଼ି ରହିଥିଲେ। ବାର୍ଦ୍ଧକ୍ୟ ହେତୁ ମୁଠାଏ ଖାଦ୍ୟ ମଧ ସେ ଯୋଗାଡ଼ କରିପାରୁ ନ ଥିଲେ। ଖବରପାଇ ଦିବ୍ୟାଂଶୀ ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନର ସଦସ୍ୟ ସଦସ୍ୟା ରୀନାରାଣୀ ବାରିକ, ସବ୍ୟସାଚୀ ପଣ୍ଡା, ଆର୍ତ୍ତତ୍ରାଣ ଶତପଥୀ, ମିତାଲି ପ୍ରିୟଦର୍ଶିନୀ ଏବଂ ଦିବ୍ୟାଂଶୀ ଶତପଥୀ ଘନଶ୍ୟାମଙ୍କୁ ଉଦ୍ଧାର କରି ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଶୁ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିବା ସୂଚନା ମିଳିଛି।

## ବିରଳ ରକ୍ତଦେଇ ନବଜାତକର ଜୀବନ ବଞ୍ଚାଇଲେ

**ସମ୍ବଲପୁର, ୨୦।୭ (ସମିସ) :** ସମ୍ବଲପୁର ଜିଲ୍ଲାର ରକ୍ତଭଣ୍ଡାର ଗୁଡ଼ିକରେ ବହୁ ସମୟରେ ବିଭିନ୍ନ ବର୍ଗର ରକ୍ତାଭାବ ଦେଖାଦେଉଛି। ଏହାବ୍ୟତୀତ ବିରଳ ବର୍ଗର ରକ୍ତର ଆବଶ୍ୟକତା ସମୟରେ, ସେହି ବର୍ଗର ରକ୍ତଦାତା ଖୋଜି ରକ୍ତଦାନ କରିବା କାଠିକର ପାଠ ହୋଇଯାଉଛି। ଏଭଳି ଏକ ଘଟଣାରେ, ବୁର୍ଲାସ୍ଥିତ ଭିମ୍‌ସାରରେ ଭର୍ତ୍ତି ହୋଇଥିବା ବରଗଡ଼ ଜିଲ୍ଲାର ଗୋଟିଏ ଚାରିଦିନର ଶିଶୁକୁ ଅତ୍ୟନ୍ତ ବିରଳ ଏ-ନେଗେଟିଭ ରକ୍ତର ଆବଶ୍ୟକତା ପଡ଼ିଥିଲା। ଗତକାଲିଠୁ ଶିଶୁର ସମ୍ପର୍କୀୟ ବୁର୍ଲା, ସମ୍ବଲପୁର ଏବଂ ବରଗଡ଼ ରକ୍ତଭଣ୍ଡାରରେ ଯୋଗାଯୋଗ କରିଥିଲେ ହେଁ ଏହି ରକ୍ତ ଉପଲବ୍ଧ ହୋଇ ନ ଥିଲା। ରୋଗୀ ସମ୍ପର୍କୀୟମାନେ ସମ୍ବଲପୁରର ସମାଜସେବୀ ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ ସ୍ୱରୂପ ରାମଦାସ ସମ୍ବଲପୁରର ରୋଶନ ବୋରାଙ୍କୁ ଯୋଗାଯୋଗ କରିବାସହ ତାଙ୍କୁ ସାଙ୍ଗରେ ବୁର୍ଲାକୁ ନେଇ ରକ୍ତଦାନ କରିଥିଲେ। ଏହାଦ୍ୱାରା ଶିଶୁର ଜୀବନରକ୍ଷା ହୋଇପାରିଥିଲା। ଶିଶୁର ସମ୍ପର୍କୀୟମାନେ ରକ୍ତଦାତା ରୋଶନ ବୋରା ଏବଂ ରାମଦାସ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭୀମ୍‌ସାର ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ଏବଂ ମଣ୍ଟୁ ପ୍ରଧାନ ସହଯୋଗ କରିଥିଲେ।



## ସମ୍ବଲପୁରୀ ଭାଷା, କଳା ଓ ସଂସ୍କୃତି କ୍ଷେତ୍ରରେ ହେବ ସହଭାଗିତା

**ସମ୍ବଲପୁର, ୨୦।୭ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମଧ୍ୟରେ ହେବ କଳା ସଂସ୍କୃତି କ୍ଷେତ୍ରରେ ସହଭାଗିତା। ଏହିକ୍ରମରେ ଆଜି ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ଭେଟି ସମ୍ବଲପୁରୀ ଭାଷା, କଳା ଓ ସଂସ୍କୃତି କ୍ଷେତ୍ରରେ ସହଭାଗିତାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ତଥା ଏ ଅଞ୍ଚଳର ସଂସ୍କୃତି ଉପରେ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ତଥା ଗବେଷଣା ପାଇଁ ଅନୁରୋଧ କରିଥିଲେ। ଏହାଦ୍ୱାରା ସମ୍ବଲପୁରୀ ଭାଷା, କଳା ଓ ସଂସ୍କୃତିକୁ ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ପ୍ରଚାର ତଥା ପ୍ରସାର କରିବାର ସୁଯୋଗ ସୃଷ୍ଟି ହୋଇପାରିବ। ଏହାସହିତ କିଛି ଅନୁସନ୍ଧିତ୍ସୁ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ କଳା ଓ ସଂସ୍କୃତି ଉପରେ ଆଗ୍ରହ ରଖୁଥିବା ବ୍ୟକ୍ତିମାନେ ଏହାର ସଦୁପଯୋଗ କରିପାରିବେ। କୁଳପତି ପ୍ରଫେସର ତ୍ରିପାଠୀ ଏଥିରେ ସହମତି ପ୍ରକାଶ କରିବାସହ ଏନେଇ ଶୀଘ୍ର ଓଡ଼ିଶା ସାଂସ୍କୃତିକ ସମାଜ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଜଳସ୍ତର ୬୧୩ ଫୁଟ୍, ହୀରାକୁଦର ୪ ଗେଟ୍ ଖୋଲା

**ସମ୍ବଲପୁର, ୨୦।୭ (ସମିସ) :** ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରୁ ଗତକାଲିଠାରୁ ପୁଣି ୪ଟି ଗେଟ୍ ଖୋଲାଯାଇଛି। ଅଧିକ ପରିମାଣରେ ଜଳ ପ୍ରବେଶ କରୁଥିବା ଯୋଗୁଁ ଆଜି ଜଳସ୍ତର ୬୧୩ ଫୁଟ୍‌ରୁ ଅଧିକ ହୋଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ୧୪ ତାରିଖ ସନ୍ଧ୍ୟା ପରଠାରୁ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିଲା। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୨୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୮, ୭୯୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୪, ୭୨୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୦୫୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୫୬୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୪୦୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪, ୪୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪୦, ୩୯୪ କ୍ୟୁସେକ୍, ଖଇରମାଲଠାରେ ୧, ୬୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୯୬, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧, ୬୬, ୬୯୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୬.୨୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୭୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ୨୬ରେ ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୨୦।୭ (ସମିସ) :** ସମ୍ବଲପୁର ଜିଲ୍ଲା ଚେସ୍ ସଂଘ ଓ ଜଗନ୍ନାଥ କଲୋନୀ କ୍ଲବ୍, ବୁଢ଼ାରଜା ମିଳିତ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖ ରବିବାର ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପଠାରେ ଏକ ଜିଲ୍ଲାସ୍ତରୀୟ ସ୍କୁଲ୍ ଚେସ୍ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ସମ୍ବଲପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଆବଶ୍ୟକୀୟ ସହଯୋଗ ଓ ଚେସ୍ କୋଚିଂ ପ୍ରଦାନ କରିବା ବୋଲି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ମୁଖ୍ୟ ତଥା ଜଗନ୍ନାଥ କଲୋନୀ କ୍ଲବ୍ ସମ୍ପାଦକ ସମରଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲ୍ଲା ଚେସ୍ ସଂଘର ସମ୍ପାଦକ ବିଧୁଭୂଷଣ ମିଶ୍ରଙ୍କ ଅନୁଯାୟୀ, ଏହି ପ୍ରତିଯୋଗିତାରେ ପ୍ରାୟ ୧୫୦ ରୁ ୨୦୦ ଜଣ ପିଲା ଭାଗ ନେବେ ବୋଲି ଅନୁମାନ କରାଯାଉଛି। ଜିଲ୍ଲାର ସମସ୍ତ ବଡ଼ ବଡ଼ ସ୍କୁଲକୁ ଏଥିପାଇଁ ଚିଠି ପଠାଯାଇଛି। ପ୍ରତିଯୋଗିତାକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଥମ ବର୍ଗରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ରହିଥିବାବେଳେ ଦ୍ୱିତୀୟ ବର୍ଗରେ ନବମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ଉଭୟ ବର୍ଗ ପାଇଁ ୧୦ଟି ଲେଖାଏଁ ଟ୍ରଫିର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବର୍ଗ ପାଇଁ ଆଉ ୬ଟି ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ବର୍ଗ ପାଇଁ ୩ଟି ସ୍ୱତନ୍ତ୍ର ଟ୍ରଫି ମଧ ପ୍ରଦାନ କରାଯାଇଛି। ଏହି ଚେସ୍ ପ୍ରତିଯୋଗିତା ପାଇଁ ପ୍ରବେଶ ଶୁଳ୍କ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ସମ୍ବର୍ଦ୍ଧନା ସଭା

**ସମ୍ବଲପୁର, ୨୦।୭ (ସମିସ):** ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍, ନିଟ୍ ଏବଂ ସିୟୁଇଟି ପରୀକ୍ଷାରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲ। ଏହି ଅବସରରେ ବିଭିନ୍ନ ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ନିଜ ଅଭିଭାବକଙ୍କ ସହ ବିଦ୍ୟାଳୟ ପରିସରକୁ ଆସିଥିଲେ। ସ୍କୁଲ ପରିସରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସଫଳତାର ଅନୁଭୂତି, ପ୍ରସ୍ତୁତିର ଅଭିଜ୍ଞତା ଏବଂ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବୈଦିକର ୩୦ରୁ ଅଧିକ ଛାତ୍ରଛାତ୍ରୀ ଚଳିତ ବର୍ଷ ସିୟୁଇଟି ପରୀକ୍ଷାରେ ସଫଳତା ହାସଲ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ହିନ୍ଦୁ କଲେଜ, ଶ୍ରୀରାମ କଲେଜ ଅଫ୍ କମର୍ସ, ମିରାଣ୍ଡା ହାଉସ୍, ଇନ୍ଦ୍ରପ୍ରସ୍ଥ କଲେଜ ଫର୍ ୱିମେନ୍, ମୈତ୍ରେୟୀ କଲେଜ ଓ ଦେଶବନ୍ଧୁ କଲେଜ ଭଳି ନାମୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଜେଇଇ ମେନ୍ ପରୀକ୍ଷାରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ନିଟ୍ ପରୀକ୍ଷାରେ ୧୦ରୁ ଅଧିକ ଛାତ୍ରଛାତ୍ରୀ ସଫଳତାର ସହ କୃତକାର୍ଯ୍ୟ ହୋଇ ଇଞ୍ଜିନିୟରିଂ ଓ ମେଡିକାଲ୍ କ୍ଷେତ୍ରରେ ନିଜ ଭବିଷ୍ୟତ ଗଢ଼ିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଦିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସମସ୍ତ ସଫଳ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉଚ୍ଚତର ସଫଳତା ହାସଲ କରିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



## ରେଢ଼ାଖୋଲରେ ହେରା ପଞ୍ଚମୀ

**ରେଢ଼ାଖୋଲ, ୨୦।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତୀ ରଥାରୁଢ଼ ହୋଇ ଯାତ୍ରା ଆରମ୍ଭ କରି ଗୁଣ୍ଡିଚାଙ୍କ ମନ୍ଦିରକୁ ବିଜେ କରିଛନ୍ତି। ପଶ୍ଚିମ ଓଡ଼ିଶାର ରେଢ଼ାଖୋଲ ସର୍ବପୁରାତନ ପ୍ରସିଦ୍ଧ ରଥଯାତ୍ରା ପାଇଁ ସହର ଚଳ ଚଞ୍ଚଳ ହୋଇ ଉଠୁଛି। ଜଗତର ନାଥ ଶ୍ରୀ ଜଗନ୍ନାଥ ଙ୍କ ଏହି ଯାତ୍ରା ପଞ୍ଚମ ଦିନରେ ଚାଲିଥିବା ବେଳେ ସୋମବାର ସନ୍ଧ୍ୟାରେ ହେରା ପଞ୍ଚମୀ ପାଳିତ ହୋଇଯାଇଛି। ଏଥିରେ ପୂଜକ ଅମିତାଭ ପାଣିଗ୍ରାହୀ ପୂଜାର୍ଚ୍ଚନା ପୂର୍ବକ ମାଆ ମହାଲକ୍ଷ୍ମୀଙ୍କୁ ଏକ ବିମାନରେ ପିନୁ ପଣ୍ଡା ନିଜ କାନ୍ଧରେ ଧାରଣ କରି ଭଜନ ସଙ୍କୀର୍ତ୍ତନ କରି ମା ଗୁଣ୍ଡିଚା ମନ୍ଦିରକୁ ପହଞ୍ଚିଥିଲେ। ଏଥିରେ ମାଆ ମହାଲକ୍ଷ୍ମୀ କ୍ଷୋଭ ପ୍ରକାଶ କରି ଶ୍ରୀ ମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିରକୁ ବିଜେ କରି ଶ୍ରୀ ଜଗନ୍ନାଥ ସହିତ ମାଆ ମହାଲକ୍ଷ୍ମୀ କଳି କରି ରଥ କାଠ ଭାଙ୍ଗିବା ସହିତ ବାଟ ଭାଙ୍ଗି ଶ୍ରୀ ମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ। ଆଜି ଦିନରୁ ଶ୍ରୀ ଜଗନ୍ନାଥଙ୍କ ରଥ ଦକ୍ଷିଣା ମୋଡ ହୋଇ ରହିବ।



## କର୍ମଚାରୀଙ୍କ ଦରମା ବୃଦ୍ଧି ନ କରିବା ପ୍ରତାରଣା: ସଂଘ

**ରେଢ଼ାଖୋଲ, ୨୦।୭ (ସମିସ):** ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁପତ୍ର ଦର, ବୋନସ ଓ ପ୍ରୋତ୍ସାହନ ଘୋଷଣାକୁ ନେଇ ରେଢ଼ାଖୋଲ ଡିଭିଜନ୍‌ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଂଘର ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ କେରିପ୍ରତି ୨ ଟଙ୍କା ଦରବୃଦ୍ଧିର ପ୍ରତିଶ୍ରୁତି ଦେଇ ଏବେ ମାତ୍ର ୧୦ ପଇସା ବୃଦ୍ଧି କରିବା, ନିର୍ବାଚନୀ ଇସ୍ତାହାର ରେ ୩୫% ବୋନସ କହିଥିବା ବେଳେ ୨୫% ଘୋଷଣା, ସର୍ବନିମ୍ନ ମଜୁରୀ ଅନୁଯାଇ ଦରମା ନ ଦେବା ତୋଳାଳି ଓ କର୍ମଚାରୀଙ୍କ ପ୍ରତି ପ୍ରତାରଣା ସଦୃଶ। କେନ୍ଦୁପତ୍ର ସଂଗ୍ରହ ସମାପ୍ତ ହେବାର ଦୀର୍ଘ ସମୟ ପରେ ଦରବୃଦ୍ଧି ଘୋଷଣା କରିବା ମଧ ସରକାରଙ୍କ ଅବହେଳାକୁ ପ୍ରମାଣିତ କରୁଛି। ଦୀର୍ଘ ଦୁଇରୁ ତିନି ମାସ ଧରି ତୋଳାଳୀମାନେ ଯଥୋଚିତ ଦରବୃଦ୍ଧିର ଆଶାରେ ଅପେକ୍ଷା କରିଥିଲେ। କିନ୍ତୁ ଶେଷରେ କେରି ପ୍ରତି ମାତ୍ର ୧୦ ପଇସା ବୃଦ୍ଧି କରି ସରକାର ତୋଳାଳିଙ୍କ ଆଶାକୁ ନିରାଶାରେ ପରିଣତ କରିଛନ୍ତି। ଏହି ନାମମାତ୍ର ଦରବୃଦ୍ଧି ଦ୍ୱାରା ଲକ୍ଷଲକ୍ଷ ତୋଳାଳୀଙ୍କ ଆର୍ଥିକ ସ୍ଥିତିରେ କୌଣସି ପ୍ରଭାବଶାଳୀ ସୁଧାର ଆସିବ ନାହିଁ। ଏଥିରେ ଦିଆଯାଉଥିବା ବୋନସ ମଧ ନିର୍ବାଚନୀ ଇସ୍ତାହାର ଅନୁଯାୟୀ ବୃଦ୍ଧି କରାଯାଇ ନାହିଁ। ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବୋନସରେ ବୃଦ୍ଧି ଆଶା କରୁଥିବା ବେଳେ ସରକାରଙ୍କ ଏହି ଘୋଷଣା ସେମାନଙ୍କୁ ନିରାଶ କରିଛି। ଏହା ସରକାରଙ୍କ ଶ୍ରମିକ ବିରୋଧୀ ମନୋଭାବ ଓ ଅବହେଳାର ପ୍ରମାଣ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପଟେ, କେନ୍ଦୁପତ୍ର ସଂସ୍ଥାର ମେରୁଦଣ୍ଡ ସିଜିନାଲ କର୍ମଚାରୀଙ୍କ ମଜୁରୀ ବୃଦ୍ଧି ପ୍ରସଙ୍ଗକୁ ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି। ସରକାର ତୁରନ୍ତ ଏହି ଘୋଷଣାର ପୁନଃ ସମୀକ୍ଷା କରି ତୋଳାଳୀଙ୍କ ପାଇଁ ଯଥୋଚିତ କେରି ଦରବୃଦ୍ଧି, ବୋନସରେ ବୃଦ୍ଧି, କେଏଲ ଡିବି ରେ ସଂଶୋଧନ, ସର୍ବନିମ୍ନ ମଜୁରୀ ଅନୁଯାୟୀ ସିଜିନାଲ କର୍ମଚାରୀଙ୍କ ମଜୁରୀ ପୁନଃ ନିର୍ଦ୍ଧାରଣ, ସାମାଜିକ ସୁରକ୍ଷା ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ମୃତ୍ୟୁକାଳୀନ ସହାୟତା ବୃଦ୍ଧି ସମ୍ପର୍କରେ ନ୍ୟାୟସଙ୍ଗତ ନିଷ୍ପତ୍ତି ନିଅନ୍ତୁ ବୋଲି କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବି କରିଛନ୍ତି।

# ଅଗଷ୍ଟ ୧ ପର୍ଯ୍ୟନ୍ତ ଅନ୍‌ମ୍ୟାପ୍‌ଡ ଭୋଟରଙ୍କ କାଗଜପତ୍ର ଯାଞ୍ଚ ଓ ଶୁଣାଣି

**ସମ୍ବଲପୁର, ୨୦।୭ (ସମିସ)**

ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଅନମ୍ୟାପ୍‌ଡ ଭୋଟର ମାନଙ୍କ କାଗଜପତ୍ର ଯାଞ୍ଚ ଏବଂ ଶୁଣାଣି ପ୍ରକ୍ରିୟା ଗତ ୧୭ ଜୁଲାଇରୁ ଆରମ୍ଭ ହୋଇଛି। ଏହା ଆସନ୍ତା ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଜୁଲାଇ ୧୯ ତାରିଖ ସୁଦ୍ଧା ୫ଜଣ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ)ଙ୍କ ଦ୍ୱାରା ସମୁଦାୟ ୫୨୧୨ଟି ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇସାରିଛି।

ସୂଚନା ଅନୁଯାୟୀ, ଏଇଆର୍‌ଓ ସୁଚିତା ପୁଷ୍ପାଙ୍କ ଦ୍ୱାରା ୩୪୯, ଶୁଭଦୀପ୍ତା ମହାନ୍ତିଙ୍କ ଦ୍ୱାରା ୫୮୨, ସୁଶାନ୍ତ ସାହୁଙ୍କ ଦ୍ୱାରା ୬୯୫,



ଅଭିଜିତ ମହାନ୍ତଙ୍କ ଦ୍ୱାରା ୨୦୭୫ ଏବଂ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ଦ୍ୱାରା ୧୫୧୧ଟି ଶୁଣାଣି ସମ୍ପନ୍ନ ହୋଇଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ଏହି ଶୁଣାଣି ପ୍ରକ୍ରିୟା ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ମ୍ୟୁନିସିପାଲିଟି ଛକସ୍ଥିତ ପୁରୁଣା ଏସଏମସି କୋଠା, ଦୁର୍ଗାପାଲିସ୍ଥିତ ଏସଏମସି କାର୍ଯ୍ୟାଳୟ ଆଦି ୪ଟି ସ୍ଥାନରେ କରାଯାଉଛି। ଅନ୍‌ମ୍ୟାପ୍‌ଡ ଭୋଟରମାନଙ୍କର ପ୍ରମାଣୀକରଣ ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ନିର୍ଦ୍ଧାରିତ ମୁଖ୍ୟତଃ ୧୩ଟି କାଗଜପତ୍ର/ପ୍ରମାଣପତ୍ର ପ୍ରତ୍ୟେକ ଏଇଆର୍‌ଓଙ୍କ ଦ୍ୱାରା ଯାଞ୍ଚ କରାଯାଉଛି। ଅଗଷ୍ଟ ୧ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବା ପରେ, 'ତ୍ରୁଟିପୂର୍ଣ୍ଣ ଭୋଟର' (ଭୋଟର୍ ୱିଥ୍ ଡିସ୍‌କ୍ରିପେନ୍ସି) ମାନଙ୍କର ଶୁଣାଣି ପ୍ରକ୍ରିୟା ଆରମ୍ଭ କରାଯିବ। ସମ୍ପୃକ୍ତ ଭୋଟରମାନେ ନିର୍ଦ୍ଧାରିତ ସମୟରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଉପସ୍ଥିତ ରହି ନିଜର କାଗଜପତ୍ର ଯାଞ୍ଚ କରାଇନେବାକୁ ଅନୁରୋଧ କରାଯାଇଛି। ଏନେଇ ଅଧିକ ବିବରଣୀ ପାଇଁ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) କିମ୍ବା ନିର୍ବାଚନ କାର୍ଯ୍ୟାଳୟ ସହିତ ଜନସାଧାରଣ ଯୋଗାଯୋଗ କରିପାରିବେ।

### ନୂଆପଡ଼ାରେ ଥମୁନି ଦାଦନ ଦୁଃଖ

# ମାସକରେ ୨ ଶ୍ରମିକ ମୃତ, ଜଣେ ନିଖୋଜ

**ନୂଆପଡ଼ା, ୨୦।୭ (ସମିସ):** ସରକାରୀସ୍ତରରେ ଶ୍ରମ ଦିବସ ପାଳନ କରି କାମ ଯୋଗାଇବା ପାଇଁ ମାଳ ମାଳ ଯୋଜନା ସାଙ୍ଗକୁ ମନରେଗା ଓ ବର୍ତ୍ତମାନ ଭିଭିରାମଜୀ ହାତକୁ ନେବା ସହିତ ଅହରହ ପ୍ରବାସୀ ଶ୍ରମିକ ସଚେତନତା ଅଭିଯାନ କରାଯାଉଛି। ତଥାପି ଦାଦନ ଶ୍ରମିକ ଚାଲାଣ ଥମିବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପାଇଁ ସରକାରୀ ଓ ପ୍ରସାଶନିକ ସ୍ତରରେ ହେଉଥିବା ଯୋଜନା ଗୁଡ଼ିକର ପରିଚାଳନାରେ ଭୁଲପାଇଁ ଦାଦନ ଶ୍ରମିକ ଚାଲାଣ ହେବାସହିତ ଶ୍ରମବିଭାଗର ଅପାରଗତା ଓ ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବରୁ ଦାଦନ ସର୍ଦ୍ଦାର, ଦଲାଲ ଓ ମାଲିକମାନେ ଖୁଲମ୍‌ଖୋଲା ବାହାର ରାଜ୍ୟକୁ ଦାଦନ ଚାଲାଣ କରୁଛନ୍ତି। ନୂଆପଡ଼ା ଜିଲ୍ଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ନିଖୋଜ ଏବଂ ନିର୍ଯାତନା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ଗତ ଏକ ମାସ ମଧ୍ୟରେ ଘଟିଥିବା ତିନୋଟି ଘଟଣାକୁ ନେଇ ସର୍ଦ୍ଦାର ଓ ଇଟାଭାଟି ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଦାଦନ ଚାଲାଣ ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ଜୋର ଧରିଛି। ଜିଲ୍ଲାରୁ ପ୍ରତିବର୍ଷ ଜୀବିକା ପାଇଁ ଅନେକ ଶ୍ରମିକ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ଇଟାଭାଟିକୁ କାମ କରିବାକୁ ଯାଉଥିବା ବେଳେ କୋମନା ଥାନା ଅଧୀନ ଜଦ୍ରାମୁଣ୍ଡା ଗ୍ରାମର ଡୋଳାମଣି ମାଝୀ ତେଲେଙ୍ଗାନାର କରିମନଗରସ୍ଥିତ ଏକ ଇଟାଭାଟିରେ କାମ କରୁଥିବାବେଳେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ମୃତଦେହରେ ଆଘାତ ଚିହ୍ନ ରହିଥିବା ସହ ମୁଣ୍ଡରେ ଗଭୀର କ୍ଷତ ଥିଲା। ସେହିପରି ଖଡ଼ିଆଳ ଅଧୀନ ଦାବ୍ରି ଗ୍ରାମର ଧନିସିଂ ମାଝୀ ତେଲେଙ୍ଗାନାର ଏକ ଇଟାଭାଟିକୁ କାମ କରିବାକୁ ଯାଇ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପରିବାର ପକ୍ଷରୁ ଅଭିଯୋଗ ପରେ ମଧ୍ୟ ଘଟଣାର ତଦନ୍ତ ଧୀର ଗତିରେ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ ପରିସରକୁ ସମ୍ପୃକ୍ତ ସର୍ଦ୍ଦାରଙ୍କୁ ଆଣିବାକୁ ଦାବି ହେଉଛି। କୋମନା ଥାନା ଅଧୀନ ଗଡ଼ଗଡ଼ବାହାଲି ଗ୍ରାମର ରାୟସିଂ ରଣା ତେଲେଙ୍ଗାନାରେ କାମ କରୁଥିବାବେଳେ ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ଘଟଣାରେ ସେଠାରେ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିବାବେଳେ ଏକ ମାସ ମଧ୍ୟରେ ଦାଦନ ଶ୍ରମିକଙ୍କ ସହ ଜଡିତ ତିନିଟି ଘଟଣାସାମ୍ନାକୁ ଆସିଥିବାବେଳେ ଦାଦନ ଚାଲାଣ ରୋକିବା, ସର୍ଦ୍ଦାର ଓ ଇଟାଭାଟି ମାଲିକକୁ ତଦନ୍ତ ପରିସର କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

**ସର୍ଦ୍ଦାର ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

# କେସିଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମରୁଡ଼ି

କେସିଙ୍ଗା, ୨୦।୭ (ସମିସ)

କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ବଡ଼ ମେଡିକାଲ ଅଛି, ଯାହାଉପରେ କେସିଙ୍ଗା ବ୍ଲକର ୨୬ ପଞ୍ଚାୟତର ଜନସାଧାରଣ ସମେତ ପଡୋଶୀ ନର୍ଲା, ମ.ରାମପୁର ଓ କର୍ଲାମୁଣ୍ଡା ବ୍ଲକର ଜନସାଧାରଣଙ୍କ ସମେତ ପଡ଼ୋଶୀ ବଲାଙ୍ଗୀରର ଜିଲ୍ଲାର ସୀମାନ୍ତ ଅଞ୍ଚଳର ଲକ୍ଷାଧିକଲୋକ ନିର୍ଭର କରୁଛନ୍ତି। ହେଲେ ଏଠାରେ ଆବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ନାହାଁନ୍ତି। କେସିଙ୍ଗା ଅଞ୍ଚଳରେ ନୁହେଁ ବରଂ ସମଗ୍ର ଜିଲ୍ଲାରେ ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ରିପୋର୍ଟ ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟରେ ବର୍ତ୍ତମାନ ୧୧୯ ଟି ଡାକ୍ତର ପଦ ଖାଲି ପଡ଼ିଥିବାବେଳେ କେସିଙ୍ଗା ମେଡିକାଲ ରେ ମଧ୍ୟ ୧୫ ଡାକ୍ତର ପଦ ଖାଲି ରହିଛି। କେସିଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ସମେତ ୨୧ ଡାକ୍ତର ରହିବା ଆବଶ୍ୟକ ଥିବାବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୬ ଜଣ ଡାକ୍ତର। ସେଥିପାଇଁ ଅନେକ ସମୟରେ ଅନେକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ସମେତ ରାଜ୍ୟ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଦାବି ପତ୍ର ପ୍ରଦାନ କରୁଥିଲେ ମଧ୍ୟ ସୁଧୁରୁନି କେସିଙ୍ଗା ମେଡିକାଲର ବ୍ୟବସ୍ଥା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର କିମ୍ବା ଫୋନ ମାଧ୍ୟମରେ ଅଭିଯୋଗ କଲେ ନିଜର ଅସମର୍ଥତା ପ୍ରକାଶ କରୁଥିବା ବେଳେ ରାଜ୍ୟ ସରକାର ଧ୍ୟାନ ଦେଉ ନ ଥିବା ଜଣାପଡ଼ିଛି। ଯଥାଶୀଘ୍ର କେସିଙ୍ଗା ମେଡିକାଲରେ ବିଶେଷଜ୍ଞ ଡାକ୍ତରଙ୍କ ସମେତ ସମସ୍ତ ଖାଲିପଡ଼ିଥିବା ଡାକ୍ତର ପଦ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।




**୨୧ ରହିବା ସ୍ଥାନରେ ଅଛନ୍ତି ୬ ଡାକ୍ତର**

## 'ଦ ୟୁଥ ଅଫ୍ କଳାହାଣ୍ଡି' ସୋନମ୍ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ୧୨ ଘଣ୍ଟିଆ ସତ୍ୟାଗ୍ରହ

**ଭବାନୀପାଟଣା, ୨୦।୭ (ସମିସ):** ବିଶିଷ୍ଟ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ 'ଦ ୟୁଥ ଅଫ କଳାହାଣ୍ଡି' ପକ୍ଷରୁ ଆଜି ଭବାନୀପାଟଣା ଗାନ୍ଧୀଛକଠାରେ ୧୨ ଘଣ୍ଟିଆ ଉପବାସ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଏହି ଅବସରରେ ସଂଗଠନର ସଭାପତି ମନୀନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଅଗଷ୍ଟ ନାଏକ, ଉପସଭାପତି ପୀତବାସ ବେହେରା, ଉପସଭାପତି ଶିବ ସାହୁ, ପୂର୍ବତନ ଉପନଗରପାଳ ଆଦିତ୍ୟ ନନ୍ଦ, ବିକ୍ରମ କେଶରୀ ନାଏକ, ଶୁଭେନ୍ଦୁ ନିଆଲ, ମାନସ ସିନ୍ଦୁର, ରବୀନ୍ଦ୍ର ବେନିଆ, ଚିରଞ୍ଜୀବି କରୁଆଁ, ବାବୁଲି ବାଗ, ପୁଷ୍ପେନ୍ଦୁ ନିଆଲ, ଦିଲୀପ ଖମାରୀ ଓ ସଞ୍ଜୟ ନିହାଲ ପ୍ରମୁଖ ଉପବାସରେ ସାମିଲ ହୋଇ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ବକ୍ତାମାନେ କହିଥିଲେ ଯେ ପରିବେଶ ସଂରକ୍ଷଣ, ସାମାଜିକ ନ୍ୟାୟ ଏବଂ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ସୋନମ ୱାଙ୍ଗଚୁକ୍‌ଙ୍କ ଅହିଂସାତ୍ମକ ଆନ୍ଦୋଳନ ଦେଶର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ। ଆଜିର ଯୁବ ସମାଜ ଦିଗହରା ଗଣତନ୍ତ୍ର ବ୍ୟବସ୍ଥାରେ ନିଷ୍ପେସିତ, ଅବହେଳିତ, ନିର୍ଯ୍ୟାତିତ ଏବଂ ଭୁଲୁଣ୍ଠିତ ପରିସ୍ଥିତିକୁ ସାମ୍ନା କରୁଛି। ଉପବାସ ସତ୍ୟାଗ୍ରହକୁ ସମର୍ଥନ ଜଣାଇ ସମାଜସେବୀ ହୃଷିକେଶ ଗାନ୍ଧୀ, କଳାହାଣ୍ଡି ସୁରକ୍ଷା ମଞ୍ଚ ସଭାପତି ସୁରେଶ ରାଓ, ଦଳିତ ଆଦିବାସୀ ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ଆଇନଜୀବୀ ଦିବ୍ୟ ବହିଦାର ଓ ରାଜୀବ ଶତପଥୀ, ବରିଷ୍ଠ ନେତା ପ୍ରଦୀପ ମୁଣ୍ଡ, ସାମନ୍ତ ଖମାରି, ଦୀନେଶ ବରଗର୍ତି, ତ୍ରିଲୋଚନ ପାଣିଗ୍ରାହୀ, ସଞ୍ଜୟ ସୁନାନୀ, ଚନ୍ଦ୍ରାଂଶୁ ମିଶ୍ର, ରିଙ୍କୁ ନାଏକ, ଜିଲ୍ଲାର ଯୁବ ନେତା ମହମ୍ମଦ ସାହେବ, ସୁତପା ବହିଦାର, ପ୍ରତିଭା ଚୌହାନ, ବର୍ଷା ସରାଫ, ଭବାନୀପାଟଣା ପୌରପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ପୂର୍ବତନ ଉପନଗରପାଳ ସବିତା ପ୍ରଧାନ, କାଉନସିଲର କ୍ଷୀରସିନ୍ଧୁ ନାଏକ, ଜୟଶ୍ରୀ ଅଗ୍ରୱାଲ, ହାରାମଣି ଗଣ୍ଡ, ଗିରିଜା ଗହୀର, ଭୁବନେ ବାଗଙ୍କ ସମେତ ଅନେକ ଯୁବ, ଛାତ୍ର, ମହିଳା ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଆନ୍ଦୋଳନ ପ୍ରତି ନିଜର ସମର୍ଥନ ଜଣାଇଥିଲେ।




## ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟିତ

**ଗୋଲାମୁଣ୍ଡା, ୨୦।୭ (ସମିସ):** ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ଗ୍ରାମରେ ଏକ ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଏହି ଅଙ୍ଗନୱାଡି କେନ୍ଦ୍ର ରେଙ୍ଗସାପାଲି ଗାଇଗୋଠ ପଡ଼ାଠାରେ ଅବସ୍ଥାପିତ ହୋଇ ଦୀର୍ଘଦିନ ପରିଚାଳନା ହୋଇଆସୁଥିଲା ପରବର୍ତ୍ତୀ ସମୟରେ ଅଙ୍ଗନବାଡ଼ି ଗୃହ ପୁରୁଣା ହୋଇ ବିପଦସଂକୁଳ ହୋଇଯାଇଥିଲା। ଏହି ପରିପ୍ରକ୍ଷୀରେ ସରକାରଙ୍କ ମନରେଗା ଯୋଜନାରୁ ଏକ ନୂତନ ଅଙ୍ଗନବାଡ଼ି ଗୃହ ରେଙ୍ଗସାପାଲି ନାଏକ ପଡ଼ାଠାରେ ନିର୍ମାଣ କରି ସୋମବାର ଉଦ୍‌ଘାଟିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ରେଙ୍ଗସାପାଲି ପଞ୍ଚାୟତ ସରପଞ୍ଚ ରଜନୀ ବୁଦ୍ଧିଆଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ସନ୍ତୋଷ ବୁଦ୍ଧିଆ, ବରିଷ୍ଠ ଅତିଥି ଛନ୍ଦାଚରଣ ପଧାନ, ଅନନ୍ତ ରାମ ବେହେରା, ଅଭିମନ୍ୟୁ ଦାସ, ଅହଲ୍ୟା ଦାସ, ପାର୍ଥବ ମାଝୀ, କୁମର କଟା, ହରକଟା, ଜଗଦିଶ ନାଏକ ଓ ଗ୍ରାମର କୋମଳମତି ପ୍ରି ସ୍କୁଲ ଛାତ୍ରଛାତ୍ରୀ, ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା ସହିତ ଅଙ୍ଗନବାଡ଼ି ସହାୟିକା ଅଲେଖ ଜାଲ୍ ପ୍ରମୁଖ ଉପସ୍ଥିତ ଥିଲେ। ମୁରଲୀଧର ବାଗ ପରିଚାଳନା କରିଥିଲେ।

# ଆବାସ ଯୋଜନାରେ ନାମ ନ ଥିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେସିଙ୍ଗା, ୨୦।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଗୋକୁଳେଶ୍ୱର ପଞ୍ଚାୟତ ଅଧୀନସ୍ଥ କାଦୋପଡ଼ାର ୧୩ଜଣ ମହିଳା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଆବାସ ଯୋଜନାରେ ନାମ ନ ଥିବାରୁ ସୋମବାର କେସିଙ୍ଗା ପଞ୍ଚାୟତ ସମିତିରେ ଅନୁଷ୍ଠିତ ଜିଲ୍ଲାପାଳ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଏହି ୧୩ଜଣ ପରିବାରର ସମସ୍ତେ ଗରିବ ଓ ସମସ୍ତଙ୍କ ଖପର, ଝାଟିମାଟି ଘରଅଛି ବୋଲି କହୁଥିବା ବେଳେ ଦୀର୍ଘ ଦିନ ଧରି ଏହି ଝାଟିମାଟି ଘରେ ଜୀବନ ଯାପନ କରୁଛନ୍ତି। ଆବାସ ଗୃହ ଖଣ୍ଡେ ପାଇଁ ଅନେକ ଥର ପଞ୍ଚାୟତ, ବ୍ଲକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଆବାସ ଗୃହ ଯୋଜନାରେ ନାମ ଆସୁନାହିଁ ବୋଲି ଅଭିଯୋଗ କରି ଯେଉଁମାନଙ୍କ ବିଲ୍ଡିଂ ଘର, ଚାରି ଚକିଆ, ଜମିବାଡ଼ି ଅଛି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଅବାସ ଯୋଜନା ମିଳୁଛି ବୋଲି ଅଭିଯୋଗ କରିଛନ୍ତି। ଯଦି ପ୍ରକୃତ ଓ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ରୁ ବାଦ ଦିଆଯାଇଛି ତାହାହେଲେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଠିକ ଭାବେ କଲେ ଏହାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସାଧାରଣରେ ଦାବି ହେଉଛି।



# ରୁପ୍ରାରୋଡ୍‌ରେ ହେରାପଞ୍ଚମୀ

**ଭବାନୀପାଟଣା, ୨୦।୭ (ସମିସ):** ନର୍ଲା ବ୍ଲକର ରୁପ୍ରାରୋଡ୍‌ଠାରେ ପାରମ୍ପରିକ ରିତିନିତି ଅନୁସାରେ 'ହେରାପଞ୍ଚମୀ' ସମ୍ପାଦିତ ହୋଇଛି। ମଞ୍ଜୁ ଅଗ୍ରୱାଲ ମହାଲକ୍ଷ୍ମୀ ଭୂମିକାରେ ରହିଥିଲେ। ସେ ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମା ସହ ଏକ ସୁସଜ୍ଜିତ ରଥରେ ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରୁ ଯାଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ଓଡ଼ିଶାର ପ୍ରସିଦ୍ଧ କଥାବାଚକ ଆଶୀର୍ବାଦଜୀ ମହାରାଜ ଓ ରୁପ୍ରାରୋଡ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ପ୍ରତାପ ପଣ୍ଡା ହେରାପଞ୍ଚମୀ ନିତି ସମ୍ପାଦନ କରାଇଥିଲେ। ରୁପ୍ରାରୋଡ ଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା ଦିବଂଗତ ଡ. ସାଧୁରାମ ଅଗ୍ରୱାଲଙ୍କ ସୁପୁତ୍ର ସୁନୀଲ କୁମାର ଅଗ୍ରୱାଲ, ସୁମିତ କୁମାର ଅଗ୍ରୱାଲ ଓ କମିଟିର ସମ୍ପାଦକ ପ୍ରଦୀପ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହାଲକ୍ଷ୍ମୀଙ୍କ ଏହି ଅପୂର୍ବ ଯାତ୍ରା ଦେଖି ଭକ୍ତମଣ୍ଡଳୀ କୃତାର୍ଥ ହୋଇଛନ୍ତି। ପୁନମ ଅଗ୍ରୱାଲ, ମଞ୍ଜୁ ରୋହିଲା, ସୁଧୀର ଅଗ୍ରୱାଲ, ସୁଦିପ୍ତ ଅଗ୍ରୱାଲ, କାହ୍ନା ଶର୍ମା, କାଲୁ ଶର୍ମା, ପ୍ରଶାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ସୀମାନ୍ତରେ ଆନ୍ତଃଜିଲ୍ଲା ମଦ ମାଫିଆଙ୍କ ରାଜ୍

# ସାହାଜଖୋଲ ଜଙ୍ଗଲ ପାଲଟିଛି ବିଷାକ୍ତ ମଦର 'ହବ୍'

**କୋକସରା, ୨୦।୭ (ସମିସ):** କଳାହାଣ୍ଡି ଏବଂ ପଡ଼ୋଶୀ ଜିଲ୍ଲା ନବରଙ୍ଗପୁର ସୀମାନ୍ତରେ ଏବେ ଆନ୍ତଃଜିଲ୍ଲା ମଦ ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି। ନବରଙ୍ଗପୁର ଜିଲ୍ଲାର ଗାଁ ଗାଁରେ ମହିଳା ସଂଗଠନଗୁଡ଼ିକ ପକ୍ଷରୁ ବ୍ୟାପକ ମଦ ବିରୋଧୀ ଆନ୍ଦୋଳନ ଜାରି ରହିଥିବାବେଳେ, ସେଠାକାର ମାଫିଆମାନେ ଏବେ କଳାହାଣ୍ଡି ସୀମାନ୍ତକୁ ନିଜର ସୁରକ୍ଷିତ ଆସ୍ଥାନଭାବେ ବାଛି ନେଇଛନ୍ତି। ବିଶେଷ କରି କଳାହାଣ୍ଡି ସୀମାନ୍ତବର୍ତ୍ତୀ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଏବେ ବେଆଇନ ବିଷାକ୍ତ ମଦ ପ୍ରସ୍ତୁତିର ସବୁଠାରୁ ବଡ଼ ପେଣ୍ଠସ୍ଥଳ ପାଲଟିଛି, ଯାହା ସ୍ଥାନୀୟ ଅଞ୍ଚଳ ପାଇଁ ବଡ଼ ବିପଦ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ନବରଙ୍ଗପୁର ଅଞ୍ଚଳରୁ ଆସିଥିବା ମଦ ମାଫିଆ ମାନେ ସୀମାନ୍ତବର୍ତ୍ତୀ ବିରିମୁହାଣ, କାଦୋମଲି, କୁଟ୍ରୁ ଏବଂ ପିଣ୍ଡାପଦର ଅଞ୍ଚଳର ଜଙ୍ଗଲ ଭିତରେ ବେଧଡ଼କ ଭାବେ ହାତ-ରନ୍ଧା ଦେଶୀ ମଦ ରନ୍ଧାଶାଳ ଚଳାଇଛନ୍ତି। ମଦକୁ ଅଧିକ କଡ଼ା ଏବଂ ଶୀଘ୍ର ପ୍ରସ୍ତୁତ କରିବା ପାଇଁ ଏହି ମାଫିଆମାନେ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଜଙ୍ଗଲ ଭିତରେ ପ୍ରସ୍ତୁତ ହେଉଥିବା ଏହି ମଦରେ ମାରାତ୍ମକ କେମିକାଲ୍ ଯଥା ଆମୋନିଆ (ଯାହା ଶୀତଳୀକରଣ, ସଫେଇ ସାମଗ୍ରୀ ଓ ବିସ୍ଫୋରକରେ ବ୍ୟବହାର ହୁଏ), କୃଷିସାର ୟୁରିଆ ଏବଂ ବିଭିନ୍ନ ନିଶାଦ୍ରବ୍ୟ ଔଷଧ ବଟିକା ମିଶାଯାଉଛି। ଏହି କେମିକାଲ୍ ଏତେ ପରିମାଣରେ ବିଷାକ୍ତ ଯେ, ଏହାର ମାତ୍ର ୧୦୦ ଗ୍ରାମର ଏକ ପକେଟ୍ ପ୍ରାୟ ୧୦ ଲିଟର ପାଣିରେ ମିଶାଇ ମଦ ପ୍ରସ୍ତୁତ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଭଳି ବିଷାକ୍ତ ମଦ ପିଇବା ଦ୍ୱାରା ଲୋକେ ମାରାତ୍ମକ ରୋଗର ଶିକାର ହେବାସହ ଜୀବନ ହାରିବା ଆଶଙ୍କା ଦ୍ୱିଗୁଣିତ ହୋଇଯାଇଛି। ମାଫିଆମାନେ କେବଳ ଜଙ୍ଗଲରେ ମଦ ପ୍ରସ୍ତୁତ କରୁନାହାନ୍ତି, ବରଂ ଏକ ସୁଚିନ୍ତିତ ନେଟୱର୍କ ଜରିଆରେ ଏହାକୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ସୀମାନ୍ତ ଜଙ୍ଗଲରୁ ବାହାରୁଥିବା ଏହି କେମିକାଲ ଯୁକ୍ତ ମଦ ଏବେ ଆମପାଣି ଠାରୁ ଆରମ୍ଭ କରି ମୋଟେର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ଗାଁ ଗାଁରେ ବିକ୍ରି ହେଉଛି। ଅବକାରୀ ବିଭାଗ ପକ୍ଷରୁ ଏହି ସୀମାନ୍ତ ଅଞ୍ଚଳରେ ଚଢ଼ାଉ କରାଯାଉଥିଲେ ସୁଦ୍ଧା ତାହା କେବଳ 'ନାଁ କୁ ମାତ୍ର' ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାଫିଆମାନେ ଦୁଇଟି ଜିଲ୍ଲାର ସୀମାନ୍ତର ସୁଯୋଗ ନେଉଥିବାରୁ, ଏବେ କଳାହାଣ୍ଡି ଏବଂ ନବରଙ୍ଗପୁର ଉଭୟ ଜିଲ୍ଲାର ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ସାହାଜଖୋଲ ଜଙ୍ଗଲରେ ବଡ଼ ଧରଣର ଚଢ଼ଉ କରିବା ପାଇଁ ଜନସାଧାରଣରେ ଜୋରଦାର ଦାବି ହେଉଛି। ଏନେଇ କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ପ୍ରତିକ୍ରିୟା ନେବାରୁ ସୀମାନ୍ତବର୍ତ୍ତୀ ଜଙ୍ଗଲ ଗୁଡ଼ିକରେ ଆମର ଚଢ଼ଉ ନିରନ୍ତର ଜାରି ରହିଛି ଏବଂ ନିକଟରେ ମଧ୍ୟ କେତେକ ସ୍ଥାନରେ ସଫଳ ଚଢ଼ଉ କରାଯାଇଛି। ଯଦି ଆନ୍ତଃଜିଲ୍ଲା ସୀମାନ୍ତ ଦେଇ ମଦ ଚାଲାଣ କିମ୍ବା ଜଙ୍ଗଲ ଭିତରେ ପ୍ରସ୍ତୁତି ହେଉଛି, ତେବେ ସେହି ନିର୍ଦ୍ଦିଷ୍ଟ ରୁଟ୍ ଏବଂ ଚାଲାଣ ଉପରେ ଏଣିକି ବିଶେଷ ନଜର ଓ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




## କଳାହାଣ୍ଡି ଚେସ୍ ଏକାଡେମୀ ତରଫରୁ ଚେସ୍ ଦିବସ ପାଳିତ

**ଭବାନୀପାଟଣା, ୨୦।୭ (ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ୍‌ସ୍ଥିତ ବିବେକ କନ୍‌ଫରେନ୍ସ ହଲଠାରେ କଳାହାଣ୍ଡି ଚେସ୍ ଏକାଡେମୀ ତରଫରୁ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଇଥିଲା। ବିଶ୍ୱସ୍ତରରେ ଚେସ୍ ଖେଳକୁ ପ୍ରୋତ୍ସାହିତ କରିବା ଏବଂ ଖେଳାଳିଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୧୯୨୪ ମସିହା ଜୁଲାଇ ୨୦ ତାରିଖରେ ଫ୍ରାନ୍ସର ପ୍ୟାରିସ୍‌ଠାରେ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଫିଡେ) ଗଠିତ ହୋଇଥିଲା। ଏହି ସଂସ୍ଥାର ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ୧୯୬୬ ମସିହାରୁ (ଫିଡେ) ପକ୍ଷରୁ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏହା ଖେଳାଳିଙ୍କୁ ଜୀବନର ବିଭିନ୍ନ ପରିସ୍ଥିତିରେ ଧୈର୍ଯ୍ୟର ସହ ଠିକ୍ ନିଷ୍ପତ୍ତି ନେବାକୁ ଶିଖାଇଥାଏ ବୋଲି କଳାହାଣ୍ଡି ଚେସ୍ ଏକାଡେମୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ଶିବରାମ ନାୟକ ଉଦ୍‌ବୋଧନ ଦେଇଥିଲେ। ରବୀନ୍ଦ୍ର କୁମାର ସାହୁ, ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିବାବେଳେ ଶିଶୁ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ନିଯୁକ୍ତିଦାବିରେ ଅଭିଯୋଗ ଶୁଣାଣିକୁ ଆସି ଫେରିଲେ ଗ୍ରାମବାସୀ

**ଖଡ଼ିଆଳ, ୨୦।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଦାବ୍ରି ପଞ୍ଚାୟତର ଭୈଇରାଜପୁର ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଥିରେ ୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ତିନି ଜଣ ଅଛନ୍ତି। ଏହି ବିଦ୍ୟାଳୟରେ ପୂର୍ବରୁ ପାଞ୍ଚଜଣ ଶିକ୍ଷକ ଥିବାବେଳେ ଦୁଇ ଜଣ ସିଆରସିସି ପଦୋନ୍ନତି ପାଇଁ ବଦଳି ହୋଇଗଲେ। ସେହି ଦିନଠାରୁ ଶିକ୍ଷକ ଅଭାବ ଦୂର କରିବା ଦାବିରେ ଗ୍ରାମବାସୀ ଓ ଅଭିଭାବକମାନେ ତିନିଥର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଯୋଗଦେଇ ଦାବିପତ୍ର ଦାଖଲ କରିଥିଲେ। ତେବେ ବାରମ୍ବାର ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ନିରାଶା ପ୍ରକାଶ କରିଛନ୍ତି। ଅଭିଭାବକମାନଙ୍କ କହିବା ଅନୁସାରେ, ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ସେମାନେ ଦାବି କରିଛନ୍ତି। ଯଦି ଖୁବଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଗ୍ରାମବାସୀ ଭକ୍ତବନ୍ଧୁ ବଛା, କୈଳାସ ମହନନ୍ଦ, ନବୀନ କେତକୀ ଚେତାବନୀ ଦେଇଛନ୍ତି।

# ଭବାନୀପାଟଣାରେ ହେବ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା

**ଭବାନୀପାଟଣା, ୨୦।୭ (ସମିସ):** କଳାହାଣ୍ଡି ଜିଲ୍ଲା ବିକାଶ ଆବାସିକ ବିଦ୍ୟାଳୟରେ ଆସନ୍ତା ୨୪ ଜୁଲାଇରୁ ସିବିଏସ୍‌ଇ ଫାର୍ ଇଷ୍ଟ ଜୋନ୍ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ସୋମବାର ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୨୪ରୁ ୨୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ୧୧ଟି ରାଜ୍ୟର ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରୁ ୨୫୦ରୁ ଅଧିକ ପ୍ରତିଭାବାନ ବାଳକ ଓ ବାଳିକା ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାଟି ଅଣ୍ଡର-୧୪, ଅଣ୍ଡର-୧୭ ଓ ଅଣ୍ଡର-୧୯ ବର୍ଗରେ ଅନୁଷ୍ଠିତ ହେବ। ବିକାଶ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା କଳାହାଣ୍ଡି ଜିଲ୍ଲାରେ ପ୍ରଥମଥର ହେଉଥିବାବେଳେ ଏହା ସମଗ୍ର ଜିଲ୍ଲା ପାଇଁ ଗୌରବର ବିଷୟ ରହିଛି। ପ୍ରତିଯୋଗିତାରେ ସୁପରିଚାଳନା ପାଇଁ ଓଡ଼ିଶା ଆର୍ଚେରୀ ଆସୋସିଏଶନ ୮ ଜଣ ଅଭିଜ୍ଞ ଅଧିକାରୀ ଓ ୧୦ ଜଣ ସ୍ୱେଚ୍ଛାସେବକ ସହଯୋଗ ପ୍ରଦାନ କରିବେ। ଏହି ଜାତୀୟସ୍ତରର ଜୋନାଲ ପ୍ରତିଯୋଗିତା ମାଧ୍ୟମରେ ଯୁବ ତୀରନ୍ଦାଜମାନେ ନିଜ ପ୍ରତିଭାର ବିକାଶ ସହିତ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବାର ପ୍ରେରଣା ଲାଭ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ, ମୁଖ୍ୟ ଶିକ୍ଷାଧିକାରୀ ଡି. ବିଜୟା, ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।




### ଅଚଳ ସୌରଚାଳିତ ଟାଙ୍କି ଓ ନଳକୂପ

# ଚୁଆ ପାଣି ଭରସାରେ ବେଲଭଟା ଗ୍ରାମବାସୀ

ଲାଞ୍ଜିଗଡ଼, ୨୦।୭ (ସମିସ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ପଞ୍ଚାୟତ ଅଧୀନ ଦେହେଡ଼ାର ପଡ଼ାଗାଁ ବେଲଭଟା ଗାଁରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଗାଁରେ ୬ଟି ଆଦିବାସୀ ପରିବାର ବସବାସ କରୁଥିବାବେଳେ ସରକାରଙ୍କ ପକ୍ଷରୁ ସ୍ଥାପିତ ସୌରଚାଳିତ ପାଣି ଟାଙ୍କି ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ସେହିପରି ଗାଁର ଏକମାତ୍ର ନଳକୂପ ମଧ୍ୟ ଦୀର୍ଘ ସମୟ ହେଲା ଅଚଳ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ନିକଟସ୍ଥ ପୋଳତଳେ ଥିବା ଏକ ଆମ୍ବଗଛ ମୂଳରେ ରହିଥିବା ଚୁଆରୁ ପାଣି ସଂଗ୍ରହ କରି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ବର୍ଷା ଋତୁରେ ଏହି ପାଣି ଦୂଷିତ ହେବାର ଆଶଙ୍କା ଥିବାରୁ ଜଳବାହିତ ରୋଗ ବ୍ୟାପିବାର ଭୟ ମଧ୍ୟ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବହୁବାର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ଅଚଳ ସୌରଚାଳିତ ପାଣି ଟାଙ୍କି ଓ ନଳକୂପର ଶୀଘ୍ର ମରାମତି କରି ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନଙ୍କୁ ଗୁହାରି କରିଛନ୍ତି। ତେବେ କେବେ ବେଲଭଟାବାସୀଙ୍କ ପାନୀୟଜଳ ଦୁଃଖ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା।



### ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ରେଡକ୍ରସ୍ ପାଣ୍ଠିରୁ ଦୁଇ ଜଣଙ୍କୁ ସହାୟତା

**ଖଡ଼ିଆଳ, ୨୦।୭ (ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ ସମ୍ମଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୋଟ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୩ ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ପ୍ରତ୍ୟେକ ଅଭିଯୋଗର ଶୁଣାଣି କରାଯାଇ ଯଥାଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଦୁଇଜଣ ଅସହାୟ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଲୋହରାପାଲି ଗ୍ରାମର ସଞ୍ଜୁଲତା ନାଏକଙ୍କୁ ୧୦, ୦୦୦ ଟଙ୍କା ଏବଂ ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମର ତାରା ବାଗଙ୍କୁ ୫, ୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଦ୍ୱାରିକାନାଥ ଶତପଥୀ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ଖଡ଼ିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଏବଂ ଡେପୁଟି ଜିଲ୍ଲାପାଳ ଶେଖ ନସୀମଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ସେହିପରି ଦୋହେଲପଡ଼ା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, 'ଝିଅ ପାଇଁ ଗଛଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' ଏବଂ 'ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାସହ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ 'ପ୍ରାଣୀ ପାଇଁ ଦିନଟିଏ' ଶୀର୍ଷକରେ ଏକ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।



THE SAKALA

# ସମ୍ପାଦକୀୟ



ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

## ପ୍ରତିବାଦର ଅଧିକାର

ସଂସଦର ମୌସୁମୀ ଅଧିବେଶନ ବିଭିନ୍ନ ଆଭ୍ୟନ୍ତରୀଣ ଓ ରାଜନୈତିକ କାରଣରୁ ଉଷ୍ମ ରହିବ ବୋଲି ଅନୁମାନ କରାଯାଇଥିବା ବେଳେ ଅପ୍ରତ୍ୟାଶିତ ଭାବେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ସଂସଦ ଘେରାଉ ଅଭିଯାନ ଶାସନ-ପ୍ରଶାସନ ପାଇଁ ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଛି। ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟ, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ମୂଲ୍ୟାଙ୍କନରେ ବିଭ୍ରାଟ ଆଦିର ପୃଷ୍ଠଭୂମିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦୀର୍ଘ ତିନିସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଜନ୍ତରମନ୍ତରଠାରେ ଅନଶନରେ ବସିଥିବା ପରିବେଶବିତ, ଶିକ୍ଷାବିତ୍, ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ପୁଲିସ ବଳପୂର୍ବକ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସିଜେପି ନେତା ଅଭିଜିତ୍ ଦୀପ୍‌କେ ଅନଶନରେ ବସିଛନ୍ତି ଏବଂ ୧୨୦୦ରୁ ଊର୍ଦ୍ଧ୍ୱ ସିଜେପି ସଦସ୍ୟ ସଂସଦ ଅଭିମୁଖେ ପ୍ରତିବାଦ ଯାତ୍ରା କରିଛନ୍ତି। ପୁଲିସ୍ ପ୍ରଶାସନ ପକ୍ଷରୁ ଏହି ପ୍ରତିବାଦ ଶୋଭାକୁ ପ୍ରତିହତ କରାଯିବା ପରେ ପ୍ରତିବାଦ/ବିକ୍ଷୋଭ/ବିରୋଧ ଆଦିର ଅଧିକାର ଓ ସାମ୍ବିଧାନିକ ଔଚିତ୍ୟ ଉପରେ ପ୍ରଶ୍ନ ଉଠିଛି।

ଭାରତୀୟ ସମ୍ବିଧାନର ଧାରା ୧୯(୧) ଦେଶବାସୀଙ୍କୁ ବିକ୍ଷୋଭ/ପ୍ରତିବାଦ ଆଦି କରିବାର ଅଧିକାର ପ୍ରଦାନ କରିଥିବା ବେଳେ ଧାରା ୧୯(୨)ରେ କେତେକ କଟକଣା ରହିଛି। ଯଦି ଉକ୍ତ ବିକ୍ଷୋଭ/ପ୍ରତିବାଦ ଦେଶର ସାର୍ବଭୌମତ୍ୱ, ପ୍ରତିରକ୍ଷା, ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥାଏ ତେବେ ସମ୍ବିଧାନ(୧୯(୨) ଅନୁଯାୟୀ ସରକାର ତାହାକୁ ନିଷିଦ୍ଧ ଘୋଷଣା କରିପାରିବେ କିମ୍ବା ପ୍ରତିରୋଧ କରିପାରିବେ। ତେଣୁ ପ୍ରତିବାଦ ପୂର୍ବରୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଅନୁଯାୟୀ ବିକ୍ଷୋଭ/ପ୍ରତିବାଦକାରୀ ପୁଲିସ ପ୍ରଶାସନଠାରୁ ପ୍ରାକ୍ ଅନୁମତି ଆଣିବାକୁ ପଡ଼ିବ। ଜାତିସଂଘର ମାନବାଧିକାର ପରିଷଦର ୪୭ତମ ବୈଠକରେ ଭାରତ ପ୍ରତିନିଧିତ୍ୱ କରି ସ୍ୱଷ୍ଟ କରିଥିଲା ଯେ ଶାନ୍ତିପୂର୍ଣ୍ଣ ଓ ଅହିଂସ ବିକ୍ଷୋଭ/ପ୍ରତିବାଦ/ଆନ୍ଦୋଳନ ଭାରତର ସ୍ୱାଧୀନତାର ମୂଳଭିତ୍ତି ଏବଂ ଏଭଳି ଆଚରଣକୁ ଆପରାଧିକ ଭାବେ ବିବେଚନା କରାଯିବ ନାହିଁ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସମସ୍ତଙ୍କର ସମାନ ରାଜନୈତିକ ଅଧିକାର ରହିଥିବାରୁ ପ୍ରତିବାଦ କରିବାର ଅଧିକାର ମଧ୍ୟ ରହିଛି।

ଏ ସମ୍ପର୍କିତ ବିଭିନ୍ନ ମାମଲା ବିଭିନ୍ନ ସମୟରେ ଅଦାଲତକୁ ଯାଇଛି ଏବଂ ଦେଶର ସର୍ବୋଚ୍ଚ ଅଦାଲତ ବିଭିନ୍ନ ଦୃଷ୍ଟିକୋଣରୁ ତର୍ଜମା କରି ରାୟମାନ ଦେଇଛନ୍ତି। ୧୯୭୩ ମସିହାରେ ହିମତ ଲାଲ୍ କେ ଶାହ ବନାମ ପୁଲିସ କମିଶନର ମାମଲାରେ ରାୟରେ କହିଥିଲେ ଯେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ/ପ୍ରତିବାଦ କରିବାର ଅଧିକାର ଦେଶର ଜନତାଙ୍କର ରହିଛି, କିନ୍ତୁ ଯଦି ତାହା ହିଂସାର ରୂପ ନିଏ ପ୍ରଶାସନ ବିହିତ ପଦକ୍ଷେପ ନେଇପାରିବ। ସେହିପରି ୨୦୧୮ ରେ ମଜଦୁର କିସାନ ଶକ୍ତି ସଂଗଠନ ବନାମ ଭାରତ ସରକାର ମାମଲାରେ ଏବଂ ୨୦୨୦ରେ ସାହିନବାଗ ମାମଲାରେ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ସଂସଦ, ବିଧାନସଭା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ/ପ୍ରତିବାଦ ପାଇଁ ଅନୁମତି ଆଣିବାକୁ ପଡ଼ିବ, ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ଅନୁମତି ଦିଆଯାଇପାରିବ ନାହିଁ ଏବଂ ବିକ୍ଷୋଭ/ପ୍ରତିବାଦ ଆଳରେ ସର୍ବସାଧାରଣଙ୍କୁ ଅସୁବିଧା ସୃଷ୍ଟି କଲା ଭଳି କୌଣସି ସ୍ଥାନକୁ ଅବରୋଧ କରାଯାଇପାରିବ ନାହିଁ।

ଏହି ରାୟ ଓ ନିୟମ ଆଧାରରେ ଦିଲ୍ଲୀ ପ୍ରଶାସନ ବିଭିନ୍ନ ସମୟରେ ପରିସ୍ଥିତିକୁ ଦେଖି ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ଏବଂ ସିଆରପିସିର ଧାରା ୧୪୪ ଜାରି କରୁଛି। କିନ୍ତୁ ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ପ୍ରଶାସନ ବିନା କାରଣରେ ଏଭଳି କରୁଥିବାରୁ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଛି ଏବଂ ସରକାରଙ୍କ ମନମୁଖି କାର୍ଯ୍ୟ କରିବାକୁ ସୁବିଧା ମିଳୁଛି। ଏକ ଅନୁସନ୍ଧାନ ଅନୁଯାୟୀ ୨୦୨୧ ରୁ ୨୦୨୨ ମଧ୍ୟରେ ଦିଲ୍ଲୀର ୧୮ ଟି ଜିଲ୍ଲାରେ ୬୧୦୦ଟି ୧୪୪ ଧାରା ଜାରିରୁ ମାତ୍ର ୮୧ଟି ବା ୧.୫%ର ଯଥାର୍ଥତା ଥିଲା। ତେଣୁ ସିଜେପିର ପ୍ରତିବଦ ଓ ସଂସଦ ଚଲୋ ଅଭିଯାନ ଉପରେ କଟକଣାକୁ ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ଦିଲ୍ଲୀ ପୁଲିସର ସ୍ୱଷ୍ଟୀକରଣ ଅନୁଯାୟୀ ପ୍ରତିବାଦ/ବିକ୍ଷୋଭ ପୂର୍ବରୁ ବିହିତ ଅନୁମତିର ବ୍ୟବସ୍ଥା ରହିଥିଲେ ମଧ୍ୟ ସିଜେପି ପକ୍ଷରୁ ଏଥିପାଇଁ ଅବେଦନ କରାଯାଇ ନଥିଲା ଏବଂ ସେମାନେ ହଠାତ୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିନ୍ତୁ କୌଣସିଠାରେ ହିଂସାତ୍ମକ କାର୍ଯ୍ୟକଳାପର ସୂଚନା ନାହିଁ।

ସଂସଦ ପର୍ଯ୍ୟନ୍ତ ପହଞ୍ଚିବାର ଅନୁମତି ମିଳିବ ନାହିଁ ବୋଲି ଯେ ସିଜେପି ସଦସ୍ୟମାନେ ଜାଣି ନଥିଲେ ତାହା ନୁହେଁ। କିନ୍ତୁ ସେମାନେ ଏହା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଏବଂ ଏହା ମଧ୍ୟ ଆଗକୁ ଦେଶର ଯୁବଶକ୍ତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ପ୍ରତିବାଦ ପୁଣି ଥରେ ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଏବଂ ଏହାର ଫଳାଫଳକୁ ସ୍ମରଣ କରାଇଛି। ସିଜେପିର ଏହି ପ୍ରତିବାଦ ଓ ବିକ୍ଷୋଭ ନିରାଧାର ଏହି ଅଭିଯୋଗ ଭାରତର ସିଜେଆଇ ମଧ୍ୟ ବୋଧହୁଏ ଆଣିପାରିବେ ନାହିଁ। କାରଣ ତାଙ୍କର 'ନିରାଧାର ପ୍ରତିବାଦ କରୁଥିବା ବ୍ୟବସ୍ଥାର ଅସରପା' ଟିପ୍ପଣୀରୁ ହିଁ ସିଜେପି ଜନ୍ମ ନେଇଥିଲା।

# ମଧ୍ୟରାତ୍ରିର ଅଶ୍ୱାରୋହଣ ଓ ଅଢ଼େଇ ଶତାବ୍ଦୀର ଯାତ୍ରା

**ପ୍ରଫେସର ନିରଞ୍ଜନ ବାରିକ**

୧୭୭୫ ମସିହାର ଏପ୍ରିଲ ମାସ। ସେତେବେଳେ ନା ଥିଲା ଟେଲିଫୋନ୍, ନା ଥିଲା ଆଧୁନିକ ଯୋଗାଯୋଗ ବ୍ୟବସ୍ଥା। ଖବର ଲୋକମାନଙ୍କ ମୁଖରୁ ମୁଖକୁ ଏବଂ ଘୋଡ଼ାରେ ସବାର ଦୂତମାନଙ୍କ ମାଧ୍ୟମରେ ପହଞ୍ଚୁଥିଲା। ବୋଷ୍ଟନରୁ ମାସାଚୁସେଟ୍ସ ଅଭିମୁଖେ ବ୍ରିଟିଶ୍ ସୈନ୍ୟମାନେ ଉପନିବେଶବାସୀଙ୍କ ସାମରିକ ଅସ୍ତ୍ରଶସ୍ତ୍ର ଭଣ୍ଡାର ଦଖଲ କରିବା ପାଇଁ ଅଗ୍ରସର ହେଉଥିବା ବେଳେ ଦେଶପ୍ରେମୀ ତଥା ରୁପା କାରିଗର(ବଣିଆ) ପଲ୍ ରିଭିଅର୍ ତାଙ୍କ ଘୋଡ଼ାରେ ଆରୋହଣ କରି ସାରା ରାତି ଦ୍ରୁତଗତିରେ ଗ୍ରାମରୁ ଗ୍ରାମ ଘୁରି ଲୋକମାନଙ୍କୁ ସତର୍କ କରିଥିଲେ ଯେ ବ୍ରିଟିଶ୍ ସୈନ୍ୟମାନେ ଆଗକୁ ମାଡ଼ି ଆସୁଛନ୍ତି। ତାଙ୍କର ଏହି ଐତିହାସିକ ମଧ୍ୟରାତ୍ରିର ଅଶ୍ୱାରୋହଣ ଆମେରିକୀୟ ଉପନିବେଶବାସୀଙ୍କୁ ସଜାଗ କରିଦେଇଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କୁ 'ମିନିଟମେନ୍' ବୋଲି କୁହାଯାଉଥିଲା। କାରଣ ସେମାନେ ମାତ୍ର ଏକମିନିଟ୍‌ର ସୂଚନାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇପାରୁଥିଲେ। ସେମାନଙ୍କର ଏହି ଦ୍ରୁତ ସମାବେଶର ପରିଣାମ ସ୍ୱରୂପ ଲେକ୍ସିଙ୍ଗଟନ୍ ଓ କନ୍‌କର୍ଡର ଐତିହାସିକ ଯୁଦ୍ଧ ସଂଘଟିତ ହୋଇଥିଲା, ଯେଉଁଠାରେ ଆମେରିକାର ସ୍ୱାଧୀନତା ଯୁଦ୍ଧର ପ୍ରଥମ ଗୁଳି ଫୁଟିଥିଲା ଏବଂ ତାହା ସହିତ ସ୍ୱାଧୀନତା ପାଇଁ ଉପନିବେଶଗୁଡ଼ିକର ସଂଗ୍ରାମର ଶୁଭାରମ୍ଭ ହୋଇଥିଲା।

୨୦୨୬ ଜୁଲାଇ ୪ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ସ୍ୱାଧୀନତା ଘୋଷଣାର ୨୫୦ ବର୍ଷ ପୂର୍ତ୍ତି ପାଳନ କରିଛି। ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଜାତୀୟ ଉତ୍ସବ ନୁହେଁ; ବରଂ ମାନବ ଇତିହାସର ଅନ୍ୟତମ ପ୍ରଭାବଶାଳୀ ଚିରସ୍ମରଣୀୟ ଘଟଣା। ଏହି ଅବସର, ଗଣତାନ୍ତ୍ରିକ ପରୀକ୍ଷା, ତାହାର ଉଲ୍ଲେଖନୀୟ ସଫଳତା, ଅବିରତ ଆହ୍ୱାନ ଏବଂ ବିଶ୍ୱବ୍ୟାପୀ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଥିବା ଆଦର୍ଶଗୁଡ଼ିକୁ ପୁନର୍ବିଚାର କରିବାର ଏକ ସୁଯୋଗ।

ଆମେରିକାର ଜନ୍ମ ହୋଇଥିଲା ଔପନିବେଶିକ ଶାସନ ବିରୋଧରେ ଏକ ଦୃଢ଼ ସଂଗ୍ରାମରୁ। ତେରଟି ଉପନିବେଶ ପ୍ରତିନିଧିତ୍ୱ, ବିନା କର ଆଦାୟ, ସ୍ୱେଚ୍ଛାଚାରୀ ଶାସନ ଏବଂ ବ୍ରିଟିଶ୍ ରାଜମୁକୁଟର ଅଧୀନତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପ୍ରଧାନତଃ ଥୋମାସ୍ ଜେଫରସନଙ୍କ ଦ୍ୱାରା ପ୍ରଣୀତ ସ୍ୱାଧୀନତା ଘୋଷଣାପତ୍ର କେବଳ ରାଜନୈତିକ ବିଚ୍ଛେଦର ଘୋଷଣା କରି ନ ଥିଲା; ଏହା ଏକ ଗଭୀର ଦାର୍ଶନିକ ସତ୍ୟକୁ ପ୍ରତିପାଦିତ କରିଥିଲା। ସମସ୍ତ ମଣିଷ ସମାନ ଭାବରେ ସୃଷ୍ଟି ହୋଇଛନ୍ତି ଏବଂ ସେମାନଙ୍କର 'ଜୀବନ, ସ୍ୱାଧୀନତା ଓ ସୁଖର ସନ୍ଧାନ' ପରି ଅବିଚ୍ଛିନ୍ନ ଅଧିକାର ରହିଛି। ଆମେ ଏହି ସତ୍ୟଗୁଡ଼ିକୁ ସ୍ୱୟଂସିଦ୍ଧ ବୋଲି ବିଶ୍ୱାସ କରୁ। ସେହି ଅଧିକାରମାନଙ୍କ ମଧ୍ୟରେ ଜୀବନ, ସ୍ୱାଧୀନତା ଓ ସୁଖ ପ୍ରାପ୍ତିର ପ୍ରୟାସ ଅଧିକାର ପ୍ରମୁଖ। ଏହି ଘୋଷଣା ଏକ ଉପନିବେଶୀୟ ବିଦ୍ରୋହକୁ ମାନବ ମର୍ଯ୍ୟାଦାର ସାର୍ବଜନୀନ ଘୋଷଣାରେ ପରିଣତ କରିଥିଲା।

ଆମେରିକୀୟ ସ୍ୱାଧୀନତା ସଂଗ୍ରାମ ଅସୀମ ତ୍ୟାଗ ଓ ବଳିଦାନ ଉପରେ ପ୍ରତିଷ୍ଠିତ। ସାଧାରଣ କୃଷକ, ବ୍ୟବସାୟୀ, କାରିଗର, ବୁଦ୍ଧିଜୀବୀ ଓ ସୈନିକମାନେ ସ୍ୱଶାସନର ସ୍ୱପ୍ନକୁ ସାକାର କରିବା ପାଇଁ ଅସଂଖ୍ୟ କଷ୍ଟ ସହିଥିଲେ। ଜର୍ଜ ୱାଶିଂଟନ, ବେଞ୍ଜାମିନ୍ ଫ୍ରାଙ୍କଲିନ୍, ଜନ୍ ଆଡାମ୍ସ, ଆଲେକ୍ସାଣ୍ଡର ହାମିଲଟନ୍, ଜେମ୍ସ ମାଡିସନ୍ ପ୍ରମୁଖ ନେତାମାନଙ୍କର ଦୂରଦର୍ଶୀ ନେତୃତ୍ୱ ବିପ୍ଳବୀ ଆକାଂକ୍ଷାକୁ ସ୍ଥାୟୀ ଗଣତାନ୍ତ୍ରିକ ପ୍ରତିଷ୍ଠାନରେ ପରିଣତ କରିଥିଲା। ସେମାନଙ୍କର ସଫଳତା କେବଳ ସାମରିକ ବିଜୟରେ ସୀମିତ ନଥିଲା; ବରଂ ଜନସମ୍ମତି ଉପରେ ଆଧାରିତ ଏକ ସାମ୍ବିଧାନିକ ଗଣରାଜ୍ୟର ସ୍ଥାପନାରେ ନିହିତ ଥିଲା। ୧୭୮୭ ମସିହାରେ ସମ୍ବିଧାନର ଗ୍ରହଣ ଆମେରିକାର ଇତିହାସରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିଲା। ଏହା ଆଜି ମଧ୍ୟ ବିଶ୍ୱର ସର୍ବପୁରାତନ ଲିଖିତ ଏବଂ କାର୍ଯ୍ୟକ୍ଷମ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ। କ୍ଷମତାକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ନକରି, ଏହା ସଂଘୀୟ ବ୍ୟବସ୍ଥା, କ୍ଷମତାର ପୃଥକୀକରଣ ଏବଂ ପରସ୍ପର ନିୟନ୍ତ୍ରଣ ଓ ସନ୍ତୁଳନ ମାଧ୍ୟମରେ ଶାସନର ସନ୍ତୁଳିତ ଢାଞ୍ଚା ଗଢ଼ିଥିଲା। କାର୍ଯ୍ୟନିର୍ବାହୀ, ବିଧାୟିକା ଓ ନ୍ୟାୟପାଳିକା ପରସ୍ପରକୁ ନିୟନ୍ତ୍ରଣ କରିବେ ଏବଂ ଏହି ବ୍ୟବସ୍ଥା ଏହି ବିଶ୍ୱାସ ଉପରେ ଆଧାରିତ ଥିଲା ଯେ କ୍ଷମତା ସୀମିତ ଓ ଉତ୍ତରଦାୟୀ ହେଲେ ହିଁ ସ୍ୱାଧୀନତା ସୁରକ୍ଷିତ ରହିପାରିବ। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ଅତ୍ୟନ୍ତ ସଂକ୍ଷିପ୍ତ ଓ ସୁସଂହତ। ଅଢ଼େଇ ଶହବର୍ଷର ପୁରୁଣା ହୋଇଥିଲେ ମଧ୍ୟ ଏହା ଆଜି ସୁଦ୍ଧା ବିଶ୍ୱର ସବୁଠାରୁ ସଂକ୍ଷିପ୍ତ ଲିଖିତ ଜାତୀୟ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ।

ଗତ ଅଢ଼େଇ ଶତାବ୍ଦୀରେ ଆମେରିକାର ଜାତୀୟ ଯାତ୍ରା ଅସାଧାରଣ ରହିଛି। ଆଟଲାଣ୍ଟିକ୍ ଉପକୂଳର ଏକ ନବଗଠିତ ଗଣରାଜ୍ୟ ବିଶ୍ୱର ଅଗ୍ରଣୀ ଅର୍ଥନୀତି, ବୈଜ୍ଞାନିକ ନବସୃଷ୍ଟି, ଉଚ୍ଚଶିକ୍ଷା, ଉଦ୍ୟୋଗୀକରଣ ଓ ପ୍ରଯୁକ୍ତିଗତ ବିକାଶର କେନ୍ଦ୍ରରେ ପରିଣତ ହୋଇଛି। ଏହାର ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣାର ପ୍ରମୁଖ କେନ୍ଦ୍ର ହୋଇଉଠିଛି। ଚିକିତ୍ସା ବିଜ୍ଞାନ, ଯୋଗାଯୋଗ, କମ୍ପ୍ୟୁଟିଂ ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏହାର ଅବଦାନ ବିଶ୍ୱକୁ ନୂଆ ଦିଗ ଦେଇଛି। ଅସଂଖ୍ୟ ନୋବେଲ ପୁରସ୍କାର ବିଜେତା, ବୈଜ୍ଞାନିକ, ଚିନ୍ତକ ଏବଂ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏହି ଭୂମିରୁ ଉଦ୍ଭବ ହୋଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଦୀର୍ଘଦିନ ଧରି ସୁଯୋଗର ଭୂମି ଭାବେ ପରିଚିତ। ଏହାର ସଜୀବ ଅର୍ଥନୀତି, ଉଦ୍ଭାବନକୁ ପ୍ରୋତ୍ସାହନ ଦେଉଥିବା ସଂସ୍କୃତି ଏବଂ ବିଶ୍ୱଖ୍ୟାତ ବିଶ୍ୱବିଦ୍ୟାଳୟଗୁଡ଼ିକ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ପ୍ରବାସୀ, ଛାତ୍ରଛାତ୍ରୀ, ବୈଜ୍ଞାନିକ ଏବଂ ଉଦ୍ୟୋଗୀଙ୍କୁ ଆକର୍ଷିତ କରିଆସିଛି। ସେମାନଙ୍କର ମେଧା, ପରିଶ୍ରମ ଓ ସୃଜନଶୀଳତା ଆଧୁନିକ ବିଶ୍ୱରେ ଆମେରିକାର ଅଭିବୃଦ୍ଧି, ସମୃଦ୍ଧି ଓ ନେତୃତ୍ୱକୁ ସୁଦୃଢ଼ କରିବାରେ ଅପାର ଅବଦାନ ରଖିଛି।

ଆମେରିକାର ଇତିହାସ କେବଳ ବିଜୟର କାହାଣୀ ନୁହେଁ। ଗୃହଯୁଦ୍ଧ, ଜାତିଗତ ବୈଷମ୍ୟ, ଅର୍ଥନୈତିକ ମାନ୍ଦାବସ୍ଥା, ସାମାଜିକ ଆନ୍ଦୋଳନ, ରାଜନୈତିକ ମେରୁକରଣ, ପ୍ରବାସନ, ଅସମାନତା ଓ ସ୍ୱାଧୀନତା-ସୁରକ୍ଷାର ସନ୍ତୁଳନକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ଏହାର ବିଶେଷତା ହେଉଛିଏହି ସମସ୍ତ ସଙ୍କଟ ମଧ୍ୟରେ ମଧ୍ୟ ଏହାର ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକର ସ୍ଥିରତା ଓ ସ୍ଥିତିସ୍ଥାପକତା। ଗଣତନ୍ତ୍ରର ଅର୍ଥ ମତଭେଦର ଅନୁପସ୍ଥିତି ନୁହେଁ; ବରଂ ଆଇନ ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ମାଧ୍ୟମରେ ମତଭେଦର ଶାନ୍ତିପୂର୍ଣ୍ଣ ସମାଧାନ। ଭାରତ ସମେତ ବିଶ୍ୱର ସମସ୍ତ ଗଣତାନ୍ତ୍ରିକ ଦେଶ ପାଇଁ ଆମେରିକାର ସାମ୍ବିଧାନିକ ଅନୁଭବ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ସ୍ୱାଧୀନ ପ୍ରତିଷ୍ଠାନ, ନ୍ୟାୟପାଳିକାର ସ୍ୱାଧୀନତା, ସଂଘୀୟ ବ୍ୟବସ୍ଥା, ମତପ୍ରକାଶର ସ୍ୱାଧୀନତା, ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଓ ଆଇନର ଶାସନ ଏସବୁ ଆଜି ମଧ୍ୟ ସୁସ୍ଥ ଗଣତନ୍ତ୍ରର ମୂଳ ସ୍ତମ୍ଭ। ଭାରତ ଓ ଆମେରିକାର ସାମ୍ବିଧାନିକ ପରମ୍ପରା ଆମକୁ ଶିଖାଏ ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ସୁରକ୍ଷା ରହିଲେ ବିବିଧତା ହିଁ ଜାତୀୟ ଶକ୍ତିରେ ପରିଣତ ହୁଏ।

ସ୍ୱାଧୀନତାର ତୃତୀୟ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପଦାର୍ପଣ କରୁଥିବା ଆମେରିକା ଏକ ନୂତନ ବାସ୍ତବତାର ସମ୍ମୁଖୀନ। ଭୂ-ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ପ୍ରଯୁକ୍ତିଗତ ବିପ୍ଳବ, ଜଳବାୟୁ ପରିବର୍ତ୍ତନ, ସାଇବର ବିପଦ, ମହାମାରୀ ଏବଂ ପରିବର୍ତ୍ତିତ ଆନ୍ତର୍ଜାତିକ ବ୍ୟବସ୍ଥା ଗଣତାନ୍ତ୍ରିକ ନେତୃତ୍ୱ ଓ ବୈଶ୍ୱିକ ସହଯୋଗର ନୂତନ ଆବଶ୍ୟକତା ସୃଷ୍ଟି କରିଛି। ୧୭୭୬ ଓ ୧୭୮୭ର ଆଦର୍ଶଗୁଡ଼ିକ ଆଜି ମଧ୍ୟ ପ୍ରାସଙ୍ଗିକ। କାରଣ ସେଗୁଡ଼ିକ ସ୍ୱାଧୀନତା, ଆଇନ ସମ୍ମୁଖରେ ସମାନତା, ଉତ୍ତରଦାୟୀ ସରକାର ଓ ବ୍ୟକ୍ତିଗତ ଅଧିକାରର ସାର୍ବଜନୀନ ମୂଲ୍ୟବୋଧକୁ ପ୍ରତିପାଦନ କରେ। ଏହି ୨୫୦ତମ ବାର୍ଷିକୀ କେବଳ ଆମେରିକାର ଅତୀତର ଉତ୍ସବ ନୁହେଁ; ଏହା ଆମକୁ ସ୍ମରଣ କରାଏ ଯେ ଗଣତନ୍ତ୍ର ଏକ ଅବିରତ ସାଧନା, ଯାହା ପାଇଁ ସତର୍କତା, ନାଗରିକ ଦାୟିତ୍ୱବୋଧ ଓ ନୈତିକ ସାହସର ଆବଶ୍ୟକତା ରହିଛି। କୌଣସି ରାଷ୍ଟ୍ରର ମହାନତା ତାହାର ସାମରିକ କିମ୍ବା ଅର୍ଥନୈତିକ ଶକ୍ତିରେ ନୁହେଁ; ବରଂ ନ୍ୟାୟ, ସାମ୍ବିଧାନିକତା ଓ ମାନବ ମର୍ଯ୍ୟାଦା ପ୍ରତି ତାହାର ଅଟୁଟ ପ୍ରତିଶ୍ରୁତିବଦ୍ଧତାରେ ନିର୍ଭର କରେ।

୨୫୦ ବର୍ଷରେ ପଦାର୍ପଣ କରିଥିବା ଆମେରିକା ଏକପଟେ ସଫଳତାର ପ୍ରତୀକ, ଅନ୍ୟପଟେ ଏକ ନିରନ୍ତର ବିକାଶଶୀଳ ଗଣତାନ୍ତ୍ରିକ ପ୍ରକଳ୍ପ। ତାହାର ସର୍ବଶ୍ରେଷ୍ଠ ଐତିହ୍ୟ, ସମ୍ପଦ କିମ୍ବା ସାମରିକ ଶକ୍ତି ନୁହେଁ; ବରଂ ଆଇନର ଶାସନ ଅଧୀନରେ ସ୍ୱାଧୀନ ନାଗରିକମାନେ ଏକ ଅଧିକ ଉତ୍ତମ ସମାଜ ଗଢ଼ିପାରିବେ ବୋଲି ତାହାର ଅବିଚଳ ବିଶ୍ୱାସ। ଏହାହିଁ ବିଶ୍ୱର ଗଣତାନ୍ତ୍ରିକ ଚେତନା ପ୍ରତି ଆମେରିକାର ସବୁଠାରୁ ବଡ଼ ଅବଦାନ। ଫ୍ରାନ୍ସର ପ୍ରଖ୍ୟାତ ଦାର୍ଶନିକ ଓ ରାଜନୈତିକ ଚିନ୍ତକ ଆଲେକ୍ସିସ୍ ଦେ ଟୋକ୍‌ଭିଲ୍ ଥରେ କହିଥିଲେ, 'ଆମେରିକାର ମହାନତା ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଜ୍ଞାନୀ କିମ୍ବା ଆଲୋକିତ ହେବାରେ ନୁହେଁ, ବରଂ ନିଜର ତ୍ରୁଟିଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସଂଶୋଧନ କରିବାର କ୍ଷମତାରେ ନିହିତ।' ଗଣତାନ୍ତ୍ରିକ ଆତ୍ମସଂଶୋଧନର ଏହି କ୍ଷମତା ଆମେରିକୀୟ ଗଣରାଜ୍ୟର ସବୁଠାରୁ ବଡ଼ ଶକ୍ତି ହୋଇ ରହିଛି। ଅନିଶ୍ଚିତତାରେ ପରିପୂର୍ଣ୍ଣ ଆଜିର ବିଶ୍ୱରେ, ଯେତେବେଳେ ସ୍ଥିରତା ଓ ସୁଶାସନର ସନ୍ଧାନ ଜାରି ରହିଛି, ସେତେବେଳେ ସାମ୍ବିଧାନିକ ସ୍ୱାଧୀନତାର ଏହି ଚିରନ୍ତନ ପ୍ରତିଶ୍ରୁତି କେବଳ ଆମେରିକାରେ ନୁହେଁ, ଭାରତ ସମେତ ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ଚେତନାକୁ ଆଜି ମଧ୍ୟ ଆଲୋକିତ କରୁଛି।

(ପ୍ରାକ୍ତନ ପ୍ରଫେସର ରେଭେନ୍ସା ବିଶ୍ୱବିଦ୍ୟାଳୟ),
ମୋ: ୯୦୭୮୪୧୮୯୫୬

# ମନରେ ଘୃଣା ଓ ଭାଷାରେ ବିଷ

**ଡ. ପ୍ରଦୀପ କୁମାର ନାୟକ**

ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ଆବଶ୍ୟକ। କାରଣ ସେମାନେ ନିର୍ବାଚନରେ ଅଂଶଗ୍ରହଣ କରନ୍ତି, ବିଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ, ଧର୍ମ ଓ ଅଞ୍ଚଳକୁ ପ୍ରତିନିଧିତ୍ୱ କରନ୍ତି। ସେମାନେ ସଂଖ୍ୟାଗରିଷ୍ଠତା ଭିତ୍ତିରେ ଗୋଟିଏ ଦଳ କିମ୍ବା ମେଣ୍ଟ ଗଠନ କରି ସରକାର ଗଠନ କରନ୍ତି। ଯେହେତୁ ପ୍ରତ୍ୟେକ ଦଳର ନିଜସ୍ୱ ସ୍ୱତନ୍ତ୍ର ଇସ୍ତାହାର ଓ ଦଳୀୟ ସ୍ୱାର୍ଥ ରହିଥାଏ ସେ ଅନ୍ୟଦଳର ଦୋଷ, ଦୁର୍ବଳତାକୁ ପଦାରେ ପକାଇବା ପାଇଁ ପ୍ରୟାସ କରିଥାଏ। ରାଜନୀତି ଏକ କ୍ଷମତାର ଖେଳ, ଯେଉଁଥିରେ ଅଂଶୀଦାର ହେବା ପାଇଁ ବିଭିନ୍ନ ଦଳ ସଂଘର୍ଷ କରନ୍ତି। ଗତ କିଛିବର୍ଷ ହେଲା ଦେଖାଯାଇଛି, ରାଜନୈତିକ ଦଳମାନଙ୍କ ମଧ୍ୟରେ ଥିବା ଅହି-ନକୁଳ ସମ୍ପର୍କ ଦେଶର ରାଜନୈତିକ ବାତାବରଣକୁ ସମ୍ପୂର୍ଣ୍ଣ ହିଂସ୍ର ଓ ବିଷାକ୍ତ କରିସାରିଲାଣି। ଭୋଟଦାତା ଓ ସର୍ବସାଧାରଣଙ୍କୁ ବିଭିନ୍ନ ଆଧାରରେ ଭାଗ ଭାଗ କରିସାରିଲାଣି। ଭାରତର ସମସ୍ତ ରାଜନୈତିକ ଦଳ ପରସ୍ପରଙ୍କ ନେତାଙ୍କ ଚରିତ୍ର ସଂହାର ଓ ପରସ୍ପରଙ୍କ ଉପରେ କାଦୁଅ ଫୋପାଡ଼ିବା କାର୍ଯ୍ୟ ସର୍ବଦା କରି ଆସୁଛନ୍ତି। ଯେହେତୁ ସେମାନଙ୍କ ନିଜ ନିଜର ବିଚାରଧାରାରେ ପାର୍ଥକ୍ୟ ଓ ଅମେଳ ରହିଛି ସେମାନେ ନିର୍ବାଚନ ସମୟରେ ଏବଂ ସମୟ ସୁବିଧା ଦେଖି ପରସ୍ପର ବିରୁଦ୍ଧରେ ବିଷୋଦଗାର କରି ଆସୁଛନ୍ତି।

ଭାରତୀୟ ରାଜନୀତିରେ ବର୍ତ୍ତମାନ ବିଭିନ୍ନ ଅସଂସଦୀୟ ଶବ୍ଦ ଯଥା- ଶାହଜାଦା, ପପ୍ପୁ, ମିଆଁ, ଚୌକିଦାର, ମୁଲ୍ଲା, ବିଦେଶୀ ଏଜେଣ୍ଟ, ଦେଶଦ୍ରୋହୀ, ଚୋର, ପାକିସ୍ତାନୀ ଏଜେଣ୍ଟ ଆଦି ବ୍ୟାପକ ବ୍ୟବହୃତ ହେଉଛି। ଟେଲିଭିଜନ ଚାନେଲମାନଙ୍କରେ ତର୍କ ସମୟରେ ବିଭିନ୍ନ ନିମନ୍ତ୍ରିତ ଆଲୋଚକଙ୍କ ମଧ୍ୟରେ ଯୁକ୍ତି ଓ କଟୁ ଭାଷାର ବିନିମୟ ଦେଖିବାକୁ ମିଳୁଛି। ରାଜନେତାମାନେ କୌଣସି ସାଧାରଣ ସ୍ଥାନରେ ଭାଷଣ ଦେଲା ବେଳେ ଅନ୍ୟଦଳର ନେତାଙ୍କ ଉପରେ ଅସହିଷ୍ଣୁତା ପ୍ରକାଶ କରି ଅତି ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି। ନିର୍ବାଚନ ସମୟର ଦୃଶ୍ୟପଟ୍ଟ ନେତାମାନଙ୍କର ଘୃଣାପୂର୍ଣ୍ଣ ଭାଷଣବାଜିରେ ବିଷାକ୍ତ ଓ ଶ୍ୱାସରୋଧକାରୀ ଜଣାପଡ଼େ।

ଆମ ଭାରତର ସମ୍ବିଧାନର ଧାରା ୧୯(୧) ପ୍ରତ୍ୟେକ ନାଗରିକଙ୍କୁ ବାଚନିକ ସ୍ୱାଧୀନତା ପ୍ରଦାନ କରିଛି। କିନ୍ତୁ ଧାରା ୧୯(୨) ଅନୁଯାୟୀ ଜଣକର ଯେଉଁ ବକ୍ତବ୍ୟ ସାମାଜିକ ବିଭେଦ, ଅଶାନ୍ତି ସୃଷ୍ଟି କରେ ତାହା ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ କରିପାରିବେ। ଆଜିକାଲି ଯାହାକୁ 'ଘୃଣାର ଭାଷା' କୁହାଯାଏ ତାକୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ୨୦୨୬ ମସିହା ଏପ୍ରିଲ ମାସ ୨୯ ତାରିଖରେ ନିଷେଧ କରିଥିଲେ। କୌଣସି ଭାଷଣ 'ଘୃଣାର ଭାଷା' ଶ୍ରେଣୀରେ ଆସୁଛି ନା ନାହିଁ ତାହାକୁ ତାହାର ଉଦ୍ଦେଶ୍ୟରୁ ହିଁ ସ୍ୱଷ୍ଟ ହୁଏ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ ଧାରା-୧୫୩ ( ଇ) ଜାତି, ଧର୍ମ, ଭାଷା ଆଧାରରେ ସମ୍ପ୍ରଦାୟମାନଙ୍କ ମଧ୍ୟରେ ବିଭେଦ ଓ ଶତ୍ରୁତା ସୃଷ୍ଟି କରିବା ଆଇନତଃ ଦଣ୍ଡନୀୟ ବୋଲି ସ୍ୱଷ୍ଟ କରିଛି। ସେହିପରି ଧାରା ୧୫୩ (ଇ), ଧାରା ୨୯୫ (ଇ), ଧାରା ୨୯୮, ଧାରା ୫୦୫ (୧୨) ଏବଂ ଭାରତୀୟ ନ୍ୟାୟ ସଂହିତା, ଯାହା ୨୦୨୪ ଠାରୁ କାର୍ଯ୍ୟକାରୀ ହେଉଛି, ତାହାର ଧାରା- ୧୯୬, ୧୯୭, ୨୯୯, ୩୦୨ ଓ ୩୫୩ ମଧ୍ୟ ଘୃଣା ଉଦ୍ରେକ କରୁଥିବା ଭାଷଣ କିମ୍ବା ଭାଷାକୁ ବିଭିନ୍ନ ଦଣ୍ଡ ମାଧ୍ୟମରେ ନିଷେଧ କରିଛି ତଥା ତିନି ବର୍ଷ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ପ୍ରାବଧାନ କରିଛି।

କାହିଁକି ଜଣେ ରାଜନୈତିକ ନେତା ଅନ୍ୟ ଦଳର ନେତା ମାନଙ୍କ ବିରୁଦ୍ଧରେ ଘୃଣାପୂର୍ଣ୍ଣ ଓ ବିଷାକ୍ତ ଭାଷାର ପ୍ରୟୋଗ କରିଥାଏ ତାହା ରାଜନୀତି ବିଜ୍ଞାନୀ ଓ ସମାଜ ବିଜ୍ଞାନୀମାନଙ୍କର ଗବେଷଣାର ବିଷୟରେ ପରିଣତ ହୋଇଛି। ଆମେରିକାର ମେରୀଲ୍ୟାଣ୍ଡ ୟୁନିଭରସିଟିର ଜଣେ ପ୍ରଫେସର ଓ ଗବେଷିକା ଫ୍ରାନସିସ୍କା ସ୍ୱେଜାନୋ 'ଘୃଣାପୂର୍ଣ୍ଣ ଭାଷଣ' ଉପରେ ବିଷଦ ଗବେଷଣା କରିଛନ୍ତି। ମଣିଷର ଦୁର୍ବଳ ମନୋଭାବ ସହ ଏହାକୁ ସେ ଯୋଡ଼ିଛନ୍ତି। ସେହିପରି ଦମିନିକ ହଙ୍ଗର୍ତନେର, ଫାବ୍ରିଜିଓ ଗିଲାରଡି ଓ ମାର୍ତା ପେରିଜ ପରି ଅନେକ ରାଜନୀତି ବିଶ୍ଳେଷକ ଘୃଣାପୂର୍ଣ୍ଣ ଭାଷା ଓ ମତଦାତାମାନଙ୍କ ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ବିସ୍ତୃତ ଭାବେ ଗବେଷଣା କରି ଏହାର ପରିଣାମ ସମାଜ ଭୋଗିବ ବୋଲି ସ୍ୱଷ୍ଟ ଭାବରେ କହିଛନ୍ତି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ମହାବେଦୀରେ ମହାପ୍ରଭୁଙ୍କ ମାଧୁର୍ଯ୍ୟଲୀଳା

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



**ଅନନ୍ତ ଗୋପାଳ ପଣ୍ଡା**

ଋଗ୍ ବେଦର ଦଶମ ମଣ୍ଡଳ ୧୫୫ ସୂକ୍ତର ବର୍ଣ୍ଣନା ଯଥା- 'ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍, ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍' ଅନୁସାରେ ମହୋଦଧି କୂଳରେ ଭାସମାନ ଅପୁରୁଷେୟ ଦାରୁ ପରବର୍ତ୍ତୀ ସମୟରେ ଦାରୁବ୍ରହ୍ମ ଭାବରେ ଚତୁର୍ଦ୍ଧାମୂର୍ତ୍ତି ରୂପରେ ଶ୍ରୀବତ୍ସ ଖଣ୍ଡଶାଳର ରତ୍ନମଣ୍ଡପରେ ବିରାଜମାନ ପୂର୍ବକ ପରମପଦ ପ୍ରାପ୍ତିର ଅବଲମ୍ବନ ହୋଇ ପ୍ରଦର୍ଶନ କରୁଛନ୍ତି ମାନବୀୟ ଲୀଳା। ମନୁଷ୍ୟର ଚାଲିଚଳଣି ତଥା ଜୀବନଚର୍ଯ୍ୟା ସହିତ ମହାପ୍ରଭୁଙ୍କର ରୀତିନୀତିର ରହିଛି ସାମଞ୍ଜସ୍ୟ। ମାନବର ଯେପରି ଜନ୍ମସ୍ଥାନ ପ୍ରତିଥାଏ ଆକର୍ଷଣ, ଠିକ୍ ସେହିପରି ଛପନ ଭୋଗ, ଷାଠିଏ ପଉଟି ଅନ୍ନ ତଥା ଛତିଶା ନିଯୋଗଙ୍କର ସେବା ପ୍ରାପ୍ତ ହୋଇ ମଧ୍ୟ ଜନ୍ମବେଦୀର ଆକର୍ଷଣରେ ପ୍ରଭୁ ଭାଇଭଉଣୀଙ୍କ ସାଥିରେ ରଥରେ ଯାତ୍ରା କରନ୍ତି ଜନ୍ମସ୍ଥଳୀ ଗୁଣ୍ଡିଚା ମନ୍ଦିରକୁ। ଆଷାଢ଼ ଶୁକ୍ଳ ପୁଷ୍ୟା ନକ୍ଷତ୍ର ଯୁକ୍ତ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ଏହି ଯାତ୍ରା 'ଆଡ଼ପ ମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା', 'ମହାବେଦୀ ଯାତ୍ରା', 'ନବଦିନାତ୍ମକ ଯାତ୍ରା', 'ଘୋଷଯାତ୍ରା' ନାମରେ ପ୍ରସିଦ୍ଧି ଲାଭ କରିଛି। ପୁନଶ୍ଚ ଏହି ଯାତ୍ରା ରତ୍ନମଣ୍ଡପରୁ ଆଡ଼ପ ମଣ୍ଡପକୁ ଯାତ୍ରା କିମ୍ବା କର୍ମଭୂମିରୁ ଜନ୍ମଭୂମିକୁ ଯାତ୍ରା ଭାବେ ମଧ୍ୟ ହୋଇଥାଏ ନାମିତ।

ପ୍ରଭୁ ନୀଳାଦ୍ରିବିହାରୀ ମୁଖ୍ୟତଃ ତ୍ରିବିଧ ଲୀଳା କରିଥା'ନ୍ତି ପ୍ରଦର୍ଶନ। ଏହି ଲୀଳାମାନ ହେଲେ ଐଶ୍ୱର୍ଯ୍ୟ ଲୀଳା, ମାଧୁର୍ଯ୍ୟ ଲୀଳା ଓ ଔଦାର୍ଯ୍ୟ ଲୀଳା। ଶ୍ରୀମନ୍ଦିରରେ ଅବସ୍ଥାନ କାଳରେ ଶତାଧିକ ସେବକମାନଙ୍କ ସେବ୍ୟ ଭାବରେ ତିନି ଧୂପ, ପଞ୍ଚଅବକାଶ ସହିତ ବିବିଧ ପୁଷ୍ପାଳଙ୍କାରରେ ଭୂଷିତ ହେବା ସହିତ ଏକ ସମ୍ବତ୍ସରରେ ପାଞ୍ଚଥର ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇ ପ୍ରଭୁ ପ୍ରଦର୍ଶନ କରିଥା'ନ୍ତି ଐଶ୍ୱର୍ଯ୍ୟ ଲୀଳା। ଦଇତାପତି ସେବକମାନଙ୍କ ଦ୍ୱାରା ସେନାପଟାରେ ପାଟଡୋରରେ ବନ୍ଧନଯୁକ୍ତ ହୋଇ ଛେଚା କଚା ଖାଇ ପହଣ୍ଡି ହୋଇ ଯିବାରେ ପ୍ରଭୁ କରନ୍ତି ନାହିଁ ପ୍ରତିବାଦ। ମୁଖମଣ୍ଡଳ କେତେବେଳେ ଊର୍ଦ୍ଧ୍ୱକୁ ଅବା ନିମ୍ନକୁ କିମ୍ବା ବାମକୁ ଓ ଦକ୍ଷିଣକୁ ହେଲେ ମଧ୍ୟ ରଙ୍ଗ ଅଧରରେ ସଦା ବିରାଜମାନ କରୁଥାଏ ସ୍ମିତହାସ୍ୟ ରେଖା। ପ୍ରଭୁଙ୍କର ଏହି ଉଦାରତାର ପ୍ରତିଫଳନ ଔଦାର୍ଯ୍ୟ ଲୀଳାକୁ କରିଥାଏ ପ୍ରଖ୍ୟାପିତ।

ଅନୁରୂପ ଭାବରେ ପହଣ୍ଡିହୋଇ ଯିବା ସମୟରେ, ରଥରେ ଅବସ୍ଥାନ କାଳରେ ଏବଂ ଆଡ଼ପ ମଣ୍ଡପ ରହଣି ମଧ୍ୟରେ ପ୍ରଭୁ ଭକ୍ତମାନଙ୍କୁ କୃପା କୈବଲ୍ୟ ବିତରଣ ପୂର୍ବକ ମଧୁର୍ଯ୍ୟଲୀଳା ପ୍ରଦର୍ଶନ କରିଥା'ନ୍ତି। ଦୁଇ ପ୍ରଲମ୍ବିତ ଭୁଜରେ ଭକ୍ତମାନଙ୍କୁ କରନ୍ତି ଆଲିଙ୍ଗନ। ବୁଝନ୍ତି ସୁଖ ଦୁଃଖ। ଭକ୍ତମାନଙ୍କ ସହିତ ହୋଇଯା'ନ୍ତି ଏକାକାର। କଳାବାମନ ରୂପକୁ ଦର୍ଶନ କରି ଭକ୍ତବୃନ୍ଦ ଲାଭ କରନ୍ତି ଦିବ୍ୟାନନ୍ଦ। ଆଡ଼ପ ମଣ୍ଡପ ଅବସ୍ଥାନ କାଳରେ ତ୍ରିଦିବସ ବ୍ୟାପୀ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ତଥା ନବମୀ ତିଥିରେ ଅନୁଷ୍ଠିତ ରାସୋତ୍ସବରେ ମା' ରାଧାରାଣୀ ଓ ଗୋପାଙ୍ଗନାମାନଙ୍କ ସହିତ ପ୍ରଭୁଙ୍କର ହୁଏ ମିଳନ। ସେମାନଙ୍କର ମନସ୍କାମନାକୁ ପ୍ରଭୁ କରିଥା'ନ୍ତି ପରିପୂର୍ଣ୍ଣ।

ଏହି ମହାବେଦୀ ବା ଆଡ଼ପ ମଣ୍ଡପର ମହିମା 'ସ୍କନ୍ଦ ପୁରାଣ', 'ନୀଳାଦ୍ରି ମହୋଦୟ' ଆଦି ଗ୍ରନ୍ଥରେ ହୋଇଛି ବର୍ଣ୍ଣିତ। 'ନୀଳାଦ୍ରି ମହୋଦୟ' ଷଷ୍ଠ ଅଧ୍ୟାୟରେ ମହାପ୍ରଭୁ ଅବନ୍ତୀ ନୃପତିଙ୍କୁ କହୁଛନ୍ତି, 'ତତ୍ର ସଂସ୍ଥାପ୍ୟ ମାଂ ଭୂପ ମହୋତ୍ସବ ତୟା ପୁନଃ, ପୁଣ୍ୟା ସା ଯଜ୍ଞବେଦୀ ଚ ମମ ଜନ୍ମ ପ୍ରଦାୟିନୀ' - ଅର୍ଥାତ୍ ହେ କ୍ଷିତିଶ୍ୱର, ତୁମେ ଆମ୍ଭର ପ୍ରୀତିବିଧାନ ନିମନ୍ତେ ଯେଉଁସ୍ଥାନରେ ସହସ୍ର ଅଶ୍ୱମେଧ ଯଜ୍ଞ କରାଇଥିଲ ଏବଂ ଯେଉଁସ୍ଥାନରେ ମୁଁ ପ୍ରଥମେ ଆବିର୍ଭୂତ ହୋଇଥିଲି ସେହି ଯଜ୍ଞ ମହାବେଦୀ ମୋର ଅତୀବ ପ୍ରିୟ ସ୍ଥାନ। ମହୋତ୍ସବ ମଧ୍ୟରେ ଦିବ୍ୟରଥରେ ମୋତେ ବସାଇ ସେହି ଯଜ୍ଞବେଦୀରେ ଅବସ୍ଥାପିତ କରାଇବ। ନବଦିନ ଯାତ୍ରା ମଧ୍ୟରୁ ସପ୍ତଦିବସ ସେଠାରେ ଅବସ୍ଥାନ କରିବା ପରେ ପୁନର୍ବାର ରଥରେ ବାହୁଡ଼ାଇ ଆଣିବ...।' ... 'ହେ ରାଜନ! ମହାବେଦୀ ନିକଟରେ ତୁମର କୀର୍ତ୍ତିକୁ ପ୍ରଖ୍ୟାପିତ କରୁଥିବା ଯେଉଁ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି ତା'ର ଜଳ ମଧ୍ୟ ପବିତ୍ର। ଜନ୍ମବେଦୀରେ ଅବସ୍ଥାନ ସମୟରେ ମୋର ସାନ୍ନିଧ୍ୟ ଲାଭ ନିମନ୍ତେ ତ୍ରିଭୁବନରେ ଥିବା ସାଢ଼େ ତିନି କୋଟି ତୀର୍ଥ ସେଠାରେ ହୁଅନ୍ତି ଏକତ୍ରିତ। ଯେଉଁ ବ୍ୟକ୍ତି ସେହି ସରୋବର ଜଳରେ ସ୍ନାନ କରି ଆଡ଼ପ ମଣ୍ଡପରେ ମୋତେ ଦର୍ଶନ କରିବେ, ସେମାନେ ଜନନୀ ଜଠର ଯନ୍ତ୍ରଣାରୁ ହେବେ ମୁକ୍ତ। ପୁନର୍ବାର ମର୍ତ୍ତ୍ୟରେ ଜନ୍ମଗ୍ରହଣ ନକରି ମୋର ଦର୍ଶନର ପୁଣ୍ୟବଳରେ ବୈକୁଣ୍ଠରେ କରିବେ ଅବସ୍ଥାନ।'

ଏହି ମଣ୍ଡପର ନାମକରଣ ପଛରେ ରହିଛି ଏକାଧିକ କାରଣ। ରାଜା ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆବିର୍ଭାବ ପାଇଁ ଏହି ସ୍ଥାନରେ ପୂର୍ବରୁ ପ୍ରତିଷ୍ଠା କରାଇଥିବା ନୃସିଂହ ମନ୍ଦିରକୁ ଆଡ଼କରି ଏହି ଯଜ୍ଞବେଦୀ ନିର୍ମାଣ କରାଇଥିବାରୁ ଏହାକୁ ଆଡ଼ପ ମଣ୍ଡପ କୁହାଯାଏ। ଅନ୍ୟ ଏକ ମତରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ମହାବେଦୀରେ ମହାଦାରୁରୁ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ ହୋଇଥିବାରୁ ଏହାର ନାମ ଆଡ଼ପ ମଣ୍ଡପ। ଐତିହାସିକମାନଙ୍କ ମତରେ ଗଙ୍ଗବଂଶର ରାଜତ୍ୱ ପୂର୍ବରୁ ଏହି ମଣ୍ଡପ କାଷ୍ଠ ନିର୍ମିତ ଥିଲା। ଦ୍ୱିତୀୟ ନରସିଂହ ଦେବଙ୍କ ରାଜତ୍ୱ କାଳରେ (ଖ୍ରୀ ୧୨୭୮-୧୩୦୬) ଆଡ଼ପ ମଣ୍ଡପ ପ୍ରସ୍ତରରେ ନିର୍ମିତ ହୋଇଥିଲା। ପିତାମହ ବ୍ରହ୍ମା ଏହି ମଣ୍ଡପର ମହତ୍ତ୍ୱ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ 'ନିରନ୍ତର ଭାବେ ଦଶବର୍ଷ ଧରି ନୀଳାଦ୍ରିରେ ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ଲାଭ ହୁଏ, ମହାବେଦୀରେ ଦିନେ ମାତ୍ର ଦର୍ଶନ କଲେ ସେହି ଫଳ ପ୍ରାପ୍ତି ହୋଇଥାଏ। ଯଥା:- 'ନୀଳାଦ୍ରୌ ଦଶ ବର୍ଷାଣି ଆଡ଼ପ ମଣ୍ଡପେ ଦିନେ, ଦିବାତି ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଗୁଣଂ ଭବେତ୍।' ଅର୍ଥାତ୍ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଅପେକ୍ଷା ରାତ୍ରିରେ ଦର୍ଶନ କଲେ ଦଶଗୁଣ ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ। ଆଡ଼ପ ମଣ୍ଡପରେ ନବମୀ ସନ୍ଧ୍ୟା ଦର୍ଶନ ଅଧିକ ଫଳପ୍ରଦ। କାରଣ ଏହି ନବମୀ ଦିନ ସନ୍ଧ୍ୟା ସମୟରେ ଠାକୁରମାନେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଥମେ ଦର୍ଶନ ଦେଇଥିଲେ।

ଗୁଣ୍ଡିଚା ମନ୍ଦିରକୁ ବୈଷ୍ଣବମାନେ 'ଗୁପ୍ତ ବୃନ୍ଦାବନ' ଏବଂ ଆଡ଼ପ ମଣ୍ଡପକୁ 'ରାସ ମଣ୍ଡପ' ଭାବରେ ଅଭିହିତ କରିଥା'ନ୍ତି। ଏହି ମଣ୍ଡପରେ ତ୍ରିଦିବସ ବ୍ୟାପୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ ଠାରୁ ନବମୀ ପର୍ଯ୍ୟନ୍ତ ମହାଭାବ ସ୍ୱରୂପିଣୀ ମା'ରାଧାରାଣୀ ଓ ଗୋପାଙ୍ଗନାମାନଙ୍କ ସହିତ କଳାକାହ୍ନୁ ରାସୋତ୍ସବରେ ହୁଅନ୍ତି ନିମଗ୍ନ। ଶ୍ରୀଜଗନ୍ନାଥଙ୍କ ମହାବେଦୀ ମହୋତ୍ସବରେ ଭକ୍ତ, ଆଶ୍ରିତ ଓ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପ୍ରଦର୍ଶିତ ମାଧୁର୍ଯ୍ୟଲୀଳା ସନ୍ଦର୍ଶନରେ ହୁଅନ୍ତି ବିମୋହିତ।

ଜୟ ଜଗନ୍ନାଥ

ଭୁବନେଶ୍ୱର, ମୋ: ୯୮୬୧୪୭୦୧୯୮

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁରୀ ବିମାନ ବନ୍ଦର କାର୍ଯ୍ୟକାରିତା

# ବାଆଁରେଇଲେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ

ନୂଆଦିଲ୍ଲୀ, ୨୦।୭ (ସମିସ): ଓଡ଼ିଶାରେ ବର୍ତ୍ତମାନ ୫ଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ପୁରୀରେ ପ୍ରସ୍ତାବିତ ଆନ୍ତର୍ଜାତିକ ଗ୍ରୀନଫିଲ୍ଡ ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ନୀତିଗତ ଅନୁମୋଦନ ମିଳିସାରିଛି। ତେବେ ଜମି ଅଧିଗ୍ରହଣ, ଆବଶ୍ୟକ ଅନୁମତି ଓ ଆର୍ଥିକ ବ୍ୟବସ୍ଥା ସମେତ ବିଭିନ୍ନ ପ୍ରକ୍ରିୟା ଉପରେ ପ୍ରକଳ୍ପର ସମୟସୀମା ନିର୍ଭର କରିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ସୂଚନା ଦେଇଛନ୍ତି। ରାଜ୍ୟସଭାରେ ସୋମବାର ବିଜେଡି ସଂସଦୀୟ ଦଳନେତା ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ତାରକା ପ୍ରଶ୍ନର ଉତ୍ତରରେ ଏପରି ବାଆଁରେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ।

ଶ୍ରୀ ମଙ୍ଗରାଜ ଓଡ଼ିଶାର ବିମାନବନ୍ଦର ଭିତ୍ତିଭୂମିର ବିକାଶ ସମ୍ପର୍କରେ ତିନୋଟି ପ୍ରଶ୍ନ ଉଠାଇଥିଲେ। ବର୍ତ୍ତମାନ ରାଜ୍ୟରେ କେତୋଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି, ସେଠାରୁ ବାଣିଜ୍ୟିକ ବିମାନ ସେବା କେବେ ଆରମ୍ଭ ହୋଇଥିଲା, ରାଜ୍ୟରେ ନୂତନ ବିମାନବନ୍ଦର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି ଏବଂ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ବାଣିଜ୍ୟିକ ବିମାନବନ୍ଦରରେ ପରିଣତ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱର, ଝାରସୁଗୁଡ଼ା, ଜୟପୁର, ରାଉରକେଲା ଓ ଉତ୍କେଳା ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ଭୁବନେଶ୍ୱର ବିମାନବନ୍ଦରରୁ ୧୭ ଏପ୍ରିଲ ୧୯୬୨ରେ ବାଣିଜ୍ୟିକ ବିମାନ ସେବା ଆରମ୍ଭ ହୋଇଥିବାବେଳେ ଝାରସୁଗୁଡ଼ାରେ ୨୨ ସେପ୍ଟେମ୍ବର ୨୦୧୮, ଜୟପୁରରେ ୩ ଅଗଷ୍ଟ ୨୦୨୨, ରାଉରକେଲାରେ ୭ ଜାନୁଆରୀ ୨୦୨୩ ଏବଂ ଉତ୍କେଳାରେ ୩୧ ଅଗଷ୍ଟ ୨୦୨୩ରୁ ଆରସିଏସ୍-ଉଡାନ ଯୋଜନା ଅଧୀନରେ ବାଣିଜ୍ୟିକ ସେବା ଆରମ୍ଭ ହୋଇଛି। ପୁରୀରେ ପ୍ରସ୍ତାବିତ ଆନ୍ତର୍ଜାତିକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ୬ ମେ ୨୦୨୫ରେ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ଆରସିଏସ୍-ଉଡାନ ଯୋଜନା ଅଧୀନରେ ବିକଶିତ କରି ବାଣିଜ୍ୟିକ ବିମାନବନ୍ଦରରେ ପରିଣତ କରିବା ଦିଗରେ ଓଡ଼ିଶା ସରକାର କାର୍ଯ୍ୟ କରୁଥିବା ସେ ସୂଚନା ଦେଇଥିଲେ।

## ବିମାନ ପ୍ରଶିକ୍ଷଣ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ନାହିଁ

ନୂଆଦିଲ୍ଲୀ,୨୦।୭(ସମିସ): ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରରେ ତାଲିମ ଓ ଦକ୍ଷତା ବିକାଶକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ରାଜ୍ୟରେ ଡିଜିସିଏ ଅନୁମୋଦିତ ମୋଟ ୮ଟି ପ୍ରଶିକ୍ଷଣ ସଂସ୍ଥା କାର୍ଯ୍ୟକ୍ଷମ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ କୌଣସି ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ପ୍ରାୟୋଜକତା ଯୋଜନା ନାହିଁ ବୋଲି ବେସମାରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ମୁର୍ଲୀଧର ମୋହଲ ସ୍ପଷ୍ଟ କରିଛନ୍ତି।

ଓଡ଼ିଶାରେ କେନ୍ଦ୍ର ସରକାର ପକ୍ଷରୁ ବିମାନ ଚଳାଚଳ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି କି? ଏଥିପାଇଁ ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଆର୍ଥିକ ସହାୟତା ଦିଆଯାଉଥିବା ସଂକ୍ରାନ୍ତରେ ବିଜେଡି ସଂଦଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ମୋହଲ କହିଛନ୍ତି, ଓଡ଼ିଶାରେ ଗୋଟିଏ ସରକାରୀ ଏଭିଏସନ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ୫ଟି ସ୍ୱୀକୃତିପ୍ରାପ୍ତ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ୍ ଏବଂ ୨ଟି ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପ୍ରଶିକ୍ଷଣ ସଂସ୍ଥାକୁ ଡିଜିସିଏ ଅନୁମୋଦନ ଦେଇଛି। ତେବେ ବର୍ତ୍ତମାନ ସୁଦ୍ଧା ପାଇଲଟ୍, କ୍ୟାବିନ୍ କ୍ରୁ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ କିମ୍ବା ଅନ୍ୟ କୌଣସି ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସରକାର ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ପ୍ରାୟୋଜକତା ଯୋଜନା ନଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ସରିଲା ପାଠ୍ୟପୁସ୍ତକ ସଂଶୋଧନ

# ଖୁବ୍‌ଶୀଘ୍ର ଅପ୍‌ଲୋଡ୍ ହେବ ପିଲାଙ୍କ ପଢ଼ାବହି

ଭୁବନେଶ୍ୱର,୨୦।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହିରେ ତ୍ରୁଟି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତନାଘନା ଜାରିରଖିଛି।ପୂର୍ବତନନିର୍ଦ୍ଦେଶକଙ୍କୁଗିରଫକରିଥିବାବେଳେ ନିଲମ୍ବିତ ହୋଇଥିବା ସହକାରୀ ନିର୍ଦ୍ଦେଶକଙ୍କୁ ପଚରାଉଚରା କରୁଛି। ବ୍ୟାପକ ଅସନ୍ତୋଷ ମଧ୍ୟରେ ସରକାର ତ୍ରୁଟିଶୂନ୍ୟ ପୁସ୍ତକ ପ୍ରସ୍ତୁତି ପାଇଁ କସରତ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ସିଇଆର୍‌ଟି ପକ୍ଷରୁ ଚିହ୍ନଟ ହୋଇଥିବା ତ୍ରୁଟିକୁ ସଂଶୋଧନ କରାଯାଇଛି। ସାଧାରଣ ଲୋକଙ୍କ ନିକଟରୁ ପାଇଥିବା ହଜାରହଜାର ପ୍ରସ୍ତାବକୁ ଅନୁଶୀଳନ କରି ତ୍ରୁଟି ସଂଶୋଧନ ଜାରି ରଖିଛି। ପୂର୍ବରୁ ପ୍ରଥମରୁ ଚତୁର୍ଥ ଶ୍ରେଣୀ ବହିର ସଂଶୋଧିତ ସଫ୍ଟକପି ୱେବସାଇଟ୍‌ରେ ଅପଲୋଡ୍ କରାଯାଇଥିବାବେଳେ ଅବଶିଷ୍ଟ ଶ୍ରେଣୀର ବହିର ସଫ୍ଟ କପିକୁ ଖୁବଶୀଘ୍ର ୱେବସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି ସୂଚନା ମିଳିଛି।

ଗତ ଜୁଲାଇ ୩ ତାରିଖରେ ପ୍ରଥମରୁ ଚତୁର୍ଥ ଶ୍ରେଣୀର ସଂଶୋଧିତ ପୁସ୍ତକ ୱେବସାଇଟ୍‌ରେ ଅପଲୋଡ୍ ହେବାପରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୭ରୁ ୧୩ ତାରିଖ ମଧ୍ୟରେ ତ୍ରୁଟି ସଂଶୋଧନ କରାଯାଇଛି। ନିର୍ଦ୍ଧାରିତ ସମୟରେ ସଂଶୋଧନ ନ ସରିବାରୁ ୧୫ ଓ ୧୬ ତାରିଖରେ ମଧ୍ୟ ତ୍ରୁଟି ସଂଶୋଧନ କରାଯାଇଛି। ପ୍ରାୟ ଶହେରୁ ଅଧିକ ବିଷୟ ଭିତ୍ତିକ ଶିକ୍ଷକ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରିଛନ୍ତି। ଏହାସହ ସାଧାରଣ ଲୋକଙ୍କ ଠାରୁ ସଂଶୋଧନ ପାଇଁ ମେଲ୍ ଯୋଗେ ପାଇଥିବା ହଜାର ହଜାର ପ୍ରସ୍ତାବକୁ ଅନୁଶୀଳନ କରାଯାଇ ଏକାଧିକ ସଂଶୋଧନ କରାଯାଇଛି। ପୁସ୍ତକର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଏହା ଖୁବଶୀଘ୍ର ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅପରପକ୍ଷରେ କେବଳ ବନାନ୍ ଓ ବାକ୍ୟ ଗଠନରେ ଥିବା ତ୍ରୁଟିକୁ ସଂଶୋଧନ କରାଯାଇଥିଲେ ମଧ୍ୟ ତଥ୍ୟଗତ ତ୍ରୁଟିର ସଂଶୋଧନ କରାଯାଉ ନଥିବା ଜଣା ପଡ଼ିଛି। ଅର୍ଥାତ୍ କେଉଁ ବିଷୟରେ ପିଲାଙ୍କୁ ପଢ଼ାହେବ, କେଉଁଟି ପଢ଼ା ବହିରୁ ବାଦ ପଡ଼ିବ ସେନେଇ ନୀତିଗତ ନିଷ୍ପତ୍ତି ହୋଇନାହିଁ। ଚଳିତ ବର୍ଷ ସଂଶୋଧିତ ପିଡିଏଫ୍ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ କରାଯିବ ଏବଂ ଆଗାମୀ ଶିକ୍ଷାବର୍ଷରୁ ତ୍ରୁଟିଶୂନ୍ୟ ପୁସ୍ତକ ଛପା ଯାଇ ପିଲାଙ୍କୁ ବଣ୍ଟନ କରାଯିବ। ଆବଶ୍ୟକ ହେଲେ ଶିକ୍ଷକଙ୍କୁ ସଂଶୋଧିତ ପୁସ୍ତକ ପଢ଼ାଇବା ପାଇଁ ଅନଲାଇନ୍‌ରେ ପ୍ରଶିକ୍ଷଣ ଦେବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀ ପୁଲିସର...

ସେଣ୍ଟ୍ରାଲ ଦିଲ୍ଲୀ ଅଞ୍ଚଳରେ ଏବେ ବି ହାଇ-ଆଲର୍ଟ ଜାରି ରହିଛି। ପୁଲିସ ଆକ୍ରମଣରେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ଆହତ ହୋଇଛନ୍ତି। ଏହାସହ ଜଣେ ବାର ବର୍ଷର ନାବାଳିକାର ମୁଣ୍ଡ ଫାଟିଥିବା ଏବଂ ଶହେରୁ ଅଧିକ ପ୍ରତିବାଦକାରୀ ଆହତ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପୁଲିସ ଏହି ଆନ୍ଦୋଳନ ସମୟରେ ଦଳର ସଂସ୍ଥାପକ ଅଭିଜିତ୍ ଦୀପକେ ଏବଂ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବଙ୍କୁ ଅଟକ ରଖିଛି। ଅପରପକ୍ଷରେ, ଦିଲ୍ଲୀ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ କୌଣସି ହିଂସା ସୃଷ୍ଟି ହୋଇନାହିଁ ଏବଂ ପୁଲିସ ବୃତ୍ତିଗତ ଭାବେ ଆଇନ ଶୃଙ୍ଖଳା ପରିଚାଳନା କରୁଛି।

### ଆରମ୍ଭରୁ ସଂସଦରେ...

କରୁଛନ୍ତି ବୋଲି ସେ କହିଥିଲେ। ସରକାଙ୍କର ଏଭଳି ଦମନଲୀଳା ନେଇ ବିରୋଧୀ ସଦ୍ୟ ଉଦବେଗ ପ୍ରକାଶ କରିବା ସହିତ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଆଜି ବିଭିନ୍ନ ସମୟରେ ୬ ଥର ମୁଲତବୀ ହୋଇଥିଲା। ଶେଷରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଲୋକସଭାରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଜି ୧୧ଟା ବେଳେ ଗୃହ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ଏହି ପ୍ରସଙ୍ଗ ଉଠାଇ ହଙ୍ଗାମା କରିଥିଲେ। ବାଚସ୍ପତି ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଘଟିନଥିଲା। ୬ ଥର ମୁଲତବୀ ହେବାପରେ ଗୃହକୁ ଶେଷରେ ଦିନକ ପାଇଁ ମୁଲତବୀ କରି ଦିଆଯାଇଥିଲା। ମୁଲତବୀ ହେବା ପୂର୍ବରୁ ଆଇନ ମନ୍ତ୍ରୀ ସୁପ୍ରିମ କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮ କୁ ବୃଦ୍ଧି କରିବା ଲାଗି ବିଲ୍ ଆଗତ କରିଥିଲେ। ଗୃହକୁ ମୁଲତବୀ କରିବା ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁ କହିଥିଲେ ଯେ ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଗୃହ ଭିତରେ ସଭ୍ୟମାନେ ଯେଉଁଭଳି ସ୍ଲୋଗାନବାଜି କରିବା ସହିତ ବ୍ୟାନର ପ୍ରଦର୍ଶନ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ।

### ଡେଙ୍ଗୁ ଭଲ...

ଦ୍ୱାରା ମଧ୍ୟ ଏହି ଟିକାକୁ ପ୍ରାକ୍-ଯୋଗ୍ୟତା ସ୍ୱୀକୃତି ମିଳିସାରିଛି। ବିଶ୍ୱର ୪୩ରୁ ଅଧିକ ଦେଶରେ ଏହି ଟିକାର ୩.୨ କୋଟିରୁ ଅଧିକ ଡୋଜ୍ ବଣ୍ଟନ କରାଯାଇସାରିଛି। ଭାରତରେ ଏହାର ସୁରକ୍ଷା ଓ ପ୍ରତିରୋଧକ କ୍ଷମତା ଯାଞ୍ଚ ପାଇଁ କରାଯାଇଥିବା ତୃତୀୟ ପର୍ଯ୍ୟାୟ କ୍ଲିନିକାଲ୍ ପରୀକ୍ଷଣରେ ଏହା ବେଶ୍ ପ୍ରଭାବଶାଳୀ ଓ ନିରାପଦ ପ୍ରମାଣିତ ହୋଇଛି। ଏହି ଟିକା ଡେଙ୍ଗୁ ଜନିତ ହସ୍ପିଟାଲରେ ଭର୍ତ୍ତି ହେବା ସମ୍ଭାବନାକୁ ୮୪ ପ୍ରତିଶତରୁ ଅଧିକ ହ୍ରାସ କରିଥାଏ। ସମଗ୍ର ବିଶ୍ୱର ଡେଙ୍ଗୁ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ଏକ-ତୃତୀୟାଂଶ ଭାରତରେ ରହିଛନ୍ତି। ଗତ ୨୦୨୫ ମସିହାରେ ଦେଶରେ ୧.୧୩ ଲକ୍ଷରୁ ଅଧିକ ଡେଙ୍ଗୁ ମାମଲା ନଜରକୁ ଆସିଥିଲା। ପ୍ରତିବର୍ଷ ବର୍ଷା ଦିନେ ଓ ତାହା ପରବର୍ତ୍ତୀ ସମୟରେ ଡେଙ୍ଗୁ ସଂକ୍ରମଣ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ପ୍ରଚଣ୍ଡ ଚାପ ପକାଇଥାଏ। ଏହି ଭ୍ୟାକସିନ୍ ଆସିବା ଦ୍ୱାରା ସଂକ୍ରମଣ ଓ ଗମ୍ଭୀର ଚିକିତ୍ସା ଆବଶ୍ୟକତା ବହୁ ପରିମାଣରେ ହ୍ରାସ ପାଇବ। ଜାପାନୀ କମ୍ପାନୀ ଟାକେଡା ଏବେ ଭାରତୀୟ ସ୍ୱାସ୍ଥ୍ୟ ପ୍ରଶାସନ, ନିୟନ୍ତ୍ରକ ସଂସ୍ଥା ଓ ଚିକିତ୍ସକମାନଙ୍କ ସହ ମିଶି ଦେଶସାରା ଏହି ଟିକାର ଉପଲବ୍ଧତା ନିଶ୍ଚିତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ସମଗ୍ର ଦେଶରେ ଡେଙ୍ଗୁ ନିୟନ୍ତ୍ରଣ ଓ ଜନସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ 'କ୍ୟୁଡେଙ୍ଗା'ର ଆଗମନ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ପ୍ରମାଣିତ ହେବ।

### ତ୍ରିପୁରା ପୁଲିସ ଡିଜି...

ଶାସକ ଦଳ ପକ୍ଷରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟସାମ୍ନାକୁ ଆସିବ ବୋଲି କୁହାଯାଇଛି। ୨୦୨୫ ମେ'ରୁ ତ୍ରିପୁରାର ଡିଜିପି ଭାବେ ଦାୟିତ୍ୱ ତୁଲାଉଥିବା ଅନୁରାଗ ଧନଖଡ଼ ନିଜ ଚାକିରି କାଳ ମଧ୍ୟରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ) ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ମଧ୍ୟ ନିଜର ସେବା ପ୍ରଦାନ କରିଥିଲେ। ଜଣେ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏପରି ଅକାଳ ମୃତ୍ୟୁ ସମଗ୍ର ରାଜ୍ୟ ପୋଲିସ ପ୍ରଶାସନକୁ ସ୍ତବ୍ଧ କରିଦେଇଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ବଜ୍ରପାତରେ ଗଲା...

ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଡିମିରିଆ ଗ୍ରାମର ଶ୍ରୀନିବାସ ରାଉଳଙ୍କ ଏକମାତ୍ର ପୁଅ ମିଥୁନ ରାଉଳ(୨୭) ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ନିଜ ଚାଷଜମିରୁ ହଳ କରି ଫେରିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ବିଳମ୍ବିତ ରାତିରେ...

ପକ୍ଷରୁ ଥାନାରେ ଅଭିଯୋଗ ଦିଆଯାଇଥିଲା। ଚନ୍ଦନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନା ଆଇଆଇସି କହିଛନ୍ତି, ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା (ନଂ.୧୬୫/୨୬) ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ କ'ଣ ଜଣାପଡ଼ିନାହିଁ। ଏତଲାରେ ବି କାହା ନାଁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ। ପୁଲିସ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି କହିଛନ୍ତି।

### ରାଜ୍ୟବ୍ୟାପୀ ସାର...

ଦେଖାଦେଇଛି। ଏପରିକି ଖୋଲାବଜାରରେ ଚଢ଼ାଦରରେ ମଧ୍ୟ ସାର ବିକ୍ରି ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି। ମୌସୁମୀ ତଥା ଲଘୁଚାପ ବର୍ଷା ପରେ ଚାଷୀ ରୁଆ ବେଉଷଣ ଆରମ୍ଭ କରି ଦେଲେଣି। ମାତ୍ର ସଠିକ୍ ସମୟରେ ସାରର ଉପଲବ୍ଧତା କମ୍ ଓ ସରକାରୀ କଟକଣା ସାର କଳାବଜାରୀକୁ ପ୍ରୋତ୍ସାହିତ କରୁଛି। ଏପଟେ ସରକାରଙ୍କ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ରାଜ୍ୟରେ ସାର ସଙ୍କଟ ଆଶଙ୍କାକୁ ଦୃଢ଼ୀଭୂତ କରିଥିବା ବେଳେ ଚାଷୀକୁଳରେ ମଧ୍ୟ ପ୍ରତିକ୍ରିୟା ସୃଷ୍ଟି କରିଛି। ୟୁରିଆ ଓ ଡିଏପି ବଦଳରେ ଆମୋନିୟମ୍ ସଲଫେଟ୍ ଓ କମ୍ପ୍ଲେକ୍ସ ସାର ବ୍ୟବହାର କରିବାକୁ କୃଷି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସମବାୟ ସମିତି ନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଡିଏପି ସାର ଯୋଗାଣ ପ୍ରଭାବିତ ହୋଇଥିବାରୁ ଏହାର ୬୦ ପ୍ରତିଶତ ବିକଳ୍ପ ଭାବେ କମ୍ପ୍ଲେକ୍ସ ସାର ଏବଂ ୟୁରିଆ ବଦଳରେ ୨୦.୫ ପ୍ରତିଶତ ଯବକ୍ଷାରଜାନ ଓ ୨୩ ପ୍ରତିଶତ ଗନ୍ଧକଯୁକ୍ତ ଆମୋନିୟମ୍ ସଲ୍‌ଫେଟ୍ ପ୍ରଚୁର ପରିମାଣରେ ଯୋଗାଇବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଏଥିପାଇଁ ଜିଲ୍ଲା ସ୍ତରରେ ମାର୍କଫେଡ୍ କର୍ମଚାରୀମାନଙ୍କୁ ଆବଶ୍ୟକ ପରିମାଣର ଆମୋନିୟମ୍ ସଲ୍‌ଫେଟ୍ ଓ କମ୍ପ୍ଲେକ୍ସ ସାର ପାଇଁ ତୁରନ୍ତ ବରାଦ ଦେବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅତ୍ୟନ୍ତ ଜରୁରୀ ଭାବେ ଗ୍ରହଣ କରିବାକୁ ସୂଚନା ଦିଆଯାଇଛି।

ଅନ୍ୟପଟେ ୟୁରିଆ ବଦଳରେ ଆମୋନିୟମ୍ ସଲ୍‌ଫେଟ୍ ବ୍ୟବହାର କରିବାକୁ ଚାଷୀ ଅନିଚ୍ଛା ପ୍ରକାଶ କରୁଛନ୍ତି। କାରଣ ୧ କୁଇଣ୍ଟାଲ ୟୁରିଆରେ କ୍ଷେତକୁ ୪୬ କିଲୋ ନାଇଟ୍ରୋଜେନ ମିଳେ। ମାତ୍ର ସେହି ୧ କୁଇଣ୍ଟାଲ ଆମୋନିୟମ୍ ସଲ୍‌ଫେଟ୍‌ରେ ୨୦ କିଲୋ ନାଇଟ୍ରୋଜେନ ମିଳିବ, ଯାହାଦ୍ୱାରା ଚାଷୀର ଉତ୍ପାଦନ ପ୍ରଭାବିତ ହେବ। ଏହାବ୍ୟତୀତ ୟୁରିଆ ତୁଳନାରେ ଆମୋନିୟମ୍ ସଲ୍‌ଫେଟର ଦାମ୍ ମଧ୍ୟ ଅଧିକ ରହୁଛି, ଯାହାକୁ ନେଇ ଚାଷୀକୁଳରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି।

ଅପରପକ୍ଷେ ସାର ସଙ୍କଟକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ। କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ୍ ଅଛି ବୋଲି ସରକାର ପୂର୍ବରୁ ଡିଣ୍ଡିମ ପିଟୁଥିଲେ। ମାତ୍ର ଏବର ସାର ସଙ୍କଟ ସରକାରଙ୍କ ମୁଖା ଖୋଲିଦେଇଛି। ସାର ଉପରେ ସରକାରଙ୍କର ଜ୍ଞାନ ନାହିଁ ବୋଲି ସେ କଡ଼ା ସମାଲୋଚନା କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଚାଷୀ ୟୁରିଆ, ଡିଏପି ସାର ଖୋଜୁଥିବା ବେଳେ ସରକାର ଚାଷୀଙ୍କୁ ଆମୋନିୟମ ସଲ୍‌ଫେଟ ବ୍ୟବହାର କରିବାକୁ କହୁଛନ୍ତି। ସରକାର ଚାଷୀକୁଳକୁ ଭୂଆଁ ବୁଲାଉଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ୟୁରିଆ, ଡିଏପିରେ ଯେଉଁ ମାତ୍ରାରେ ରାସାୟନିକ ଉପାଦାନ ରହିଛି, ସମାନ ଉପାଦାନ ଥିବା ସାର ସରକାର ପ୍ରଦାନ କରୁଛନ୍ତି। ହେଲେ ବିରୋଧୀ କିଛି ନ ବୁଝି ଅଯଥା ବିରୋଧ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ସାର ଯେତେ କମ୍ ବ୍ୟବହାର କରିବ, ସ୍ୱାସ୍ଥ୍ୟ ସେତେ ଭଲ ରହିବ ବୋଲି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସଫେଇ ଦେଇଛନ୍ତି। ତେବେ ସାରକୁ ନେଇ ଦେଖାଦେଇଥିବା ସଙ୍କଟକୁ ସରକାର ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଅବକାରୀ ଚଢ଼ଉ, ୧୦ ଲକ୍ଷ ଟଙ୍କାର ମହୁଲ ପୋଚ ନଷ୍ଟ



ତୁରୁମୁଙ୍ଗା,୨୦।୭(ସମିସ): ସୋମବାର ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ହୀରାପଶି ଗ୍ରାମରେ ବେଆଇନ ଦେଶୀ ମହୁଲି ମଦ କାରବାର ଉପରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ମିଳିତ ଚଢ଼ଉ କରାଯାଇ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଚଢ଼ଉ ସମୟରେ ପୁଲିସ ଓ ଅବକାରୀ ଟିମ୍‌କୁ ଦେଖି ମଦ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମାଫିଆମାନେ ନଦୀକୂଳ ସମେତ ବିଭିନ୍ନ ସ୍ଥାନରେ ମାଟି ତଳେ ଲୁଚାଇ ରଖିଥିବା ୧୧ ହଜାର କେଜି ମହୁଲ ପୋଚ ସହ ୮ ଶହ ଲିଟର ମହୁଲି ମଦ କୁ ଖୋଳି ବାହାର କରାଯାଇ ନଷ୍ଟ କରାଯାଇଥିଲା। ମାଫିଆ ମାନେ ଏଠାରେ ବେଆଇନ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ କରୁଥିଲେ। ଏହି ଚଢ଼ଉରେ ମାଜିଷ୍ଟ୍ରେଟ ଭାବେ ପାଟଣା ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ସଦର ଅବକାରୀ ଅଭିରାମ ବେହେରାଙ୍କ ସମେତ ପାଟଣା ଅବକାରୀ ଥାନା ଅଧିକାରୀ ପଦ୍ମାବତୀ ମୁର୍ମୁ, ତୁରୁମୁଙ୍ଗା ଥାନା ଏସ୍ ଆଇ ସୁରେଶ ସାହୁଙ୍କ ସମେତ ଉପସ୍ଥିତ ପୁଲିସ କର୍ମଚାରୀ ଏବଂ ଏପିଆର୍ ଫୋର୍ସ ସାମିଲ ଥିଲେ।

## ■ ବାଲିଅନ୍ତା ଭିଡ଼ ହତ୍ୟା ମାମଲା

# କ୍ରାଇମ୍‌ବ୍ରାଞ୍ଚ ଧରିପାରୁନି, ୫ଜଣଙ୍କୁ ପଳାତକ ଘୋଷଣା

ଭୁବନେଶ୍ୱର,୨୦।୭(ସମିସ): ବହୁ ଚର୍ଚ୍ଚିତ ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ ବି ଫେଲ୍ ମାରିଲା। ଏହି ମାମଲାରେ ଉନ୍ନତ ତଦନ୍ତ ପାଇଁ କମିଶନରେଟ୍ ପୁଲିସ ଠାରୁ ମାମଲା ନିଆଯାଇ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଥିଲା। ଏହି ଭରସାରେ ଦିଆଯାଇଥିଲା ଯେ, ସମସ୍ତ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିବ। ହେଲେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ସେସବୁ ହୋଇ ପାରିଲା ନାହିଁ। ଭିଡ଼ହତ୍ୟା ମାମଲାରେ ୫ଅଭିଯୁକ୍ତ ଚିହ୍ନଟ ହୋଇଥିଲା ବେଳେ ଏବେବି ସେମାନେ ଗିରଫଦାରୀରୁ ବାହାରେ। ଶେଷରେ ବାଧ୍ୟ ହୋଇ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ପଳାତକ ଘୋଷଣା କରିଛି।

ସୌମ୍ୟଙ୍କ ତାଙ୍କ ପରିବାର ଲୋକେ ବାରମ୍ବାର ନ୍ୟାୟ ମାଗୁଛନ୍ତି। ଭିଡ଼ହତ୍ୟାରେ ସାମିଲଥିବା ସମସ୍ତ ଅଭିଯୁକ୍ତଙ୍କୁ ଜେଲ ଭିତରେ ଦେଖିବାକୁ ଚାହୁଁଛନ୍ତି। ବାରମ୍ବାର ଏଥିପାଇଁ ଧାରଣା ଦେଉଛନ୍ତି। ଏପରିକି ଭିଡ଼ହତ୍ୟାକୁ ଏହାମଧ୍ୟରେ ୭୫ଦିନ ବିତି ଯାଇଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସମସ୍ତ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ପୁଲିସ ଫାନ୍ଦ ସତେ ଯେମିତି ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଅପହଞ୍ଚ।

ସୂଚନାଯୋଗ୍ୟ, ଗତ ମେ'ମାସ ୭ ତାରିଖରେ ଜିଆର୍‌ପି କନ୍‌ଷ୍ଟେବଲଙ୍କୁ ବାଲିଅନ୍ତା କାଜ ନିକଟରେ ଅତ୍ୟନ୍ତ ନିର୍ମମ ଭାବେ ଭିଡ଼ ହତ୍ୟା କରିଥିଲା। ଏହାପରେ ବାଲିଅନ୍ତା ଥାନା ପୁଲିସ ପ୍ରଥମେ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୯ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ୍ ୨୦ଜଣଙ୍କୁ ରାଜ୍ୟ ପୁଲିସ ଗିରଫ କରିଛି। ଅନ୍ୟପକ୍ଷରେ ଏହି ମାମଲାରେ ସୌମ୍ୟଙ୍କ ସହଯୋଗୀ ଓମ୍‌ଙ୍କ ୩ ଜୁଲାଇରେ ନାର୍କୋଟେଷ୍ଟ ହୋଇଥିଲା। ଯାହାର ରିପୋର୍ଟ ଆସିଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

## ■ ଗାଦିମଡା ଓଏଫ୍‌ଏସ୍‌ଙ୍କୁ ସରକାରଙ୍କ ଚେତାବନୀ

# ନୂତନ ସ୍ଥାନରେ ଯୋଗ ନ ଦେଲେ ଦରମା ବନ୍ଦ

ଭୁବନେଶ୍ୱର,୨୦।୭(ସମିସ): ବଦଳି ନିର୍ଦ୍ଦେଶନାମା ବାହାରିବା ସତ୍ତ୍ୱେ କିଛି ବାବୁ ନିଜ ପୂର୍ବ ସ୍ଥାନ ଛାଡ଼ି ଯିବାକୁ ମଙ୍ଗୁନାହାନ୍ତି। ଏପରିକି ବାରମ୍ବାର ତାଗିଦା ସତ୍ତ୍ୱେ ସେମାନେ ନୂଆ ସ୍ଥାନରେ ଯୋଗ ମଧ୍ୟ ଦେଉନାହାନ୍ତି। ଏପରି ଗାଦିମଡ଼ା ବାବୁଙ୍କ ବିରୋଧରେ କଠୋର ହୋଇଛନ୍ତି ରାଜ୍ୟ ସରକାର। ଜୁଲାଇ ୨୦ ତାରିଖ ଅର୍ଥାତ୍ ସୋମବାର ସୁଦ୍ଧା ଯଦି ଉକ୍ତ ଅଧିକାରୀମାନେ ନୂତନ କାର୍ଯ୍ୟସ୍ଥଳରେ ଯୋଗ ନ ଦିଅନ୍ତି, ତାହେଲେ ସେମାନଙ୍କ ଦରମା ବନ୍ଦ କରାଯିବ ବୋଲି ରୋକଠୋକ୍ ଶୁଣାଇଦେଇଛି ଅର୍ଥ ବିଭାଗ।

ବଦଳି ଆଦେଶକୁ ଅବହେଳା କରୁଥିବା ଓଏଫଏସ-୧ (ଜୁନିଅର ବ୍ରାଞ୍ଚ) ଅଧିକାରୀଙ୍କ ବିରୋଧରେ ଓଡ଼ିଶା ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ ବଦଳି ହୋଇଥିବା ଅଧିକାରୀମାନଙ୍କୁ ୨୦ ତାରିଖ ସୁଦ୍ଧା ନୂତନ କାର୍ଯ୍ୟସ୍ଥଳରେ ନିଶ୍ଚିତ ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ବଦଳି ଓ ରିଲିଭିଂ ସଂକ୍ରାନ୍ତ ଏକାଧିକ ନିର୍ଦ୍ଦେଶ ଜାରି କରାଯାଇଥିଲେ ମଧ୍ୟ କିଛି ଅଧିକାରୀ ଏପର୍ଯ୍ୟନ୍ତ ପୂର୍ବ କାର୍ଯ୍ୟସ୍ଥଳରୁ ମୁକ୍ତ ହୋଇନାହାନ୍ତି କିମ୍ବା ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଇନାହାନ୍ତି। ସରକାରଙ୍କ ମତରେ ଏହା ସରକାରୀ ଆଦେଶର ଇଚ୍ଛାକୃତ ଅବମାନନା ସଦୃଶ। ୨୦ ତାରିଖ ସୁଦ୍ଧା ଯୋଗ ନ ଦେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପ୍ରଚଳିତ ନିୟମ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଯେଉଁ ଅଧିକାରୀମାନେ କାର୍ଯ୍ୟମୁକ୍ତ ହୋଇସାରିଛନ୍ତି; କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେବେ ନାହିଁ, ସେମାନଙ୍କୁ ୨୧ ତାରିଖଠାରୁ ଯୋଗଦାନ କରିବା ପର୍ଯ୍ୟନ୍ତ ଦରମା ପ୍ରଦାନ ନ କରାଯାଇପାରେ ବୋଲି ସ୍ପଷ୍ଟ କରାଯାଇଛି।


**GOVERNMENT OF ODISHA** 25001/774/2627

**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**

E-Mail: eerwssngp@gmail.com

Bid Identification No. 07/RWSS-NGP/2026-27/Date:20-07-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | SUPPLYING ALL LABOUR T&P FOR LAYING OF DISTRIBUTION NETWORK PIPELINE INSTALLATION OF SLUICE VALVE & CHAMBER DAMAGED DURING PWD ROAD WIDENING WORK AT PWS TO BADABHARANDI & PUJARIGUDA OF BADABHARANDI G.P UNDER UMERKOTE BLOCK |
| 2 | Time period for completion | Two (2) Month. |
| 3 | Estimated Cost | Rs. 12.04 Lakhs |
| 4 | Total Nos of works | 1 Nos. |
| 5 | Tender cost | Rs. 6,000.00/- Each. |
| 6 | Class of Contractor | "D" & "C" |
| 7 | Availability of Bid document in the web site | Dt.24.07.2026 at 01.00 hours to 31.07.2026 up to 17.00 hours. |
| 8 | Last Date of Seeking clarification | During the Office hours of 30.07.2026 up to 01.00 hours |
| 9 | Date of Opening of Bid | Dt. 01.08.2026 at 11.00 AM |

***Note:** The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.*

Further details can be seen in the bidding documents which is available in the e-procurement portal https://www.tendersorissa.gov.in. Subsequent corrigendum, if required, shall be appeared in the website. Authority reserves the right to reject any or all tenders without assigning any reason thereof.

OIPR-25001/25028/1/26-27/0008

**Superintending Engineer**
**R.W.S.&S. Division, Nabarangpur**



**OFFICE OF THE NOTIFIED AREA COUNCIL, GUDARI**

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରି

DIST. – RAYAGADA, PIN CODE – 765026

e-Mail ID: gudarin.hud@gmail.com, gudarinac.hud@gmail.com

No. 1103 /2026 Date: 18/07/2026

13001/11229/2627

**"e"- TENDER NOTICE**

**Bid Identification No. GUD-NAC-01/2026-27**

Bid documents consisting of 01 (One) No. of Sanitation Work with their Estimated Cost (Work Value), Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | |
|---|---|---|
| 1 | Name of the Work | Selection of Contractor/ Agency for execution of operation and management of Sanitation Work to maintain sanitation works in 11 (Eleven) Wards of Gudari NAC, Dist.- Rayagada |
| 2 | No of the work | 01 (One) No. |
| 3 | Estimated costs | As mentioned in the DTCN |
| 4 | Periods of the completion | As mentioned against the work in the NIT / DTCN. |
| 5 | Date & Time of Availability of Bid Documents on the Portal | From Dated : 20.07.2026, 11:00 A.M hrs<br>To Dated : 06.08.2026, 05:00 P.M hrs |
| 6 | Bids received online to be opened on | Dated 07.08.2026, 11:00 P.M hrs |
| 7 | Name and Address of the Officer inviting the Bid | The Executive Officer, Gudari NAC, Gudari |

**Further details can be seen from the Procurement Portal:** http://tendersodisha.gov.in.

OIPR-13001/13184/1/26-27/0001

**Executive Officer**
**Gudari NAC**



यूनियन बैंक ऑफ़ इंडिया Union Bank of India — भारत सरकार का उपक्रम — A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫**

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସାମନ୍ତପୁର ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାମନ୍ତପୁର ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିର ବିବରଣୀ |
|---|---|---|---|
| **ସାମନ୍ତପୁର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଧର୍ମପଦ ରାଉତ,** ସା: ସାଇ କୃପା ରେସିଡେନ୍ସି, ଡୁପ୍ଲେକ୍ସ-୭୬, ପ୍ଲଟ୍ ନଂ.: ୬୩୭/୧୬୬୨, ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀ ସୁଧାଂଶୁ କୁମାର ରାଉତ,** ପିତା: ଜଗବନ୍ଧୁ ରାଉତ, ସା: ରାଣିଓଳା, କସରଦା, ନିଆଳି, କଟକ-୭୫୪୧୦୫ | ୧) ୟୁନିୟନ୍ ହୋମ୍ ୨) ୟୁନିୟନ୍ ମଡଗେଜ୍ | ୧୪.୦୬.୨୦୨୬ / ୧୪.୦୭.୨୦୨୬ / ୧୪.୦୬.୨୦୨୬ ସୁଦ୍ଧା ଟ.୪୦,୩୧,୮୮୯.୭୪ | ଶ୍ରୀ ଧର୍ମପଦ ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଦୁଇମହଲା ବିଶିଷ୍ଟ ବିଲ୍ଡିଂର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୩୭/୧୬୬୨, ଖାତା ନଂ.: ୫୬୧/୭୮୮, ଡୁପ୍ଲେକ୍ସ – ୭୬, ସାଇ କୃପା ରେସିଡେନ୍ସି, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ମୌଜା: ଜିତିକାରସୁଆଁଲୋ, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୬୪୦, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୫, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୮୬ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୨୦.୦୭.୨୦୨୬**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**NOTICE**
**(above 18 yeras of age)**

By virtue of an affidavit sworn before Notary Public, Udala, Mayurbhanj, dated 15-07-2026 I, Saban Soren, Villege - Baidakholi, P.O- Badkhaman, P.S- Udala, Dist- Mayurbhanj, Pin- 757077, Odisha declare that I have changed my name from Suban Soren to Saban Soren. Henceforth, I shall be known as **Saban Soren** for all purposes.

**(Saban Soren)**



**AFFIDAVIT**

By virtue of an affidavit No 2061, dtd- 22/04/2026 sworn before The Executive Magistrate Sambalpur. I, **Sarwan Kumar Dalmia**, S/o Prahallad Rai Dalmia, resident of Sindurpank, PO- Sindurpank, PS- Sadar, Dist- Sambalpur, Odisha, PIN:768005 declare that I have changed my name from **Sraban Chandra Dalmia** to **Sarwan Kumar Dalmia** and my correct date of birth is **17/11/1969.** Henceforth, I shall be known as **Sarwan Kumar Dalmia** (new name) for all purposes.



**AFFIDAVIT**

I, Dashrathi Bayalal Tandi, aged about 47 years, S/o- Late Bayalal Tandi, resident of At/Po-Kotagaon, Mandal Kalampur, Ps-Jaipatna, Dist- Kalahandi, PIN-766013, Odisha declared by this affidavit No. 1451, dtd- 18/07/2026 that now onwards I shall be known as **DASHRATHI TANDI** for all future purposes.



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AXLECOUNTER-KUR-576, ତାରିଖ: 13.07.2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ IB ଠାରେ ଓଭରଲାପ୍ ଟ୍ରାକ୍ ସହିତ ସମାନ୍ତରାଳ ଭାବେ ଡିଜିଟାଲ ଏକ୍ସିଲ କାଉଣ୍ଟର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹5,13,57,153.00, EMD: ₹10,27,200.00.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 04.08.2026, 11.00 ଘଟିକାରେ ।**

ବିଡ୍ ଆରମ୍ଭ ହେବା ତାରିଖ : **21.07.2026**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ

PR-308/R/26-27



**NOTICE FOR LOSS OF DOCUMENTS**

Notice is hereby given from Rina Rani Samantaray, W/o: Dushmanta Samantaray that, he has applied for loan to LIC HFL. But at present, his vendor namely Santanu Kumar Mohapatra has lost the Original Link Documents i.e. **Regd. Sale Deed No.: 969, Dtd.: 25.05.2009** executed by Sri Chakradhar Prusty in favour of Swatik Smriti Das & Original Mutation ROR of Khata No.: 240/557, Plot No.: 20/1199 which were kept with her and in-spite of her best efforts, failed to trace the same.

Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Chandrasekharpur, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication:**
**LIC HFL, Chandrasekharpur, Bhubaneswar, Suvashish Pattanaik, Advocate, Mob. No. 9861096779**

# ଚିତାମୁଣ୍ଡାରେ ଉପମଣ୍ଡି ସ୍ଥାପନ ଦାବିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ଧର୍ମଗଡ଼, ୨୦।୭ (ସମିସ)**



କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧୀନ ଡାଲଗୁମା ପଞ୍ଚାୟତର ଚିତାମୁଣ୍ଡା ଓ ଲଟାପଡ଼ା ଗ୍ରାମର ଚାଷୀମାନେ ଚିତାମୁଣ୍ଡା ଗ୍ରାମରେ ଏକ ନୂତନ ଉପ-ମଣ୍ଡି ସ୍ଥାପନ କରିବା ଦାବିରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖ ଥାଉକି ଚିତାମୁଣ୍ଡା ଓ ଲଟାପଡ଼ା ଗ୍ରାମର ପ୍ରାୟ ୨୫୦ ଜଣ ଚାଷୀ ପ୍ରତିବର୍ଷ ପ୍ରାୟ ୧୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରୁଛନ୍ତି। କିନ୍ତୁ ଡାଲଗୁମା ପଞ୍ଚାୟତରେ ଉହଗାଁ ସମବାୟ ସମିତି ଅଧୀନରେ କେବଳ ଗୋଟିଏ ଧାନମଣ୍ଡି ଥିବାରୁ ଚାଷୀମାନଙ୍କୁ ୬ରୁ ୭ କିଲୋମିଟର ଦୂରକୁ ଧାନ ପରିବହନ କରିବାକୁ ପଡୁଛି। ଏଥିପାଇଁ ସମୟ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଥିବା ସହ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନର ଡାଲଗୁମା ଧାନମଣ୍ଡି ରାସ୍ତା ତଳିଆ ଏବଂ ଖାଲୁଆ ସ୍ଥାନରେ ଥିବାରୁ ଧାନ ସଂରକ୍ଷଣରେ ଅସୁବିଧା ହେଉଛି। ବର୍ଷା ସମୟରେ ଗଚ୍ଛିତ ଧାନ ଭିଜି ନଷ୍ଟ ହେବା ସହ ଗଜା ହୋଇଯାଉଥିବାରୁ ଚାଷୀମାନେ ଆର୍ଥିକ କ୍ଷତି ସହୁଛନ୍ତି। ଏହାଛଡ଼ା ଗୋଟିଏ ମାତ୍ର ମଣ୍ଡି ଥିବାରୁ ଧାନ ବିକ୍ରୟ ସମୟରେ ଅବ୍ୟବସ୍ଥା ଓ ବିଶୃଙ୍ଖଳା ସୃଷ୍ଟି ହେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଚିତାମୁଣ୍ଡା ଓ ଲଟାପଡ଼ା ଗ୍ରାମର ଚାଷୀମାନେ ମିଳିତ ଭାବେ ଚିତାମୁଣ୍ଡା ଗ୍ରାମରେ ଏକ ନୂତନ ଉପ-ମଣ୍ଡି ସ୍ଥାପନ ପାଇଁ ଦାବି କରିଥିବା ବେଳେ ଏଥିପାଇଁ ଚିତାମୁଣ୍ଡା ଗ୍ରାମର ଦୁଇଜଣ ଚାଷୀ ନିଜ ପୈତୃକ ଜମି ଦାନ କରିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଥିବା ବେଳେ ଏହାର ନିକଟରେ ସରକାରୀ ଜମି ମଧ୍ୟ ଉପଲବ୍ଧ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ଉପଜିଲ୍ଲାପାଳ ଉକ୍ତ ଦାବିର ତଦନ୍ତ କରି ଚିତାମୁଣ୍ଡା ଗ୍ରାମରେ ଶୀଘ୍ର ଏକ ନୂତନ ଉପ-ମଣ୍ଡି ସ୍ଥାପନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ନୂତନ ମଣ୍ଡି ହେଲେ ଉଭୟ ଗ୍ରାମର ଶତାଧିକ ଚାଷୀ ଉପକୃତ ହେବା ସହ ଧାନ ବିକ୍ରୟ ଓ ସଂରକ୍ଷଣ ସମ୍ବନ୍ଧୀୟ ଦୀର୍ଘଦିନର ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ କମ୍ମୁ ସିଂ ପୁଞ୍ଜି, ପୁରନ୍ଦର ଘି, ଭୁବନେଶ୍ୱର ହଂସ, ଲଳିତ ରଉତି, ରତ୍ନ ମୁଦି ପୁଞ୍ଜି, ଯୁବରାଜ ରଉତି, ଶ୍ରୀକର ଘି, ଜଗଜୀବନ ପୋଡ଼, ଧର୍ମୁ ହଂସ, ଭୂଧର ନାଗ, ମକରଧ୍ୱଜ ଭାଟି, ହିମାଞ୍ଚଳ ରାଉତି, ଛବିଲାଲ ଭାଟି, ଧନେଶ୍ୱର ନିଆଲ, କୃଷ୍ଣ ପୁଞ୍ଜି, ଡିଙ୍ଗରଲାଲ ଭାଟି, ତୋରାମ ପୋଡ଼, କ୍ଷିତୀରାମ ଘି, ତୈଳଙ୍କର ରଉତି ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ଓଜେଇଇରେ ଝାନ୍ସିରାଣୀଙ୍କ ସଫଳତା

**ଥୁଆମୂଳ ରାମପୁର, ୨୦।୭ (ସମିସ):** ଓଡ଼ିଶା ଯୁକ୍ତ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ର ଫଳାଫଳ ପ୍ରକାଶ ପାଇବାପରେ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ପାଇଁ ଏକ ଗର୍ବର ମୁହୂର୍ତ୍ତ ସୃଷ୍ଟି ହୋଇଛି। ବ୍ଲକର ବଡଛତ୍ରଙ୍ଗ ଗ୍ରାମର ଝିଅ ଝାନ୍ସିରାଣୀ ନାୟକ ବି.ଫାର୍ମାସି ପାଠ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳର ନାମକୁ ଉଜ୍ଜ୍ୱଳ କରିଛନ୍ତି। ପ୍ରକାଶିତ ଓଜେଇଇ ରାଙ୍କ କାର୍ଡ ଅନୁଯାୟୀ, ଝାନ୍ସିରାଣୀ ସାଧାରଣ ମେରିଟ୍ ତାଲିକାରେ ୭୭୬୩ତମ ରାଙ୍କ ଏବଂ ଅନୁସୂଚିତ ଜାତି (ଏସ୍‌ସି) ବର୍ଗରେ ୬୯୮ତମ ରାଙ୍କ ହାସଲ କରିଛନ୍ତି। ଦୁର୍ଗମ ଅଞ୍ଚଳରେ ସୀମିତ ଶିକ୍ଷାଗତ ସୁବିଧା ସତ୍ତ୍ୱେ ତାଙ୍କର ଏହି ସଫଳତା ସମସ୍ତଙ୍କ ପ୍ରଶଂସା ସାଉଁଟିଛି। ଝାନ୍ସିରାଣୀ ବଡ଼ଛତ୍ରଙ୍ଗ ଗ୍ରାମର ବାସିନ୍ଦା ରାମଧାନୀ ନାୟକଙ୍କ ଝିଅ। ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ କେବେ ବି ନିଜ ସ୍ୱପ୍ନକୁ ଛାଡ଼ି ଦେଇ ନ ଥିଲେ। କଠିନ ପରିଶ୍ରମ, ନିୟମିତ ଅଧ୍ୟୟନ, ଦୃଢ଼ ମନୋବଳ ଓ ଏକାଗ୍ରତା ବଳରେ ସେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପ୍ରମାଣ କରିଛି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ପ୍ରତିକୂଳ ପରିସ୍ଥିତି ମଧ୍ୟ ସଫଳତାର ପଥକୁ ଅଟକାଇ ପାରେନାହିଁ। ଥୁଆମୂଳ ରାମପୁର ବ୍ଲକ ଦୀର୍ଘଦିନ ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଭଳି ମୌଳିକ ସୁବିଧାରେ ପଛୁଆ ଅଞ୍ଚଳ ଭାବେ ପରିଚିତ। ଏପରି ପରିସ୍ଥିତିରେ ଏହି ଅଞ୍ଚଳର ଜଣେ ଛାତ୍ରୀ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଉଲ୍ଲେଖନୀୟ ରାଙ୍କ ହାସଲ କରିବା ଅନ୍ୟ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଆଶା ଓ ଆଶବିଶ୍ୱାସ ସୃଷ୍ଟି କରିଛି।



ଝାନ୍ସିରାଣୀଙ୍କ ସଫଳତା ଖବର ପ୍ରକାଶ ପାଇବା ପରେ ପରିବାର ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଝାନ୍ସିରାଣୀ ଆଗାମୀ ଦିନରେ ବି.ଫାର୍ମାସି ଶିକ୍ଷା ସମ୍ପୂର୍ଣ୍ଣ କରି ଜଣେ ଦକ୍ଷ ଫାର୍ମାସି ପେଶାଦାର ହେବା ସହ ଗ୍ରାମାଞ୍ଚଳର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ସ୍ୱପ୍ନ ରଖିଥିବା ଜଣାପଡ଼ିଛି। ତାଙ୍କର ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଥୁଆମୂଳ ରାମପୁର ଅଞ୍ଚଳ ପାଇଁ ଗର୍ବ ଓ ପ୍ରେରଣାର ବିଷୟ ପାଲଟିଛି।

### ନୂଆପଡ଼ା ଅବକାରୀ ବିଭାଗର ଚଢ଼ଉ

# ୧୬ କେଜି ଗଞ୍ଜେଇ ଜବତ; ଦୁଇ ଗିରଫ

**ନୂଆପଡ଼ା, ୨୦।୭ (ସମିସ):** ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇ ଦୁଇଟି ପୃଥକ୍ ମାମଲା ରୁଜୁ କରାଯିବା ସହ ମୋଟ୍ ୧୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖଡ଼ିଆଳ ରୋଡ୍‌ସ୍ଥିତ ସ୍ୱସ୍ତିକ ଲଜ୍ ସମ୍ମୁଖରେ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ କନ୍ଧମାଳ ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର କହଁର (୨୯)ଙ୍କୁ ଗିରଫ କରାଯାଇଛି। ସେହିପରି ଖଡ଼ିଆଳ ରୋଡ ରେଳଷ୍ଟେସନ ରାସ୍ତା ନିକଟରେ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୬ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ କନ୍ଧମାଳ ଜିଲ୍ଲାର ସୁଫଳ କହଁର (୨୬)ଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସିଦ୍ଧାନ୍ତ ପାତ୍ର ମାମଲା ରୁଜୁ କରିଛନ୍ତି। ଜିଲ୍ଲା ଓ ଦୌରା ଜଜଙ୍କ ଆଦେଶକ୍ରମେ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି।

# ଜଣେ ଅଧିକାରୀରେ ଚାଲିଛି 'ଗାଁରେ ପ୍ରଶାସନ'

**ନୂଆପଡ଼ା, ୨୦।୭ (ସମିସ):** ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ଗାଁରେ ପହଞ୍ଚି ପ୍ରଶାସନ ସେବା ଯୋଗାଇବା ପାଇଁ ପୂର୍ବ ସରକାର ଅମଳରୁ ଏହି କାର୍ଯ୍ୟକ୍ରମ ଚାଲିଛି। ହେଲେ ଏହି ମହତ ଉଦ୍ଦେଶ୍ୟ ନେଇ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲା ସିନାପାଳି ବ୍ଲକରେ ପ୍ରହସନ ପାଲଟିଛି। ସୋମବାର ନୂଆପଡ଼ା ଜିଲ୍ଲା ସିନାପାଳି ବ୍ଲକର ଗୋଡାଳ ପଞ୍ଚାୟତସ୍ତରରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ସରକାରଙ୍କ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମରେ କେବଳ ଜଣେ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନିଆଯିବାକୁ ଥିବାବେଳେ ଅଧିକାରୀ ଅନୁପସ୍ଥିତ ରହିବା ଫଳରେ ଅଭିଯୋଗ ଗୁଡ଼ିକର ସମାଧାନ ହେବା ନେଇ ଆଶଙ୍କାରେ ରହିଛନ୍ତି ଅଭିଯୋଗକାରୀ। ଏହି ପଞ୍ଚାୟତରେ ମୋଟ୍ ୧୦ଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ଗୋଡ଼ାଳ ସଦର ଗ୍ରାମରେ ବିପର୍ଯ୍ୟସ୍ତ ହୋଇ ରହିଥିବା ଗୋଡାଳଠାରୁ କନ୍ଦାମୁଣ୍ଡା ରାସ୍ତା, ଗୋଡ଼ାଳ ରାଇସ ମିଲ ରାସ୍ତା, ବଡ଼ ବନ୍ଧ ରାସ୍ତା ସମେତ ଅନେକ ରାସ୍ତା ମରଣ ଯନ୍ତା ପାଲଟିଛି। ଯାହାକୁ ମରାମତି କରିବା ସହ ନିର୍ମାଣ କରିବାକୁ ଅଭିଯୋଗ କରାଯାଇଥିଲା। ସେହିପରି ଗୋଡାଳ ଗ୍ରାମରେ ଥିବା ଗୋଚରକିସମ ସମେତ ଅନେକ ସରକାରୀ ଜାଗା, ସରକାରୀ କୋଠାକୁ ମାଡି ବସି ଥିବା ସ୍ଥାନର ଉଚ୍ଛେଦ କରିବା, ଗୋଡାଳରେ ଖାଲି ପଡ଼ିଥିବା ଆଉ ଏକ ଗାଁ ସାଥୀ ପଦ ନିଯୁକ୍ତି, ଅନ୍ତୋଦୟ ଗୃହ ଯୋଜନା, ଖାଉଟି କାର୍ଡ, ଜମି ଜମାର ସମସ୍ୟା ସମାଧାନ ସମେତ ଅନେକ ଅଭିଯୋଗ ନେଇ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିଲେ।

### ପ୍ରକାଶ ପାଇଲା ପୌରାଞ୍ଚଳ ସଂରକ୍ଷଣ ବିଜ୍ଞପ୍ତି

# ଏନ୍‌ଏସି ନାମ ନାହିଁ; ଅସନ୍ତୋଷ ପ୍ରକାଶ କଲେ ସହରବାସୀ

**ନୂଆପଡ଼ା, ୨୦।୭ (ସମିସ):** ନବଗଠିତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଗୁଡ଼ିକର ସଂରକ୍ଷଣ ବ୍ୟବସ୍ଥା କରି ରାଜ୍ୟ ନଗର ଉନ୍ନୟନ ବିଭାଗ ରାଜ୍ୟର ୩୫ଟି ଏନ୍‌ଏସି ଓ ମ୍ୟୁନିସିପାଲିଟିର ଚିଠା ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ପୌରନିର୍ବାଚନ ପାଇଁ ନେତାଙ୍କଠାରୁ ଆରମ୍ଭକରି ସାଧାରଣ ଜନତା ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନେକ ଦିନର ଆଶା ପୂରଣ ନେଇ ନୂଆପଡ଼ା ଜିଲ୍ଲାର ସିନାପାଲି ସହରବାସୀ ଆଶାବାଦୀ ଥିଲେ। ହେଲେ ଏହି ଆଶା ସହରବାସୀଙ୍କୁ ନିରାଶ କରିଛି। ଦୀର୍ଘ ବର୍ଷ ଧରି ସିନାପାଲିକୁ ଏନ୍‌ଏସି ଘୋଷଣା କରିବାକୁ ବହୁବାର ଆନ୍ଦୋଳନକୁ ଓହ୍ଲାଇବା ସହ ଅନେକ ଥର ନେତାଠାରୁ ମନ୍ତ୍ରୀ ଏପରିକି ସରକାର ନିକଟରେ ଦାବି ଉପସ୍ଥାପନ କରି ଆସୁଥିଲେ। ହେଲେ ଏନ୍‌ଏସି ଘୋଷଣା ହୋଇ ପାରୁ ନ ଥିଲା। ଗତ ନୂଆପଡ଼ା ଉପନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ାକୁ ଆସିଥିବା ମୁଖ୍ୟମନ୍ତ୍ରୀ ସିନାପାଲି ସହରକୁ ନୂତନ ଏନଏସିର ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଗୋଡାଳ ପଞ୍ଚାୟତ ଓ ସିନାପାଲି ସଦର ପଞ୍ଚାୟତକୁ ମିଶାଇ ଏହି ନୂତନ ଏନ୍‌ଏସି ଘୋଷଣା କରାଗଲା ବୋଲି ଘୋଷଣା କରିଥିଲେ। ସେହିପରି ଜିଲ୍ଲାର କୋମନାକୁ ମଧ୍ୟ ନୂତନ ଏନ୍‌ଏସିରେ ସାମିଲ କରିବା ସହ ଖରିଆରୋଡ ଏନ୍‌ଏସିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା କରିଥିଲେ। ହେଲେ ନିର୍ବାଚନ ସମୟରେ ଘୋଷଣା କରିଥିବା ଏହି ସବୁ ସହର ସଂରକ୍ଷଣ ଚିଠା ବିଜ୍ଞପ୍ତିରେ ନାମ ନ ଥିବାରୁ ପୁଣିଥରେ ସହରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ନୂଆପଡ଼ା ଉପ ନିର୍ବାଚନରେ ବିଜୟୀ ହୋଇଥିବା ଶାସକ ବିଜେପି ନୂଆପଡ଼ା ଜିଲ୍ଲାର ଅନେକ ବିକାଶ କଥା କହିଥିବା ବେଳେ ଲୋକଙ୍କ ସାମୂହିକ ବିକାଶ ଦିଗରେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟ କରି ନ ଥିବାକୁ ନେଇ ସାଧାରଣମହଲରେ ଶାସକଦଳକୁ ତୀବ୍ର ନିନ୍ଦା କରିଛନ୍ତି। ସିନାପାଲି ସହର କଳାହାଣ୍ଡି ଓ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଥିବାବେଳେ ଏହି ସହର ଏନ୍‌ଏସି ଯୋଗ୍ୟତା ମାପଦଣ୍ଡ ପୂରଣ କରୁଛି। ତଥାପି ଏହି ସହରକୁ ବର୍ତ୍ତମାନ ରାଜ୍ୟରେ ନବ ଗଠିତ ନୂତନ ଏନ୍‌ଏସି ତାଲିକା ରେ ସାମିଲ ନ କରିବା ନେଇ ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାକୁ ନେଇ ସିନାପାଲି ଅଞ୍ଚଳର ରାଜନୈତିକ ନେତୃବୃନ୍ଦ ମହଲରେ ଚର୍ଚ୍ଚା ଜୋର୍ ଧରିଥିଲାବେଳେ ବିଜେଡି ଓ ବିଜେପି କର୍ମକର୍ତ୍ତା ଓ କର୍ମୀ ମହଲରେ ଆରୋପ ପ୍ରତ୍ୟାରୋପ ରାଜନୀତି ଲାଗି ରହିଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିସାରିଥିବା ଏହି ନୂତନ ଏନଏସିର ଭାଗ୍ୟ କୁଆଡେ ଯିବ ତାକୁ ନେଇ ଅପେକ୍ଷା କରିଛନ୍ତି ସହରବାସୀ।

# ହାତୀଙ୍କ ଉତ୍ପାତ: ଘର, ମନ୍ଦିର ଓ ଧାନ ଫସଲ ନଷ୍ଟ



**ଲାଞ୍ଜିଗଡ଼, ୨୦।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜି ପଞ୍ଚାୟତ ସ୍ଥିତ ଗୋଇଚର୍ଚ୍ଚା ଗ୍ରାମ ଓ ଆଖପାଖ ଅଞ୍ଚଳରେ ପୁଣି ହାତୀଙ୍କ ଉତ୍ପାତ ଦେଖାଦେଇଛି। ରବିବାର ବିଳମ୍ବିତ ରାତିରେ ଜଙ୍ଗଲରୁ ଏକ ଅଣାୟତ୍ତ ହାତୀ ଗାଁ ଭିତରକୁ ପଶି ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ହାତୀଟି ପ୍ରଥମେ ଗ୍ରାମର ଚାଷୀ ଗୋପୀନାଥ ଦୋରାଙ୍କ ବାସଗୃହକୁ ଭାଙ୍ଗି ଥିଲା। ଘରେ ଥିବା ଆସବାବପତ୍ର, ରାସନ ସାମଗ୍ରୀ ସହ ସମସ୍ତ ଜିନିଷ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର କରିଦେଇଛି। ଏହାପରେ ହାତୀଟି ଗ୍ରାମର ଦେବୀ ମାଁ ଠାକୁରାଣୀ ମନ୍ଦିରକୁ ମଧ୍ୟ ଭାଙ୍ଗି ନଷ୍ଟ କରିଦେଇଛି। ସେଠାରୁ ସିଧା ଯାଇ ଗୋପୀନାଥଙ୍କ ଚାଷ ଜମିରେ ଥିବା ଧାନ ଚାଷକୁ ଦଳିଚକଟି ସମ୍ପୂର୍ଣ୍ଣ ଭାବେ ଉଜାଡ଼ି ଦେଇଛି। ଗ୍ରାମବାସୀ ବନ୍ୟବିଭାଗକୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ହାତୀକୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା, ୨୦।୭ (ସମିସ):** ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିୟମ ଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବ ମନମୋହନ ସ୍କୁଲ ପଡ଼ିଆଠାରେ ଆୟୋଜନ କରାଯିବ। ମନମୋହନ ସ୍କୁଲ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିବେ। ଏହି ବୈଠକରେ ବିଶ୍ୱ ରଞ୍ଜନ ନାୟକ, ଜିଲ୍ଲା ପରିଷଦ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ସୋରେଙ୍ଗ, ଅତିରିକ୍ତ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଚାଳନା ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀକୃଷ୍ଣାକେଶୀ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ। ଏଥିସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କର୍ମଚାରୀ ଭୁବନାନନ୍ଦ ବାଗ, ନିହାଲ୍ ଭୋଇ, ରବୀନ୍ଦ୍ର ନିଆଳ ଏବଂ ରାଜସ୍ୱ ବିଭାଗ ଆସିଷ୍ଟାଣ୍ଟ ଜଗନ୍ନାଥ ରାଉତ ସହଯୋଗ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ପ୍ରଶାସନ, ଶିକ୍ଷାନୁଷ୍ଠାନର ଶିକ୍ଷକ, ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଡିଏଭି ବେଦାନ୍ତ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

**ଲାଞ୍ଜିଗଡ଼, ୨୦।୭ (ସମିସ):** ସ୍ଥାନୀୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବରେ ସର୍ବେଶ୍ୱର ଭୁଜବଳ ଯୋଗଦାନ କରିଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲାଞ୍ଜିଗଡ଼ ଏବଂ ଆଖପାଖ ଅଞ୍ଚଳରେ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କୁ ଜାତୀୟସ୍ତରରେ ସଫଳ କରାଇବା ତାଙ୍କର ପ୍ରାଥମିକ ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି।



ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଣ-ଶିକ୍ଷକ କର୍ମଚାରୀ ଏବଂ ବେଦାନ୍ତ ଆଲୁମିନିୟମ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ଭୁଜବଳ ପୁରୀ ଜିଲ୍ଲାର ମୂଳବାସିନ୍ଦା ଅଟନ୍ତି। ଜଣେ ମେଧାବୀ ଛାତ୍ର ଭାବରେ ଅର୍ଥନୀତିରେ ସ୍ନାତକୋତ୍ତର ସମାପ୍ତ ହେବା ପରେ ୟୁଜିସି ନେଟ୍ ପରୀକ୍ଷା ରେ ଉତ୍ତୀର୍ଣ୍ଣ ଲାଭ କରିଛନ୍ତି। ସେ ନିଜର ଚାକିରି ଜୀବନ ଡିଏଭି ସ୍କୁଲ, ପାଟନା, ବିହାର ରାଜ୍ୟରେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ।

# ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧର୍ମଗଡ଼, ୨୦।୭ (ସମିସ):** ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ କାର୍ଯ୍ୟରତ ଇଂରାଜୀ ବିଭାଗ ଅଧ୍ୟାପକ ଲିଙ୍ଗରାଜ ପାତ୍ର ଏବଂ ଗଣିତ ବିଭାଗ ଅଧ୍ୟାପକ ଭାର୍ଗବ ସାହୁଙ୍କ ବଦଳି ହୋଇଛି। ଶ୍ରୀ ପାତ୍ରଙ୍କୁ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସ୍ଥିତ ଡି ଏ ଭି ଅଟୋନୋମସ କଲେଜକୁ ବଦଳି ହୋଇ ଥିବା ବେଳେ ଶ୍ରୀ ସାହୁଙ୍କୁ କୋଟପାଡ଼ ଡିଗ୍ରୀ ମହାବିଦ୍ୟାଳୟକୁ ବଦଳି ହୋଇଛି। ଆଜି ଉଭୟ ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗନ୍ନାଥ ରାଓ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ସରୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ମହାବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଶିକ୍ଷା ବିଭାଗରେ ବଦଳି ଭେଲିକି

# ବଦଳି ଆଦେଶକୁ ମାନୁନାହାନ୍ତି କର୍ମଚାରୀ

**ଭବାନୀପାଟଣା, ୨୦।୭ (ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗରେ କର୍ମଚାରୀଙ୍କ ବଦଳି ସମ୍ପର୍କିତ ଚିଠିରେ କାର୍ଯ୍ୟରେ ଯୋଗ ଦେବାପାଇଁ ସାତଦିନ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଯାବତ୍ କିଛି କର୍ମଚାରୀ ବଦଳି ହୋଇଥିବା ନୂଆ ସ୍ଥାନରେ ଯୋଗ ଦେଇଥିବାବେଳେ ଆଉ କିଛି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠିକୁ ଅବମାନନା କରି ନୂତନ ସ୍ଥାନକୁ ଯାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି ଯେ ଯେଉଁମାନେ ବଦଳି ହୋଇଥିବା ସ୍ଥାନକୁ ଯାଇନାହାନ୍ତି ସେମାନେ ନିଜର ବ୍ୟକ୍ତିଗତ ସମସ୍ୟା ଦର୍ଶାଇ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଗତ ଜୁନ୍ ୧୨ତାରିଖରେ କିରାଣିମାନଙ୍କ ବଦଳି ଅର୍ଡର ଜିଲ୍ଲା ଅଧିକାରୀ କରିଥିଲେ। ପୁନର୍ବାର ୬ଦିନ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାରେ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେହି ବଦଳିକୁ ବାତିଲ କରିଥିଲେ। ବାତିଲ ପଛରେ କାରଣ ଜିଲ୍ଲାପାଳ ବଦଳି ଅର୍ଡରରେ ସନ୍ତୁଷ୍ଟ ନୁହନ୍ତି। କିଛିଦିନର ବ୍ୟବଧାନ ପରେ ଜିଲ୍ଲାପାଳଙ୍କ ଜ୍ଞାନ୍ତସାରରେ ବଦଳି ଅର୍ଡର ପ୍ରକାଶ ପାଇଥିଲା। ଅମଲାମାନଙ୍କ ବଦଳି ହୋଇଥିଲା ସତ୍ କିନ୍ତୁ ପ୍ରାୟ ଅଧିକାଂଶଙ୍କୁ ସହର ଭିତରେ ଥିବା ଅନ୍ୟ ବିଭାଗୀୟ କାର୍ଯ୍ୟାଳୟକୁ ଏବଂ କିଛି କର୍ମଚାରୀଙ୍କୁ ସହର ପାଖା ପାଖି ଥଇଥାନ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ନୂତନ ଅର୍ଡର ବାହାରିଥିବା ପ୍ରକାଶ। ତଥାପି ନୂତନ ବଦଳି ଅର୍ଡରକୁ ମାନୁ ନ ଥିବା ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ସମାଲୋଚନା ଚାଲିଛି।

### ଲଖନପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

# ୪୯ଟି ଅଭିଯୋଗପତ୍ର ଗ୍ରହଣ; ୪ ଜଣଙ୍କୁ ସହାୟତା ପ୍ରଦାନ

**ଇବଥର୍ମାଲ/ଲଖନପୁର, ୨୦।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ମୁଖ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ୪୯ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରହଣ କରାଯାଇଥିବା ମୋଟ ୪୯ଟି ଆବେଦନ ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ



୧୩ଟି ସାମୁହିକ ବା ଗୋଷ୍ଠୀଗତ ଆବେଦନ ରହିଥିଲା। ଏହି ଅବସରରେ ଜରୁରୀ ଆର୍ଥିକ ସହାୟତା ପାଇଁ ଆସିଥିବା ଆବେଦନଗୁଡ଼ିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୧ଟି ଏବଂ ରେଡ୍‌କ୍ରସ ଫଣ୍ଡରୁ ୩ଟି ଆବେଦନକୁ ମଞ୍ଜୁର କରାଯାଇଥିଲା। ଶିବିରରେ ତତ୍କାଳ ସହାୟତା ସ୍ୱରୂପ ମୋଟ ୪ ଜଣ ହିତାଧିକାରୀଙ୍କୁ ୭୦, ୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ବିବାଦ, ଜମି ସୀମା ନିର୍ଦ୍ଧାରଣ, ଜମି ପଟ୍ଟା ବଣ୍ଟନ, ଧାନ କ୍ରୟ ଏବଂ ମଣ୍ଡି ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା ଏବଂ ଗ୍ରାମୀଣ ରାସ୍ତାଘାଟ ନିର୍ମାଣ ଓ ମରାମତି ଭଳି ଜନସ୍ୱାର୍ଥ ସମ୍ବଳିତ ବିଷୟଗୁଡ଼ିକ ପ୍ରମୁଖ ଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ଅଭିଯୋଗର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ

**ଧର୍ମଗଡ଼, ୨୦।୭ (ସମିସ):** ଦିଲ୍ଲୀରେ ସୋନମ ୱାଙ୍ଗଚୁକଙ୍କ ଦାବିକୁ ସମର୍ଥନ କରି ବିଭିନ୍ନ ସଂଗଠନ ପକ୍ଷରୁ ପାର୍ଲାମେଣ୍ଟ ଅଭିମୁଖେ ମାର୍ଚ୍ଚ କରାଯାଇଥିବାବେଳେ, କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ରେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଓଡ଼ିଶା ମୂଳନିବାସୀ ବହୁଜନ ମିଳିତ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ସମୟରେ ସଂଗଠନର ସଦସ୍ୟମାନେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରିଥିବାବେଳେ, ୨୨ ଜଣ ମେଡିକାଲ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଦେଶ ପାଇଁ ଚିନ୍ତାର ବିଷୟ ବୋଲି ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ଧର୍ମଗଡ଼ଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ସଂଘ ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିବା ସହ ସରକାରଙ୍କ ପକ୍ଷରୁ ତାଙ୍କ ପ୍ରତି କରାଯାଇଥିବା ବ୍ୟବହାରକୁ ଘୋର ନିନ୍ଦା କରିଛି। ସେହିପରି ଦିଲ୍ଲୀର ଜନ୍ତର-ମନ୍ତରରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ପୁଲିସ ଦମନ କରିଥିବା ଘଟଣାକୁ ଗଣତନ୍ତ୍ର ବିରୋଧୀ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ଜିଲ୍ଲା ଉପଦେଷ୍ଟା ଡମ୍ବରୁଧର ଲହଜଲ, ବରିଷ୍ଠ ନାଗରିକ ପ୍ରମୋଦ ହଂସ, ବିଜୁ ଜନତା ଦଳ ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ଖଗେଶ୍ୱର ନାଏକ, ସୌମ୍ୟରଞ୍ଜନ ନାଏକ, କ୍ଷୀରମୋହନ ପଟେଲ, ମସ୍ତକ ସୁନାନୀ, କାର୍ତ୍ତିକ ନାଗ, ମଧୁ ସାଗର, ମହାଦେବ ନାଗ, କ୍ଷେତ୍ର ସତନାମୀ, କିଶୋର ପଟେଲ, ମନୋଜ ବାଗ, ବନମାଳୀ ଶବର, ଟଙ୍କଧର ଶବର, ସମିତି ସଭ୍ୟ ଶଙ୍କର ନାଏକ, ଲକ୍ଷ୍ମଣ ମହାନନ୍ଦ, କେଦାର ଜାଲ, ସୌମ୍ୟ ଦାସ, ଥବିର ସାଗର, ଉଦିତ ଠାକୁର, ପ୍ରଦୀପ ସେଠିଆ ସମେତ ସଙ୍ଘର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନିଜ ଦୁର୍ନୀତି ଘୋଡ଼ାଇବାକୁ ବିଜେପିରେ ମିଶିଲେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ: କଂଗ୍ରେସ

**ଖଡ଼ିଆଳ, ୨୦।୭ (ସମିସ)**

ନିଜ ଦୁର୍ନୀତି ଘୋଡ଼ାଇବାକୁ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ବିଜେପିରେ ମିଶିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଖଡ଼ିଆଳ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ବରିଷ୍ଠ କଂଗ୍ରେସ ନେତା କମଳ ଚରଣ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଶ୍ରୀ ତାଣ୍ଡି ଉଜ୍ଜ୍ୱଳ ଗୁପ୍ତାଙ୍କୁ ଜଣେ ବଡ଼ 'ସୁବିଧାବାଦୀ' ନେତା ଭାବେ ଆଖ୍ୟାଦେଇ ଗୁପ୍ତା କଂଗ୍ରେସ ଟିକେଟ୍‌ରେ ଜିତି ଖଡ଼ିଆଳର ନଗରପାଳ ହୋଇଥିଲେ। କିନ୍ତୁ କଂଗ୍ରେସରୁ ଫାଇଦା ନେବାପରେ ସେ ସଦାସର୍ବଦା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିଲେ। ଯେତେବେଳେ ପ୍ରାକ୍ତନ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ, ସେତେବେଳେ ଉଜ୍ଜ୍ୱଳ ଗୁପ୍ତା ସରକାରୀ ଭାବେ ଦଳ ଛାଡ଼ି ନଥିଲେ ମଧ୍ୟ ଭିତରିଆ ଭାବେ ବିଜେଡି ବିଧାୟକଙ୍କ ସହ ହିଁ ରହିଥିଲେ। ଭକ୍ତଚରଣ ଦାସ ରାଜ୍ୟ ସଭାପତି ଦାୟିତ୍ୱ ନେବା ସମୟରେ ତାଙ୍କୁ ସାଧାରଣ ଶୁଭେଚ୍ଛା ଜଣାଇବାକୁ ମଧ୍ୟ ଶ୍ରୀ ଗୁପ୍ତା ଉଚିତ୍ ମଣିନଥିଲେ। ନୂଆପଡ଼ାରେ ହୋଇଥିବା ଉପ-ନିର୍ବାଚନରେ ମଧ୍ୟ ସେ କଂଗ୍ରେସର କୌଣସି କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ସେ କେବଳ ନିଜ ସ୍ୱାର୍ଥ ପାଇଁ କଂଗ୍ରେସର ନାମ ବ୍ୟବହାର କରୁଥିଲେ, ଦଳ ପ୍ରତି ତାଙ୍କର କୌଣସି ନିଷ୍ଠା ନ ଥିଲା। ଏହି ଅବସରରେ ଶ୍ରୀ ତାଣ୍ଡି ଖଡ଼ିଆଳ ଏନଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ବଡ଼ ଧରଣର ମହାଘୋଟାଲା ହୋଇଥିବା କହିବା ସହ" ସହର ପାଇଁ ମୋଟ ୨, ୩୬୯ ଟି ଗୃହ ମଞ୍ଜୁର ହୋଇଥିଲା। କିନ୍ତୁ ବାସ୍ତବରେ ୩, ୩୮୩ ଟି ଘର ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ବଳକା ଘର କେଉଁଠୁ ଆସିଲା ଏବଂ କେଉଁ ଆଧାରରେ ବଣ୍ଟାଗଲା, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଆବାସ ଯୋଜନାରେ ବ୍ୟାପକ




ଅନିୟମିତତା ଓ ପିସି କାରବାର ହୋଇଛି। ଉଜ୍ଜ୍ୱଳ ଗୁପ୍ତା ନିଜ କାର୍ଯ୍ୟକାଳ ମଧ୍ୟରେ କରିଥିବା ଏହି ସବୁ ଦୁର୍ନୀତି ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ଶାସକ ଦଳର ଶରଣ ପଶିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ମହାଘୋଟାଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ଦାବି କରିଛି। ଆସନ୍ତା ୭ ଦିନ ମଧ୍ୟରେ ଯଦି ଜିଲ୍ଲା ପ୍ରଶାସନ ଏହି ଦୁର୍ନୀତି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ କଂଗ୍ରେସ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ କମଳଚରଣ ତାଣ୍ଡିଙ୍କ ସମେତ ଖଡ଼ିଆଳ ନଗର କଂଗ୍ରେସ ସଭାପତି ପ୍ରବୀଣ କୁମାର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମନାଭ ଜଗତ, ଖଡ଼ିଆଳ ବ୍ଲକ ସଭାପତି ବୁଦ୍ଧଦେବ ବେହେରା ଏବଂ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରଦୀପ ବେହେରାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚୋରି ଘଟଣାରେ ନାବାଳକ ଅଟକ; ଅଳଙ୍କାର ଜବତ



**ଅମ୍ବାଭୋନା, ୨୦।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଡୁଙ୍ଗୁରୀ ଗ୍ରାମରେ ଘଟିଥିବା ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରି ଅମ୍ବାଭୋନା ପୁଲିସ । ଘଟଣାରେ ବାଞ୍ଜିପାଲି ଗ୍ରାମର ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ଅଟକ ରଖିଥିବାବେଳେ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି ।

ସୂଚନା ଅନୁଯାୟୀ, ଡୁଙ୍ଗୁରୀ ଗ୍ରାମର ମୁକେଶ ସାହୁ (୨୬)ଙ୍କ ଘରୁ ଗତ ୧୫ ଜୁଲାଇ ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଥିଲେ । ଗଲାବେଳେ ପଡ଼ୋଶୀଙ୍କ ଘରୁ ଦୁଇଟି ମୋବାଇଲ ଫୋନ ମଧ୍ୟ ଚୋରି କରି ନେଇଥିଲା । ତଦନ୍ତ ସମୟରେ ପୁଲିସ ବାଞ୍ଜିପାଲି ଗ୍ରାମର ଜଣେ ନାବାଳକଙ୍କ ନିକଟରୁ ୬ଟି ମୋବାଇଲ ଫୋନ, ୨ ଯୋଡ଼ା ସୁନା କାନଫୁଲ, ୩ ଯୋଡ଼ା ରୁପା ପାଉଁଜି, ୨ଟି ମଙ୍ଗଳସୂତ୍ର ଓ ୩ ହଜାର ଟଙ୍କା ନଗଦ ଜବତ କରିଛି । ନାବାଳକଙ୍କୁ ବରଗଡ଼ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା । ବୋର୍ଡଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ରାଉରକେଲାସ୍ଥିତ ସୁଧାର ଗୃହକୁ ପଠାଯାଇଛି । ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ରଥଚକ ଦର୍ଶନ ସହ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ

**ବରଗଡ଼, ୨୦।୭ (ସମିସ):** ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭଟଲିରେ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପବିତ୍ର ରଥ ଚକ ଦର୍ଶନ କରିଥିଲେ । ଏହି ଅବସରରେ ରଥ ଚକର ସୁରକ୍ଷା ଓ ଚକବନ୍ଧ କାର୍ଯ୍ୟ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ଭକ୍ତମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ଭଟଲିକୁ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ସମ୍ପର୍କରେ ବିସ୍ତୃତ ସମୀକ୍ଷା ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ । ଭଟଲି ବିଡିଓ ପ୍ରମୋଦ ମେହେର, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ ।



# ଶ୍ରୀ ଜଗନ୍ନାଥ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ବରପାଲି, ୨୦।୭ (ସମିସ):** ବରପାଲି ରାଉତ ଆର୍ଟ ଗ୍ୟାଲେରୀ ଆୟୋଜିତ 'ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ' ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚଳଚିତ୍ର ଅଭିନେତା ଅଶୋକ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ଗଡ଼ତିଆ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ନବ କିଶୋର ମହନ୍ତମ ଓ ଚିତ୍ରକର ତଥା ସାମ୍ବାଦିକ ପଦ୍ମଲୋଚନ ସାହୁ ଚିତ୍ରଶିଳ୍ପୀ ମାନଙ୍କୁ ସମ୍ମାନୀତ କରିଥିଲେ । ସେମାନେ ଗ୍ୟାଲେରୀ ପରିଦର୍ଶନ କରିଥିଲେ । ଚଳିତ ବର୍ଷ ବିଷ୍ଣୁଙ୍କ ଦଶ ଅବତାରକୁ ନେଇ ଓଡ଼ିଶାର ବିଭିନ୍ନ ଜିଲ୍ଲା ଯୁବ ଚିତ୍ରଶିଳ୍ପୀଙ୍କ ପେଣ୍ଟିଙ୍ଗ ରାଉତ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ହୋଇ ଦର୍ଶକ ମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ପ୍ରଦର୍ଶନୀ ରାଉତ ଆର୍ଟ ଫାଉଣ୍ଡେସନ ଆୟୋଜକ ସରୋଜ ରାଉତଙ୍କ ପ୍ରଚେଷ୍ଟା ହୋଇଥିଲା ।




ବରଗଡ଼ ପୁରୁଣା ସିଏଚ୍‌ସିରେ ଅଭାବନୀୟ ଘଟଣା

# ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଗିରଫ

**ବରଗଡ଼, ୨୦।୭ (ସମିସ)**

ବରଗଡ଼ ସହରରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ଓ ହିଂସାକାଣ୍ଡ ସହ ଲୁଟ୍‌ପାଟ ବଢ଼ିବାରେ ଲାଗିଛି । ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି ।

ପ୍ରକାଶ ଯେ, ବରଗଡ଼ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତକାଲି ବିଳମ୍ବିତ ରାତିରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କ ଉପରେ ଆକ୍ରମଣ ହୋଇଛି । ଗଙ୍ଗାଧର ନଗର ୱାର୍ଡ ନମ୍ବର୧୪ର ବାସିନ୍ଦା ବିକି ସିଂ ନାମକ ଜଣେ ଯୁବକ ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ । କାର୍ଯ୍ୟରତ ଡାକ୍ତର ଡା. ସୁଦୀପ୍ତ କୁମାର ରାଉତ ରୋଗୀଙ୍କ ଚିକିତ୍ସା କରିବା ପରେ ବିକି ସିଂ ନିଜର ରକ୍ତଚାପ (ବ୍ଲଡ୍ ପ୍ରେସର) ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ । ଡା. ରାଉତ ତାଙ୍କୁ କହିଥିଲେ




ଯେ, ସେ ଦୌଡ଼ି ଆସିଥିବାରୁ କିଛି ସମୟ ବସି ବିଶ୍ରାମ ନେବା ପରେ ବ୍ଲଡ୍ ପ୍ରେସର ଯାଞ୍ଚ କରାଯିବ । ମାତ୍ର ଏହି କଥାକୁ ଭୁଲ ବୁଝି ବିକି ସିଂ ଉତ୍ତେଜିତ ହୋଇ ପଡ଼ିଥିଲେ ।

ଅଭିଯୋଗ ଅନୁଯାୟୀ, ସେ ନିକଟରେ ଥିବା ଏକ କାଠ ଷ୍ଟୁଲ ଉଠାଇ ଡା. ରାଉତଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ଡାକ୍ତରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଏହାପରେ ଅଭିଯୁକ୍ତ ଡାକ୍ତରଖାନାର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରି ସେଠାରୁ ଫେରାର ହୋଇ ଯାଇଥିଲେ । ଆହତ ଡା. ରାଉତଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିବା ବେଳେ, ଘଟଣାକୁ ନେଇ ସିଏଚସିର ସମସ୍ତ କର୍ମଚାରୀ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବରଗଡ଼ ଟାଉନ ଅଧିକାରୀ ଚିତ୍ତ ରଞ୍ଜନ ମେହେର ଓ ଷ୍ଟାଫ ରାତିରେ ଚଢ଼ଉ କରି ବିକି ସିଂଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲେ । ହସ୍ପିଟାଲ୍‌ରେ ଥିବା ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ କରି ମାମଲା ରୁଜୁ କରିଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ଡାକ୍ତର ଉପରେ ଏପରି ଆକ୍ରମଣ ଘଟଣାକୁ ଡାକ୍ତର ରାମକୃଷ୍ଣ ପୁରୋହିତ, ଡାକ୍ତର ପ୍ୟାରିଲାଲ ତ୍ରିପାଠୀ, ଡାକ୍ତର ସସ୍ମିତା ଦାଶ, ସିଡିଏମଓ ପ୍ରଶାନ୍ତ କୁମାର ଦାଶ ଦୃଢ଼ ନିନ୍ଦା କରିବା ସହ ଉଚିତ୍ ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଭଟଲି, ୨୦।୭ (ସମିସ):** ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ମେହେର ଏବଂ ତହସିଲଦାର ରାମକୃଷ୍ଣ ମିଶ୍ର, ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ସରୋଜ ଭୁଏଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।



ସମୁଦାୟ ୩୯ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨୮ ଗୋଟି ବ୍ୟକ୍ତିଗତ ଓ ୧୧ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ହେରାପଞ୍ଚମୀ: ମହାପ୍ରଭୁଙ୍କ ରଥ ଭାଙ୍ଗିଲେ ମା'

**ପାଇକମାଳ, ୨୦।୭ (ସମିସ):** ପବିତ୍ର ରଥଯାତ୍ରା ଅବସରରେ ହେରାପଞ୍ଚମୀ ନୀତି ସୋମବାର ପାଇକମାଳରେ ପାଳିତ ହୋଇଯାଇଛି । ନୃସିଂହନାଥ ମନ୍ଦିରରୁ ମା' ମହାଲକ୍ଷ୍ମୀ ସୁସଜ୍ଜିତ ରଥରେ ବାହାରି ମାଉସୀ ମାଁ ମନ୍ଦିର ନିକଟକୁ ଯାଇଥିଲେ । ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ସମ୍ମୁଖରେ ପହଞ୍ଚି ହେରାପଞ୍ଚମୀର ପାରମ୍ପରିକ ନୀତି ଅନୁସାରେ ରଥର ଏକ ଅଂଶ ଭାଙ୍ଗିଥିଲେ ।

କାର୍ଯ୍ୟକ୍ରମରେ ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସୁନିଲ ପୁରୋହିତ, ରୋସନ ପାଣିଗ୍ରାହୀ, ଉମାକାନ୍ତ ପୁରୋହିତ, ମାତୃପ୍ରସାଦ ରଥ, ପ୍ରିତେଶ ବଡପଣ୍ଡା, ଦୁର୍ଯ୍ୟୋଧନ ତ୍ରିପାଠୀ, ବୁଲୁ ନାୟକ, ଅନୀଲ ସାହୁଙ୍କ ସମେତ ନୃସିଂହନାଥ ମନ୍ଦିରର ପୂଜକମାନେ ସହଯୋଗ କରିଥିଲେ ।

# ବରୋଦା ବ୍ୟାଙ୍କ ୧୧୯ ତମ ସ୍ଥାପନା ଦିବସ

**ବରପାଲି, ୨୦।୭ (ସମିସ) :** ବରପାଲି ବରୋଦା ବ୍ୟାଙ୍କ ପରିସରରେ ୧୧୯ ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି । ସୋମବାର ଅପରାହ୍ନରେ ଶାଖା ମୁଖ୍ୟପରିଚାଳକ କ୍ଷୀରସାଗର ବାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସହକାରୀ ପରିଚାଳକ ମନୋରଞ୍ଜନ ବାରିକଙ୍କ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ପୂଜାର୍ଚ୍ଚନା ସହିତ କେକ୍ କଟାଯାଇ ଉତ୍ସବ ପାଳିତ ହୋଇଥିଲା । କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଦୀପକ ଗଡ଼ତିୟା, ଉମାକାନ୍ତ ମେହେର, ସରୋଜ ମହାଲିକ, ବିଶ୍ୱନାଥ ପ୍ରଧାନ, ବଳରାମ ଦେହେରି ତଥା ବ୍ୟାଙ୍କମିତ୍ର ଓ ଆମନ୍ତ୍ରିତ ଅତିଥିବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ଶାଖା ପରିସରରେ ପରିଚାଳକ ବାଗଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଥିଲା ।

# କଟାବାହାଲରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ପର୍କିତ ପ୍ରଶିକ୍ଷଣ

**ଗାଇସିଲେଟ, ୨୦।୭ (ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ପଞ୍ଚାୟତରେ ପଲ୍ଲୀ ଆଲୋକ ପାଠାଗାରର ଆୟୋଜନ ଓ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁଙ୍କ ସହଯୋଗରେ ଆଜି ସମୁଦାୟ ନେତୃବୃନ୍ଦଙ୍କ ପାଇଁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବିଷୟକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା ମୁଖ୍ୟ ଅତିଥି ଭାବେ ସ ସମ୍ମାନିତ ଅତିଥି ଭାବେ ଆଇସିଡିଏସ୍ ସୁପରଭାଇଜର ସବିତା ଚେର୍ଲିଆ, କମ୍ୟୁନିଟି ହେଲ୍ଥ ଅଫିସର ରତୁପର୍ଣ୍ଣା ରାଉତ ଏବଂ ଏମ୍‌ପିଏଚ୍‌ଡବ୍ଲ୍ୟୁ ନିରୁପମା ସ୍ୱାଇଁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶ୍ରୀମତୀ ରସ୍ମିତା ବରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ସଂଯୋଜକ ହୀରାଲାଲ ମିଶ୍ର କାର୍ଯ୍ୟକ୍ରମର ପ୍ରସଙ୍ଗ ଉପସ୍ଥାପନ କରିବା ସହ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ।

# ରାଣା ପ୍ରତାପ ସ୍କୁଲ ନୂତନ ପରିଚାଳନା କମିଟି

**ବରଗଡ଼, ୨୦।୭ (ସମିସ):** ରାଣା ପ୍ରତାପ ହାଇସ୍କୁଲ ନୂତନ ପରିଚାଳନା କମିଟି ଗଠିତ ହୋଇ ଯାଇଛି । ଅଧ୍ୟକ୍ଷ ଭାବେ ଆଲୋକ ପାଇକ ଓ ପୂଜାରାଣୀ ବୁଡେକ୍ ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସରକାରଙ୍କ ଗାଇଡ ଲାଇନ୍ ଅନୁସାରେ ଅଭିଭାବକ ଅଭିଭାବିକା ଙ୍କ ମଧ୍ୟରୁ ୧୫ ଜଣ ସଦସ୍ୟ ମନୋନୀତ ହୋଇଥିଲେ । ପଦ ପ୍ରମୁଖ ବଳରେ ସ୍ଥାନୀୟ କାଉନସିଲର ବେଦମତି ସେଟ୍ ଆଶାକର୍ମୀ ସଂଯୁକ୍ତା କୁମ୍ଭାର, ଅଙ୍ଗନବାଡ଼ି ବିନୋଦିନୀ ପାଣ୍ଡେ, ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଓ ସଚିବ ସଦସ୍ୟ ଭାବେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଙ୍କ ସମେତ ୨୦ ଜଣ ରହିଛନ୍ତି । ଏହି ଅବସର ରେ ଦୁଇ ଟି ଉପ କମିଟି ମଧ୍ୟ ଗଠିତ ହୋଇଛି ।ବିଦ୍ୟାଳୟ ଶିକ୍ଷା କମିଟି ଓ ବିଦ୍ୟାଳୟ ନିର୍ମାଣ କମିଟି ମଧ୍ୟ ଗଠିତ ହୋଇ ଯାଇଛି ।

# ଦହିତା ହାଇସ୍କୁଲରେ ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨୦।୭ (ସମିସ):** ସ୍ଥାନୀୟ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିତାଠାରେ ସ୍କୁଲ ଚେୟାରମ୍ୟାନ୍ ଉପେନ୍ଦ୍ର ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ସମାରୋହରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନା, ଅତିଥି ଭାବରେ ଯୋଗଦେଇ ଗ୍ରାମମୁଖ୍ୟ ସରୋଜ ପାଣିଗ୍ରାହୀ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ମକରଧ୍ୱଜ ବଗାର, ନୂତନ ଅଧ୍ୟକ୍ଷ କଳ୍ପତରୁ ସାହୁ ବିଦାୟୀ ଚେୟାରମ୍ୟାନଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ । ନୂତନ ସଭ୍ୟମାନେ କିପରି କାର୍ଯ୍ୟକରିବେ ସେ ଉପରେ ମତ ରଖିଥିଲେ କରୁଣାକର ଭୋଇ ଓ ସନାତନ ସାହୁ ।



# ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା



**ବରପାଲି, ୨୦।୭ (ସମିସ):** ବରଗଡ଼ ବ୍ଲକ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ବରଗଡ଼ ବ୍ଲକ ଆୟୋଜନ ସମିତି ପକ୍ଷରୁ ଏକ ବୈଠକ ହୋଇଯାଇଛି । ଅମ୍ବାପାଲି ସମଲେଶ୍ୱରୀ ମନ୍ଦିର ମଣ୍ଡପ ପରିସରରେ ମୋହନ ଲାଲ କୁମୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଗୋଣ୍ଡ ସମାଜ ଆରାଧଦେବ ଶ୍ରୀ ବୁଢ଼ା ଦେଓ ଓ ମା' ସମଲେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା ପୂଜକ ଦୂଷ୍ମନ୍ତ ଭୋଇଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଗୋଣ୍ଡ ସମାଜକୁ ଏକତ୍ରିତ କରିବା ପାଇଁ ବରଗଡ଼ ସର୍କଲ ଆୟୋଜନ ସମିତି ଗଠିତ ହେବା ପରେ ବରଗଡ଼ ବ୍ଲକର କମିଟି ଗଠନ ସହ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ପରେ ମନୋନିତ ଉଭୟ ବ୍ଲକ ଓ ସର୍କଲ କମିଟି ସଦସ୍ୟମାନଙ୍କୁ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଏବିଜିଜିଏମ ଜିଲ୍ଲା ସଭାପତି ଭାଗିରଥି ସିଂହ, ମହାସଚିବ ଧନେଶ୍ୱର ସିଂହ, ଉପ ସଭାପତି ନରେଶ ଧରୁଆ, ସଚିବ ସୁରେନ୍ଦ୍ର ଧରୁଆ, ହିରଣ୍ୟ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ କର୍ମକର୍ତ୍ତା କମିଟିର ଜୟଲାଲ ଭୋଇ ସଭାପତି, ସୁରେଖା ଧରୁଆ ଉପ ସଭାପତି, ଆନନ୍ଦ ଦାଉ ସମ୍ପାଦକ, ମଞ୍ଜୁଲତା ସିଦାର ସଚିବ, ଗମହୀର ମରେଇ କୋଷାଧକ୍ଷ, ନୀଳାମ୍ବର ଗଣ୍ଡ ପ୍ରଚାର ସଚିବ, ଶ୍ରୀକୃଷ୍ଣ ଧରୁଆ ସଭ୍ୟ ଭାବେ ସନ୍ତୋଷ ପୁଟା ଲକ୍ଷ୍ମଣ ଭୋଇ ଶ୍ରୀମତୀ ଉଦିଆ ସିଂହ, ସୁନିତା ଦାଉ, ନୂତନ ସର୍କଲ କମିଟି ସଦସ୍ୟ ଭାବରେ ନନ୍ଦକିଶୋର ଧରୁଆ ସଭାପତି, ଶ୍ରୀମତୀ ବିନୋଦିନୀ ଭୋଇ ଉପ ସଭାପତି, ଦୂଷ୍ମନ୍ତ ଭୋଇ ସମ୍ପାଦକ, ବିନୟ ମରେଇ, କୋଷାଧକ୍ଷ -ଦେବରାଜ ଭୋଇ, ପ୍ରଚାର ସଚିବ ଶର୍ମା ଧରୁଆ ସହ ସଭ୍ୟ ଭାବେ ସଞ୍ଜୟ କୁମାର ଭୋଇ, ସଚିବ ବାସୁଦେବ ଧରୁଆ, ବଳିଷ୍ଠ ନେଟି, ମମତା ଧରୁଆ, ପୁଷ୍ପାଞ୍ଜଳି ଭୋଇ ପ୍ରମୁଖ ମନୋନିତ ହୋଇଥିଲେ ।

# ଆଞ୍ଚଳିକ କିଷାନ ମହାବିଦ୍ୟାଳୟରେ ବନ ମହୋତ୍ସବ

**ଭେଡେନ, ୨୦।୭ (ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଆମ ଗୌରବ ଆମ କଲେଜ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ଅଧ୍ୟକ୍ଷ ବିନୋଦ ବିହାରୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟପକ ଭୀଷ୍ମଦେବ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ଓ ରାସ୍ତା କଡରେ ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ସହଯୋଗ କରିଥିଲେ ।




# ତହସିଲ କାର୍ଯ୍ୟାଳୟ ଘେରିଲା ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି

**ଅମ୍ବାଭୋନା, ୨୦।୭ (ସମିସ)**

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ହୀରାକୁଦ ଜଳଭଣ୍ଡାର ପ୍ରଭାବିତ ୩୪ଟି ଗ୍ରାମର ବିସ୍ଥାପିତ ପରିବାରଙ୍କ ବିଭିନ୍ନ ଦାବି ପୂରଣ ଦାବିରେ ସୋମବାର ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ପକ୍ଷରୁ ଅମ୍ବାଭୋନା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଶତାଧିକ ବିସ୍ଥାପିତ ଏକ ବିଶାଳ ଶୋଭାଯାତ୍ରାରେ ଆସି ତହସିଲଦାରଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।



୧୯୫୭ ମସିହାର ଜମି ଅଧିଗ୍ରହଣ ବିଜ୍ଞପ୍ତି ଅନୁଯାୟୀ କୁରୁମକେଲ, ଭୂତୁଲି, ଗୋବିନ୍ଦପୁର, ତାମଦେଇ, ଜରିମୁଲି, ଲାଉନସରା, ଡୁଙ୍ଗୁରି, ସଉନ୍ତାମାଲ, ବଡ଼ମାଲ, ବେହେରା ସମେତ ୩୪ଟି ଗ୍ରାମ ମଧ୍ୟରୁ ୧୧ଟି ଗ୍ରାମ ସମ୍ପୂର୍ଣ୍ଣ ଏବଂ ୨୩ଟି ଗ୍ରାମ ଆଂଶିକ ଭାବେ ଜଳମଗ୍ନ ହୋଇଥିଲା । କିନ୍ତୁ ସାତ ଦଶନ୍ଧି ବିତିଯାଇଥିଲେ ମଧ୍ୟ ବହୁ ବିସ୍ଥାପିତ ପରିବାର ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି ।ସମିତିର ସଭାପତି ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଗତ ୨୯ ଜାନୁଆରୀ ୨୦୨୬ରେ ଏକ ପ୍ରତିନିଧି ଦଳ ତହସିଲଦାର ରଘୁନାଥ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ । ଓଡ଼ିଶା ସରକାରଙ୍କ ୩୦ ଜାନୁଆରୀ ୨୦୨୨ର ଆଦେଶ ଅନୁଯାୟୀ ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ୧୦ ଡିସିମିଲ ଘରଡିହ ଜମି ଓ ୨୨ ଜାନୁଆରୀ ୨୦୧୪ର ଆଦେଶ ଅନୁସାରେ ବିସ୍ଥାପିତ ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଦୁଇ ମାସ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ମିଳିଥିଲେ ମଧ୍ୟ ଛଅ ମାସ ପରେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନର ପଥ ବାଛିଥିବା ସମିତି କହିଛି ।

ଦାବିପତ୍ରରେ ସମସ୍ତ ବିସ୍ଥାପିତଙ୍କୁ ୧୦ ଡିସିମିଲ ଘରଡିହ ଜମି, ବିସ୍ଥାପିତ ପ୍ରମାଣପତ୍ର ଏବଂ ବର୍ତ୍ତମାନ ବସବାସ କରୁଥିବା ଗ୍ରାମରେ ହୀରାକୁଦ ଜଳଭଣ୍ଡାର ଅଧୀନ ଜମିରୁ ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି ।

ଦାବିପତ୍ର ପ୍ରଦାନ ବେଳେ ଅରକ୍ଷିତ ବାଗ, ଧନୀରାମ ସିଦାର, ଗଜେନ୍ଦ୍ର ବାଗ, ସାଧୁ ମାଝୀ, ଜଗଦିଶ ସେଠ, ଶ୍ରୀବତ୍ସ ପ୍ରଧାନ, ସୁଶାନ୍ତ ତାଜେନ, ବ୍ରଜବିହାରୀ ବର୍ଗତ୍ତି, ନୀର ଧରାଇ, ଧରଣୀଧର ପ୍ରଧାନ, ଉପେନ୍ଦ୍ର ପଧାନ, କୈଳାଶ ଛଛାନ, ରାଧେଶ୍ୟାମ ଭୈସାଲ, ମଧୁସୂଦନ ରକ୍ସା ଓ ଜୟରାମ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅମ୍ବାଭୋନା ଆଇଆଇସି ସୌରଭ ଭୋଇ, ରାଜସ୍ୱ ସୁପରଭାଇଜର କ୍ଷୀରେଶ୍ୱର ନାୟକଙ୍କ ସହ ଆର୍ମଡ୍ ଫୋର୍ସ ଓ ଓଏସଏସଏଫ୍ ଯବାନ ମୁତୟନ ହୋଇଥିଲେ । ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଦାବିଗୁଡ଼ିକ ଶୀଘ୍ର ପୂରଣ ନ ହେଲେ ଆସନ୍ତା ମାସରୁ ପରିବାର ସହ ଅମ୍ବାଭୋନା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣାରେ ବସିବେ ।

# ଓଷ୍ଟା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କନ୍‌ଭେନସନ୍




**ବରପାଲି, ୨୦।୭ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଗଠନ (ଓଷ୍ଟା) ବରଗଡ଼ ଦ୍ୱାରା ପ୍ରାୟୋଜିତ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଦ୍ୱାରା ଜିଲ୍ଲାସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କନଭେନ୍‌ସନରେ ଓଷ୍ଟା ବରଗଡ଼ ଜିଲ୍ଲା ଉପସଭାପତି ରୁଦ୍ରଦେବ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ତଥା ସମନ୍ୱୟ ସମିତି ଆବାହକ ସଞ୍ଜୟ କୁମାର ସିଂ ସ୍ୱାଗତ ତଥା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାରେ ଉପସ୍ଥିତ ଥିବା ମୁଖ୍ୟ ଅତିଥି ରଞ୍ଜନ କୁମାର ଦାଶ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ତିବ୍ର ସମାଲୋଚନା କରିଥିଲେ । ଉପସ୍ଥିତ ଥିବା ରାଜ୍ୟକାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ରାଜ୍ୟ ସହ ସମ୍ପାଦକ ଆଶୁତୋଷ ରଥ, ବରିଷ୍ଠ ଶିକ୍ଷକ ନେତା ମଧୁସୂଦନ ଦେ, ସୁରେଶ ଦାଶ, ରାଜେନ୍ଦ୍ର ଚଏନି ଆଦି ଶିକ୍ଷକ ତଥା ଶିକ୍ଷକମାନଙ୍କର ସମସ୍ୟା ଉପରେ ଆଲୋକପାତ କରି ଆଗାମୀ ଆନ୍ଦୋଳନକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ ଶିକ୍ଷକ ସମାଜକୁ ସେମାନଙ୍କର ସାଂଗଠନିକ ଶକ୍ତିକୁ ସରକାରଙ୍କ ବିରୁଦ୍ଧରେ ପ୍ରୟୋଗ କରିବାପାଇଁ ଆହ୍ୱା ।ନ ଦେଇଥିଲେ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୬.୨୮ • ପାଉଣ୍ଡ ୧୨୯.୭୦
- ୟୁରୋ ୧୦୦.୧୭ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୧,୫୦୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୭୦୮.୫୨
- ନିଫ୍ଟି ୨୪,୨୩୮.୫୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## କର୍ପୋରେଟ ଉତ୍ତରଦାୟିତ୍ୱ

# ବର୍ଷକରେ ଖର୍ଚ୍ଚ ୪୦୭ ୯୪ କୋଟି

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):




ଦେଶର କର୍ପୋରେଟ୍ କ୍ଷେତ୍ର ସାମାଜିକ ଉନ୍ନୟନ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଏକ ନୂତନ ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ କମ୍ପାନୀମାନଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ଖର୍ଚ୍ଚ ୧୭ ପ୍ରତିଶତ ବୃଦ୍ଧି ପାଇ ୪୦,୭ ୯୪ କୋଟି ଟଙ୍କାରେ ପହଞ୍ଚିଛି।

କମ୍ପାନୀ ଆଇନ ୨୦୧୩ ଅନୁଯାୟୀ ନିର୍ଦ୍ଦିଷ୍ଟ ଆର୍ଥିକ ମାନଦଣ୍ଡ ପୂରଣ କରୁଥିବା କମ୍ପାନୀମାନେ ନିଜର ପୂର୍ବତନ ତିନି ବର୍ଷର ହାରାହାରି ନିଟ୍ ଲାଭର ଅତି କମରେ ୨ ପ୍ରତିଶତ ସିଏସ୍ଆର୍ କାର୍ଯ୍ୟକ୍ରମରେ ବ୍ୟୟ କରିବାକୁ ବାଧ୍ୟ। ଏହି ବ୍ୟବସ୍ଥା ପରେ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ପରିବେଶ ସଂରକ୍ଷଣ, ପାନୀୟ ଜଳ, ମହିଳା ସଶକ୍ତିକରଣ, ଗ୍ରାମୀଣ ବିକାଶ ଓ ସ୍ୱଚ୍ଛତା ଭଳି କ୍ଷେତ୍ରରେ କର୍ପୋରେଟ୍ ନିବେଶ ବଢ଼ିଛି। ରିପୋର୍ଟ ଅନୁଯାୟୀ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ସିଏସ୍ଆର୍ ପାଣ୍ଠିର ସର୍ବାଧିକ ଅଂଶ ପାଇଛି। ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି, ଡିଜିଟାଲ୍ ଶିକ୍ଷା, ଛାତ୍ରବୃତ୍ତି, ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା, ମୋବାଇଲ୍ ମେଡିକାଲ୍ ୟୁନିଟ୍, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ ଏବଂ ରୋଗ ନିରାକରଣ ପ୍ରକଳ୍ପରେ ବହୁ ଅର୍ଥ ବ୍ୟୟ ହୋଇଛି।

ଏହାସହ ପରିବେଶ ସଂରକ୍ଷଣ, ବୃକ୍ଷରୋପଣ, ଜଳ ସଂରକ୍ଷଣ, ନବୀକରଣଯୋଗ୍ୟ ଶକ୍ତି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ଭଳି କାର୍ଯ୍ୟକ୍ରମରେ ମଧ୍ୟ ଖର୍ଚ୍ଚ ବଢ଼ିଛି। ଦକ୍ଷତା ବିକାଶ ଓ ରୋଜଗାରମୁଖୀ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ମାଧ୍ୟମରେ ଯୁବପିଢ଼ିଙ୍କୁ ଆତ୍ମନିର୍ଭର କରିବାକୁ କମ୍ପାନୀମାନେ ଗୁରୁତ୍ୱ ଦେଇଛନ୍ତି। ବିଶେଷଜ୍ଞମାନଙ୍କ ମତରେ, ଦେଶର ଅର୍ଥନୀତିର ଅଭିବୃଦ୍ଧି, କମ୍ପାନୀମାନଙ୍କର ଲାଭ ବୃଦ୍ଧି ଏବଂ ସାମାଜିକ ଦାୟିତ୍ୱ ପ୍ରତି ବଢ଼ୁଥିବା ସଚେତନତା ଯୋଗୁଁ ସିଏସ୍ଆର୍ ବ୍ୟୟରେ ଏହି ବୃଦ୍ଧି ଘଟିଛି। ଆଗାମୀ ଦିନରେ ଇଓ, ଡିଜିଟାଲ୍ ଶିକ୍ଷା, ଗ୍ରୀନ୍ ଏନର୍ଜି, ଜଳ ସଂରକ୍ଷଣ ଏବଂ ଗ୍ରାମୀଣ ଉଦ୍ୟୋଗକରଣ ଭଳି କ୍ଷେତ୍ରରେ ସିଏସ୍ଆର୍ ନିବେଶ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି।

# ୪୮୭ ପଏଣ୍ଟ ଖସିଲା ସେନସେକ୍ସ

ମୁମ୍ବାଇ, ୨୦।୭ (ଏଜେନ୍ସି): ବିଶ୍ୱ ବଜାରରେ ଅଶୋଧିତ ତୈଳ (କ୍ରୁଡ୍ ଅଏଲ) ଦର ବୃଦ୍ଧି ଓ ବିଶ୍ୱସ୍ତରୀୟ ଅନିଶ୍ଚିତତାର ପ୍ରଭାବ ସୋମବାର ଭାରତୀୟ ସେୟାର ବଜାରରେ ପଡ଼ିଛି। କାରବାର ଆରମ୍ଭ ହେବା ମାତ୍ରେ ବିକ୍ରିର ଚାପ ବଢ଼ିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ପ୍ରାୟ ୪୮୭ ପଏଣ୍ଟ ଖସିଯାଇଥିଲା।




ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୦ ମଧ୍ୟ ୨୪,୨୫୦ ଅଙ୍କ ତଳକୁ ହ୍ରାସ ପାଇଛି।

ପ୍ରାରମ୍ଭିକ କାରବାରରେ ଆଇଟି କ୍ଷେତ୍ର କିଛିଟା ସ୍ଥିର ରହିଥିଲେ ମଧ୍ୟ ବ୍ୟାଙ୍କିଙ୍ଗ, ଧାତବ ଓ ଅଟୋ ସେୟାରରେ ଅଧିକ ଚାପ ଦେଖାଯାଇଥିଲା। ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ସତର୍କ ଆଭିମୁଖ୍ୟ ଏବଂ ବିଶ୍ୱ ବଜାରରେ ବଢ଼ୁଥିବା ଅନିଶ୍ଚିତତା ମଧ୍ୟ ବଜାରର ମନୋଭାବକୁ ଦୁର୍ବଳ କରିଛି। ଯଦି ଅଶୋଧିତ ତୈଳ ଦର ଦୀର୍ଘ ସମୟ ଧରି ଉଚ୍ଚ ସ୍ତରରେ ରହେ, ତେବେ ମୁଦ୍ରାସ୍ଫୀତି, ଟଙ୍କାର ବିନିମୟ ମୂଲ୍ୟ ଓ କର୍ପୋରେଟ୍ ଲାଭ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଏହାର ପରିଣାମ ସ୍ୱରୂପ ଆଗାମୀ ଦିନରେ ଭାରତୀୟ ସେୟାର ବଜାରରେ ଅସ୍ଥିରତା ଜାରି ରହିପାରେ ବୋଲି କୁହାଯାଉଛି।

# ଆକ୍ସିସ୍, କୋଟାକ ଓ ୟେସ୍ ବ୍ୟାଙ୍କର ବିପୁଳ ଲାଭ

ମୁମ୍ବାଇ, ୨୦।୭ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲ-ଜୁନ୍) ଫଳାଫଳରେ ଦେଶର ପ୍ରମୁଖ ଘରୋଇ ବ୍ୟାଙ୍କଗୁଡ଼ିକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଋଣ ବଣ୍ଟନ ବୃଦ୍ଧି, ସୁଧ ଆୟରେ ଉନ୍ନତି ଓ ସମ୍ପତ୍ତି ଗୁଣବତ୍ତାର ସୁଧାର ଯୋଗୁଁ ଆକ୍ସିସ୍ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ୟେସ୍ ବ୍ୟାଙ୍କର ନିଟ୍ ଲାଭରେ ଦୁଇ ଅଙ୍କ ବୃଦ୍ଧି ଦେଖାଯାଇଛି। ଆକ୍ସିସ୍ ବ୍ୟାଙ୍କ ପ୍ରଥମ ତ୍ରୟମାସିକରେ ୨୩ ପ୍ରତିଶତ ସହ ୭,୧୧୪ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି। ବ୍ୟାଙ୍କର ଋଣ ବଣ୍ଟନ ଓ ଖୁଚୁରା ବ୍ୟାଙ୍କିଙ୍ଗ ବ୍ୟବସାୟର ସୁଦୃଢ଼ ପ୍ରଦର୍ଶନ ଏହି ବୃଦ୍ଧିର ପ୍ରମୁଖ କାରଣ ବୋଲି କମ୍ପାନୀ କହିଛି। ସେହିପରି କୋଟାକ ମହିନ୍ଦ୍ରା ବ୍ୟାଙ୍କର ନିଟ୍ ଲାଭ ୨୬ ପ୍ରତିଶତ ବୃଦ୍ଧି ପାଇ ୪,୧୨୩ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ୟେସ୍ ବ୍ୟାଙ୍କ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛି। ବ୍ୟାଙ୍କର ନିଟ୍ ଲାଭ ୩୩.୪ ପ୍ରତିଶତ ବୃଦ୍ଧି ପାଇଛି। ଗତ କିଛି ବର୍ଷ ଧରି ସମ୍ପତ୍ତି ଗୁଣବତ୍ତାର ସୁଧାର, ଖରାପ ଋଣ ହ୍ରାସ ଏବଂ ବ୍ୟବସାୟ ବିସ୍ତାର ଯୋଗୁଁ ବ୍ୟାଙ୍କର ଆର୍ଥିକ ପ୍ରଦର୍ଶନ କ୍ରମାଗତ ଭାବେ ସୁଧାରିଛି। ବଜାର ବିଶେଷଜ୍ଞଙ୍କ ମତରେ ବେସରକାରୀ ବ୍ୟାଙ୍କଗୁଡ଼ିକର ଏହି ଦମଦାର ଫଳାଫଳ ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରର ସୁଦୃଢ଼ ଭିତ୍ତିକୁ ପ୍ରତିଫଳିତ କରୁଛି। ଋଣ ଚାହିଦା ବଢ଼ିବା, ଡିଜିଟାଲ୍ ବ୍ୟାଙ୍କିଂର ବିସ୍ତାର ଏବଂ ସ୍ଥିର ଅର୍ଥନୈତିକ କାର୍ଯ୍ୟକଳାପ ଆଗାମୀ ତ୍ରୟମାସିକରେ ମଧ୍ୟ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି।

# ଭାରତରେ ୧୩ ବିଲିୟନ୍ ଡଲାର ନିବେଶ କରିବ ଆମାଜନ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଭାରତକୁ ନିଜର ଅନ୍ୟତମ ପ୍ରମୁଖ ବଜାର ଭାବେ ଦେଖୁଥିବା ବିଶ୍ୱର ଅଗ୍ରଣୀ ଇ-କମର୍ସ ଓ ପ୍ରଯୁକ୍ତି କମ୍ପାନୀ ଆମାଜନ ଦେଶରେ ଆଉ ୧୩ ବିଲିୟନ୍ ଆମେରିକୀୟ ଡଲାର (ପ୍ରାୟ ୧.୧ ଲକ୍ଷ କୋଟି) ନିବେଶ କରିବାକୁ ଘୋଷଣା କରିଛି। ଏହି ନୂତନ ନିବେଶ ସହ ୨୦୩୦ ସୁଦ୍ଧା ଭାରତରେ ଆମାଜନର ମୋଟ ନିବେଶ ୪୮ ବିଲିୟନ୍ ଡଲାରରେ ପହଞ୍ଚିବ।

କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଏହି ପୁଞ୍ଜିର ବଡ଼ ଅଂଶ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ସେଣ୍ଟର, ଡିଜିଟାଲ୍ ପ୍ରଯୁକ୍ତି ଏବଂ ଇ-କମର୍ସ ଭିତ୍ତିଭୂମି ବିକାଶରେ ବ୍ୟୟ କରାଯିବ। ଏହା ମାଧ୍ୟମରେ ଦେଶର ଡିଜିଟାଲ୍ ଅର୍ଥନୀତିକୁ ଅଧିକ ଶକ୍ତିଶାଳୀ କରିବା ସହ ଷ୍ଟାର୍ଟଅପ୍, କ୍ଷୁଦ୍ର ବ୍ୟବସାୟ ଓ ଡିଜିଟାଲ୍ ସେବା କ୍ଷେତ୍ରକୁ ସହଯୋଗ ମିଳିବ। ଭାରତରେ ଏଆଇ ଭିତ୍ତିକ ସେବାର ଚାହିଦା ଦ୍ରୁତ ଗତିରେ ବଢ଼ୁଥିବାରୁ ନୂତନ କ୍ଲାଉଡ୍




ଭିତ୍ତିଭୂମି ଓ ଅତ୍ୟାଧୁନିକ ଡାଟା ସେଣ୍ଟର ସ୍ଥାପନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହା ଦେଶର ଲକ୍ଷାଧିକ ଡେଭେଲପର୍, ଉଦ୍ୟୋଗ ଏବଂ ସରକାରୀ ସଂସ୍ଥାକୁ ଉନ୍ନତ ପ୍ରଯୁକ୍ତି ସେବା ପ୍ରଦାନ କରିବ। ଏହି ନିବେଶ ଫଳରେ ଦେଶରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ନୂତନ ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ଲଜିଷ୍ଟିକ୍ସ, ସପ୍ଲାଇ ଚେନ୍ ଓ ଡିଜିଟାଲ୍ ବାଣିଜ୍ୟ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ୍ ବଜାର ଓ ଏଆଇ କ୍ଷେତ୍ରର ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଆମାଜନର ଏହି ବୃହତ୍ ନିବେଶ ଘୋଷଣା ଦେଶର ପ୍ରଯୁକ୍ତି ଓ ଇ-କମର୍ସ କ୍ଷେତ୍ରରେ ନୂଆ ଗତି ସୃଷ୍ଟି କରିବ। ଏହା ସହ ଭାରତକୁ ବିଶ୍ୱର ଏକ ପ୍ରମୁଖ ଇଓ ଓ କ୍ଲାଉଡ୍ ହବ୍‌ରେ ପରିଣତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ମନେ କରାଯାଉଛି।

## ବେଦାନ୍ତ ଆଲୁମିନିୟମର 'ପ୍ରକଳ୍ପ ସହଯୋଗ'

# ୫୮ଟି ପରିବାରକୁ ବିବାହ ଓ ମୃତ୍ୟୁ ପରବର୍ତ୍ତୀ ସହାୟତା

ଭୁବନେଶ୍ୱର, ୨୦।୭ (ସମିସ): ବେଦାନ୍ତ ଆଲୁମିନିୟମ ଏହାର 'ପ୍ରକଳ୍ପ ସହଯୋଗ' ମାଧ୍ୟମରେ ଅନ୍ତର୍ଭୁକ୍ତିମୂଳକ ସାମାଜିକ ବିକାଶକୁ ପ୍ରୋତ୍ସାହନ ଦେଇଆସୁଛି। ଏହି ପଦକ୍ଷେପ ମାଧ୍ୟମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପରିବାରମାନଙ୍କୁ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ସମୟୋଚିତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।



ବିବାହ ଏବଂ ମୃତ୍ୟୁ ପରବର୍ତ୍ତୀ ରୀତିନୀତି ପାଇଁ ସହାୟତା ଯୋଗାଇ ଏହି ପଦକ୍ଷେପ ପରିବାରମାନଙ୍କ ଆର୍ଥିକ ବୋଝକୁ ହ୍ରାସ କରିବାରେ ସହାୟକ ହେଉଛି। ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ଲାଞ୍ଜିଗଡ଼ ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ୫୮ଟି ପରିବାର ଏହାର ସୁବିଧା ପାଇଛନ୍ତି। ସେଥିମଧ୍ୟରୁ ୩୭ଟି ପରିବାରକୁ ମୃତ୍ୟୁ ପରବର୍ତ୍ତୀ ସହାୟତା ଏବଂ ୨୧ଟି ପରିବାରକୁ କନ୍ୟା ବିବାହ ସହାୟତା ପ୍ରଦାନ କରାଯାଇଛି। ଆର୍ଥିକ ସଙ୍କଟ ସମୟରେ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରି ଏହି ପ୍ରକଳ୍ପ ଆର୍ଥିକ ଭାବେ ଦୁର୍ବଳ ପରିବାରମାନଙ୍କ ପାଇଁ ଏକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରୁଛି।

ଏ ସମ୍ପର୍କରେ ଭିଏଏମ୍ଏଲ୍ (ଭେଦାନ୍ତ ଆଲୁମିନା ବିଜନେସ୍) ଲାଞ୍ଜିଗଡ଼ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଅର୍ଥପୂର୍ଣ୍ଣ ସାମାଜିକ ବିକାଶ କେବଳ ଭିତ୍ତିଭୂମି ନିର୍ମାଣ କିମ୍ବା ଜୀବିକା ସୃଷ୍ଟିରେ ସୀମିତ ନୁହେଁ, ବରଂ ଲୋକଙ୍କ ଜୀବନର ସବୁଠୁ ଆହ୍ୱାନପୂର୍ଣ୍ଣ ସମୟରେ ସେମାନଙ୍କ ପାଖରେ ଛିଡ଼ା ହେବା ମଧ୍ୟ ଏହାର ଅଂଶ। 'ପ୍ରକଳ୍ପ ସହଯୋଗ' ମାଧ୍ୟମରେ ଆମେ ଯେଉଁଠାରେ ସହାୟତାର ସର୍ବାଧିକ ଆବଶ୍ୟକତା ରହିଛି, ସେଠାରେ ପହଞ୍ଚିବାକୁ ପ୍ରୟାସ କରୁଛୁ। ସେହିପରି ହିତାଧିକାରୀ ପ୍ରେମଲତା ହରିଜନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରକଳ୍ପ ସହଯୋଗ ମୋ ବିବାହ ସମୟରେ ଠିକ୍ ସମୟରେ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ଏହା ମୋ ପରିବାର ଉପରେ ପଡ଼ିଥିବା ଆର୍ଥିକ ବୋଝକୁ ବହୁ ପରିମାଣରେ ହ୍ରାସ କରିଥିଲା ବୋଲି କହିଛନ୍ତି।

# ଫସଲ ବୀମା ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

ଭୁବନେଶ୍ୱର,୨୦।୭ (ସମିସ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ପଞ୍ଜୀକରଣ ଅବଧିକୁ ଚଳିତ ଜୁଲାଇ ୩୧ ପରିବର୍ତ୍ତେ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରଦେଶ କଂଗ୍ରେସ ଦାବି କରିଛି। ଏହି ସମୟ ମଧ୍ୟରେ ରାଜ୍ୟର ୩୦ ଲକ୍ଷରୁ ଅଧିକ ଋଣୀ ଓ ଅଣଋଣୀ ଚାଷୀ ଯେପରି ପଞ୍ଜୀକୃତ ହୋଇପାରିବେ, ସେଥିପାଇଁ ସରକାର ପଦକ୍ଷେପ ନେବାକୁ ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।


ସେ କହିଛନ୍ତି, ଗ୍ରାମ ପଞ୍ଚାୟତକୁ ଏକକ ୟୁନିଟ୍ ଭାବେ ଧରିବା ପରିବର୍ତ୍ତେ ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଫସଲ ବୀମାର ଏକକ ୟୁନିଟ୍ ଭାବେ ଗ୍ରହଣ କରାଯିବା ଉଚିତ। ସେହିପରି ବିଜ୍ଞପ୍ତିଭୁକ୍ତ ୮ଟି ଫସଲ ବ୍ୟତୀତ ଅଧିକ ଅମଳକ୍ଷମ ଅନ୍ୟାନ୍ୟ ଫସଲକୁ ମଧ୍ୟ ବୀମା ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି, ବନ୍ୟା, ବାତ୍ୟା, ମରୁଡ଼ି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହେଲେ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ୁଛନ୍ତି। ତେଣୁ କ୍ରପ୍ କଟିଂ ଓ ସାଟେଲାଇଟ୍ ସର୍ଭେ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରି କ୍ଷତିପୂରଣ ରାଶି ଶୀଘ୍ର ଚାଷୀଙ୍କୁ ପ୍ରଦାନ କରିବା ପାଇଁ ନୀତିଗତ ବ୍ୟବସ୍ଥା କରାଯିବା ଆବଶ୍ୟକ। ଅତୀତରେ ଭାରତ ସରକାର ଜାତୀୟ କୃଷି ବୀମା କମ୍ପାନୀ ମାଧ୍ୟମରେ ଚାଷୀଙ୍କୁ ସହଜରେ ବୀମା କ୍ଷତିପୂରଣ ପ୍ରଦାନ କରୁଥିଲେ। କିନ୍ତୁ ୨୦୧୬ ଖରିଫ ଋତୁଠାରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯିବା ପରେ ଏହି ଯୋଜନାରେ ବିଭିନ୍ନ ତ୍ରୁଟି ଦେଖାଦେଇଛି। ଏହା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା କରିବାରେ ସଫଳ ହୋଇପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

# ୨୦ ବିଲିୟନ୍ ଡଲାର ନିବେଶ କରିବ ବେଦାନ୍ତ

## ଲାଭବାନ ହେବ ଓଡ଼ିଶା, ଝାଡ଼ଖଣ୍ଡ ଓ ରାଜସ୍ଥାନ


ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଭାରତର ଖଣି ଓ ଧାତୁ ଶିଳ୍ପ କ୍ଷେତ୍ରରେ ପୁଣି ଏକ ବଡ଼ ନିବେଶ ନିମନ୍ତେ ଘୋଷଣା କରିଛନ୍ତି ବେଦାନ୍ତ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ବିଶିଷ୍ଟ ଶିଳ୍ପପତି ଅନିଲ ଅଗ୍ରୱାଲ। କମ୍ପାନୀ ଆଗାମୀ ବର୍ଷଗୁଡ଼ିକରେ ୨୦ ବିଲିୟନ୍ ଆମେରିକୀୟ ଡଲାର (ପ୍ରାୟ ୧.୭ ଲକ୍ଷ କୋଟି) ନିବେଶ କରିବ ଏବଂ ଆଲୁମିନିୟମ୍, ଷ୍ଟିଲ୍ ଓ ଜିଙ୍କ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି।



ସେ କହିଛନ୍ତି ଯେ ବିଶ୍ୱ ବଜାରରେ ଧାତବ ଚାହିଦା କ୍ରମାଗତ ଭାବେ ବଢ଼ୁଥିବାରୁ ବେଦାନ୍ତ ନିଜର ଶିଳ୍ପ ଉତ୍ପାଦନକୁ ଶୃଙ୍ଖଳିତ ଭାବେ ବିସ୍ତାର କରିବ। ଏହି ବୃହତ୍ ନିବେଶ ମାଧ୍ୟମରେ ନୂତନ ଉତ୍ପାଦନ କ୍ଷମତା ସୃଷ୍ଟି, ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର ଏବଂ ଖଣିଜ ସମ୍ପଦର ଉନ୍ନତ ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଭାରତକୁ ବିଶ୍ୱର ଏକ ପ୍ରମୁଖ ଧାତୁ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା କମ୍ପାନୀର ଲକ୍ଷ୍ୟ। ଏହି ନିବେଶ ଦ୍ୱାରା ଆଲୁମିନିୟମ୍ ଏବଂ ଜିଙ୍କ ଉତ୍ପାଦନ କ୍ଷମତା ବଢ଼ିବା ସହ ଷ୍ଟିଲ୍ କ୍ଷେତ୍ରରେ ମଧ୍ୟ ନୂଆ ପ୍ରକଳ୍ପ ଆରମ୍ଭ ହେବ। ଏହା ଫଳରେ ଭିତ୍ତିଭୂମି ବିକାଶ, ଅଟୋମୋବାଇଲ୍, ନିର୍ମାଣ ଓ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରକୁ ଆବଶ୍ୟକ କଞ୍ଚାମାଲ ଯୋଗାଣ ଅଧିକ ସୁଦୃଢ଼ ହେବ।

ଶିଳ୍ପ ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ବେଦାନ୍ତର ଏହି ନିବେଶ ଭାରତର ଉତ୍ପାଦନ କ୍ଷେତ୍ରକୁ ନୂଆ ଗତି ଦେବା ସହ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ମଧ୍ୟ ଶକ୍ତିଶାଳୀ କରିବ। ଏହା ଦ୍ୱାରା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ଦେଶର ରପ୍ତାନି କ୍ଷମତା ବୃଦ୍ଧି ପାଇବ। ବିଶେଷକରି ଓଡ଼ିଶା, ରାଜସ୍ଥାନ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକରେ ଏହି ନିବେଶର ପ୍ରଭାବ ଅଧିକ ପଡ଼ିବ ବୋଲି ଆଶା କରାଯାଉଛି। ଶିଳ୍ପ ବିଶେଷଜ୍ଞଙ୍କ ମତରେ, ଏହି ପଦକ୍ଷେପ ଭାରତର ଧାତୁ ଶିଳ୍ପକୁ ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗିତାମୂଳକ କରିବ।


# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭିଡାର ବାଲୁକା କଳା




ଭୁବନେଶ୍ୱର, ୨୦।୭ (ସମିସ): ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ହିରୋ ମୋଟୋକର୍ପ ପରିଚାଳିତ ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ଯାନ (ଇଭି) ବ୍ରାଣ୍ଡ ଭିଡା ପକ୍ଷରୁ ପୁରୀ ବେଳାଭୂମିରେ ଏକ ବିଶାଳ ବାଲୁକା କଳାକୃତି ପ୍ରଦର୍ଶିତ ହୋଇଥିଲା। ଏଥିରେ ରଥ ସହ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଆକର୍ଷଣୀୟ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହି ବାଲୁକା କଳାକୃତି ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ ପ୍ରଦର୍ଶନ କରିବା ସହ ରଥଯାତ୍ରାକୁ ଆସିଥିବା ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି କଳାକୃତିରେ ଭିଡାର ନୂତନ ଭି.ଏକ୍ସ-୨ ଇଲେକ୍ଟ୍ରିକ୍ ସ୍କୁଟରର ଝଲକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ରାତ୍ରି ସମୟରେ ଭିଡାର ପୋର୍ଟେବଲ୍ ବ୍ୟାଟେରି ସାହାଯ୍ୟରେ ସମ୍ପୂର୍ଣ୍ଣ ବାଲୁକା କଳାକୃତିକୁ ଆଲୋକିତ କରାଯାଇଥିଲା। ଏହା ଭିଡାର ପୋର୍ଟେବଲ୍ ବ୍ୟାଟେରିର ଦୀର୍ଘସ୍ଥାୟୀ କ୍ଷମତା ଓ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲା।

# ଦେଶର ୧.୧୪ ଲକ୍ଷ ସ୍ୱୀକୃତ ଷ୍ଟାର୍ଟଅପ୍‌ରେ ୧୨ ଲକ୍ଷ ନିଯୁକ୍ତି

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଦେଶରେ ଷ୍ଟାର୍ଟଅପ୍ ପରିବେଶ ଦ୍ରୁତ ଗତିରେ ବିକଶିତ ହେଉଥିବାବେଳେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଉତ୍ସାହଜନକ ତଥ୍ୟ ପ୍ରକାଶ ପାଇଛି। ମନ୍ତ୍ରଣାଳୟ ଅନୁସାରେ ଭାରତରେ ସ୍ୱୀକୃତିପ୍ରାପ୍ତ ୧.୧୪ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏପର୍ଯ୍ୟନ୍ତ ୧୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି କରିବାରେ ସଫଳ ହୋଇଛି।




ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁସାରେ 'ଷ୍ଟାର୍ଟଅପ୍ ଇଣ୍ଡିଆ' ଅଭିଯାନ ଆରମ୍ଭ ହେବା ପରଠାରୁ ଦେଶରେ ନବସୃଜନ, ଉଦ୍ୟୋଗୀକରଣ ଏବଂ ପ୍ରଯୁକ୍ତିଭିତ୍ତିକ ବ୍ୟବସାୟକୁ ବ୍ୟାପକ ପ୍ରୋତ୍ସାହନ ମିଳିଛି। ଏହାର ପରିଣାମ ସ୍ୱରୂପ ସୂଚନା ପ୍ରଯୁକ୍ତି, ଫିନ୍‌ଟେକ୍, ଇ-କମର୍ସ, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଏବଂ ମାନୁଫାକ୍ଚରିଂ ସମେତ ବିଭିନ୍ନ କ୍ଷେତ୍ରରେ ହଜାର ହଜାର ନୂତନ କମ୍ପାନୀ ଗଢ଼ିଉଠିଛି। ଷ୍ଟାର୍ଟଅପ୍‌ଗୁଡ଼ିକ କେବଳ ରୋଜଗାର ସୃଷ୍ଟି କରୁନାହାନ୍ତି, ବରଂ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଡିଜିଟାଲ୍ ପରିବର୍ତ୍ତନ ଏବଂ ନବସୃଜନକୁ ମଧ୍ୟ ନୂଆ ଦିଗ ଦେଉଛନ୍ତି। କେନ୍ଦ୍ର ସରକାର ବିଭିନ୍ନ କର ରିହାତି, ପାଣ୍ଠି ସହାୟତା, ସହଜ ବ୍ୟବସାୟ ନିୟମ ଏବଂ ଉଦ୍ୟୋଗୀଙ୍କ ପାଇଁ ଅନୁକୂଳ ନୀତି ମାଧ୍ୟମରେ ଏହି କ୍ଷେତ୍ରକୁ ସମର୍ଥନ ଜାରି ରଖିଛନ୍ତି।

ବିଶେଷଜ୍ଞମାନଙ୍କ ମତରେ ଭାରତ ବର୍ତ୍ତମାନ ବିଶ୍ୱର ଅନ୍ୟତମ ବଡ଼ ଷ୍ଟାର୍ଟଅପ୍ ପରିବେଶରେ ପରିଣତ ହୋଇଛି। ଆଗାମୀ ବର୍ଷଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଗ୍ରୀନ୍ ଟେକ୍ନୋଲୋଜି, ଡିପ୍‌ଟେକ୍ ଏବଂ ସେମିକଣ୍ଡକ୍ଟର ଭଳି କ୍ଷେତ୍ରରେ ନୂତନ ଷ୍ଟାର୍ଟଅପ୍‌ର ସଂଖ୍ୟା ଆହୁରି ବଢ଼ିବା ସହ ଦେଶରେ ରୋଜଗାର ସୁଯୋଗ ଅଧିକ ବ୍ୟାପକ ହେବ ବୋଲି ଆଶା କରାଯାଉଛି।

## ଶ୍ରୀଲଙ୍କା ସହ କର ଚୁକ୍ତିରେ ସଂଶୋଧନ

# ଡିଜେଲ ଓ ବିମାନ ଇନ୍ଧନ ଟିକସରେ ବୃଦ୍ଧି

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଭାରତ ସରକାର ଶ୍ରୀଲଙ୍କା ସହ ଥିବା ଦ୍ୱିପାକ୍ଷିକ କର ଚୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ହେଉଥିବା ଆର୍ଥିକ କାରବାରରେ ସ୍ୱଚ୍ଛତା ବଢ଼ିବା ସହ କର ଫାଙ୍କି ରୋକିବାରେ ସହାୟକ ହେବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ଏହା ସହିତ କେନ୍ଦ୍ର ସରକାର ଇନ୍ଧନ ରପ୍ତାନି ଶୁଳ୍କରେ ମଧ୍ୟ ପରିବର୍ତ୍ତନ ଘୋଷଣା କରିଛନ୍ତି। ଡିଜେଲ୍ ଓ ଜେଟ୍ ଫ୍ୟୁଏଲ୍ ରପ୍ତାନି ଉପରେ ଲାଗୁଥିବା କର




ବୃଦ୍ଧି କରାଯାଇଥିବାବେଳେ ପେଟ୍ରୋଲ ଉପରେ ଲାଗୁଥିବା ଶୁଳ୍କ ହ୍ରାସ କରାଯାଇଛି। ଆନ୍ତର୍ଜାତିକ ଅଶୋଧିତ ତୈଳ ଦରର ପରିବର୍ତ୍ତନ ଏବଂ ଘରୋଇ ଇନ୍ଧନ ବଜାରର ସନ୍ତୁଳନକୁ ଦୃଷ୍ଟିରେ ରଖି ଏହି ନୂଆ ଶୁଳ୍କ

**ପେଟ୍ରୋଲ ଉପରୁ ହ୍ରାସ ହେଲା ଟିକସ**

ବ୍ୟବସ୍ଥା ଲାଗୁ କରାଯାଇଛି। ଏହା ଦ୍ୱାରା ସରକାରୀ ରାଜସ୍ୱ ବୃଦ୍ଧି ସହ ଦେଶର ଇନ୍ଧନ ଯୋଗାଣ ଓ ମୂଲ୍ୟ ସନ୍ତୁଳନ ବଜାୟ ରଖିବାରେ ସହାୟତା ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ଶ୍ରୀଲଙ୍କା ସହ କର ଚୁକ୍ତିରେ ସଂଶୋଧନ ଦୁଇ ଦେଶ ମଧ୍ୟରେ ବୈଧ ବାଣିଜ୍ୟ ଓ ବିନିଯୋଗକୁ ପ୍ରୋତ୍ସାହନ ଦେବ। ସେହିପରି ଇନ୍ଧନ ରପ୍ତାନି ଶୁଳ୍କରେ ପରିବର୍ତ୍ତନ ତୈଳ କମ୍ପାନୀମାନଙ୍କ ରପ୍ତାନି କୌଶଳ ଏବଂ ସରକାରଙ୍କ ରାଜସ୍ୱ ସଂଗ୍ରହ ଉପରେ ପ୍ରଭାବ ପକାଇପାରେ। ଏହି ଦୁଇଟି ପଦକ୍ଷେପ ଭାରତର ଆର୍ଥିକ ଓ କର ନୀତିକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା।

# ଏମିତି ଏକ ଘର

## ଗୋଟିଏ ଛାତ ତଳେ ରୁହନ୍ତି ୮୦୦ ଲୋକ




ଚୀନର କେତେକ ଗାଁରେ ଅତୀତରେ ଡୋନଟ୍ ଆକାରର ଘର ତିଆରି କରାଯାଉଥିଲା। ଏହି ଘରଗୁଡ଼ିକ ବେଶ୍ ମଜବୁତ ହୋଇଥିବାରୁ ଆଜି ବି ଭୂମିକମ୍ପ, ବର୍ଷା ଏବଂ ବଦଳୁଥିବା ପାଣିପାଗରେ ମଧ୍ୟ ଏହା ସିଧା ହୋଇ ଠିଆ ରହିଛି। ଚୀନ୍‌ର ଏହି ବାସ୍ତୁକଳା ଆଜିବି ପର୍ଯ୍ୟଟକମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏହି ଐତିହାସିକ ଘରଗୁଡ଼ିକୁ ‘ଫୁଜିଆନ ତୁଲୁ’ କୁହାଯାଏ। ଫୁଜିଆନର ଅଞ୍ଚଳରେ ଅବସ୍ଥିତ ବିଶାଳ ମାଟିର ଦୁର୍ଗ ସଦୃଶ ଏହି ବାସଗୃହଗୁଡ଼ିକ ହାକ୍କା ସମ୍ପ୍ରଦାୟର ଲୋକେ ବାହ୍ୟ ଶତ୍ରୁ ଓ ଡକାୟତମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ନିର୍ମାଣ କରିଥିଲେ। ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ପାଇଁ ୨୦୦୮ ମସିହାରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛି। ଏହି ଘରଗୁଡ଼ିକ ପ୍ରାୟତଃ ଗୋଲାକାର କିମ୍ବା ବର୍ଗାକାର ହୋଇଥାଏ। ଏହାର ମଝି ଭାଗଟି ଖୋଲା ଅଗଣା ଭଳି ରହିଥାଏ। ଏହାର ବାହ୍ୟ କାନ୍ଥଗୁଡ଼ିକ ଖୁବ୍ ମୋଟା ଏବଂ ଏଥିରେ କେବଳ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ଥାଏ। ସୁରକ୍ଷା ଦୃଷ୍ଟିରୁ ତଳ ମହଲାରେ କୌଣସି ଝରକା ନ ଥାଏ, କେବଳ ଉପର ମହଲାରେ ଛୋଟ ଛୋଟ ଝରକା ଓ ବନ୍ଧୁକ ଚଳାଇବା ପାଇଁ କଣା ରହିଥାଏ। ଏହା ମାଟି, ବାଉଁଶ, କାଠ ଏବଂ ପଥରରେ ନିର୍ମାଣ ହୋଇଥାଏ। କେବଳ ସେତିକି ନୁହେଁ ଏହା ଭୂମିକମ୍ପ ପ୍ରତିରୋଧୀ ହେବା ସହ ଶୀତ ଦିନେ ଗରମ ଓ ଖରା ଦିନେ ଥଣ୍ଡା ରହିଥାଏ। ଗୋଟିଏ ବିଶାଳକାୟ ତୁଲୁରେ ପ୍ରାୟ ୮୦୦ ଲୋକ ଏକାଠି ରୁହନ୍ତି। ଏହାର ପ୍ରଥମ ମହଲାକୁ ରୋଷେଇ ଘର ଭାବେ ବ୍ୟବହାର କରାଯାଏ। ଦ୍ୱିତୀୟ ମହଲା ଶସ୍ୟ ଏବଂ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଗୋଦାମ ଭାବେ ବ୍ୟବହାର ହୁଏ। ତୃତୀୟ ଓ ଚତୁର୍ଥ ମହଲା ଶୋଇବା ଘର ବା ପରିବାରର ରହିବା ପାଇଁ ବ୍ୟବହାର କରାଯାଏ। ଅଗଣାର ମଝିରେ ପାନୀୟ ଜଳ ପାଇଁ କୂଅ ଏବଂ ସମସ୍ତଙ୍କର ପୂଜା ଅର୍ଚ୍ଚନା ପାଇଁ ଏକ ମୁଖ୍ୟ ମନ୍ଦିର ଥାଏ। ଆଜି ମଧ୍ୟ ଏହି ତୁଲୁଗୁଡ଼ିକରେ ହାକ୍କା ସମ୍ପ୍ରଦାୟର ବୟସ୍କ ଲୋକମାନେ ବସବାସ କରୁଛନ୍ତି। ୧୯୬୦-୮୦ ଦଶକରେ ଶୀତଳ ଯୁଦ୍ଧ ସମୟରେ ଆମେରିକାର ସାଟେଲାଇଟ୍ ଚିତ୍ରରେ ଏହି ଗୋଲାକାର ତୁଲୁଗୁଡ଼ିକୁ ଦେଖି ଆମେରିକା ଗୋଇନ୍ଦା ସଂସ୍ଥା (ସିଆଇଏ) ଏହାକୁ ଚୀନର ଆଣବିକ କ୍ଷେପଣାସ୍ତ୍ର କେନ୍ଦ୍ର ବୋଲି ଭାବି ଭ୍ରମିତ ହୋଇଥିଲା।

# ପୋଷା ବିଲେଇରୁ ମାନସିକ ରୋଗ



ଘରେ ବିଲେଇ ରଖିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି। ବିଲେଇକୁ ଘରେ ରଖିବା ତଥା ଛୁଇଁବା ଦ୍ୱାରା ମାନସିକ ରୋଗ ହେବାର ଆଶଙ୍କା ବଢ଼ିପାରେ। ମୁଖ୍ୟତଃ ବିଲେଇକୁ ଛୁଇଁବା ଦ୍ୱାରା ସିଜୋଫ୍ରେନିଆ ଆଶଙ୍କା ବୃଦ୍ଧି ପାଉଥିବା କୁହାଯାଉଛି। ଅଷ୍ଟ୍ରେଲିଆର କ୍ୱିନସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଅନୁସାରେ, ‘ବିଲେଇ ପାଳିବା ମାନସିକ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅନ୍ୟମାନଙ୍କ ତୁଳନାରେ ବିଲେଇ ସଂସ୍ପର୍ଶରେ ଆସୁଥିବା ଲୋକଙ୍କଠାରେ ସିଜୋଫ୍ରେନିଆ ହେବା ଆଶଙ୍କା ଦ୍ୱିଗୁଣ ଅଧିକ ଥାଏ।’ ୪୪ ବର୍ଷ ଧରି କରାଯାଇଥିବା ଉକ୍ତ ଗବେଷଣାରେ ୧୭ଟି ଅନ୍ୟ ଗବେଷଣାକୁ ମଧ୍ୟ ବିଶ୍ଳେଷଣ କରାଯାଇଥିଲା। ଏହି ଗବେଷଣାରେ ସମୁଦାୟ ୧୧ ଦେଶର ତଥ୍ୟକୁ ସାମିଲ କରାଯାଇଛି। ଗବେଷଣାରେ ଦେଖାଯାଇଛି, ଯେଉଁମାନଙ୍କ ପାଖରେ ବିଲେଇ ଅଛି, ସେମାନଙ୍କଠାରେ ସିଜୋଫ୍ରେନିଆରେ ଆକ୍ରାନ୍ତ ହେବା ଆଶଙ୍କା ଦୁଇଗୁଣ ହୋଇଥାଏ। ତେବେ ସିଜୋଫ୍ରେନିଆ ରୋଗ ଏବଂ ଟୋକ୍ସୋପ୍ଲାଜମା ଗୋଣ୍ଡି ପରଜୀବୀ ମଧ୍ୟରେ ଏକ ସଂଯୋଗ ଦେଖିବାକୁ ମିଳିଛି। ଏହି ପରଜୀବୀ ବିଲେଇ ମଳରୁ ମିଳିଥାଏ। ଟୋକ୍ସୋପ୍ଲାଜମା ପରଜୀବୀ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଏହାର ପ୍ରଭାବ ନ୍ୟୁରୋଟ୍ରାନ୍ସମିଟର (ଡୋପାମିନ) ଏବଂ ଇନଫ୍ଲାମେସନ ଉପରେ ଦେଖିବାକୁ ମିଳିଥାଏ। ଅନ୍ୟପଟେ ସିଜୋଫ୍ରେନିଆ ରୋଗ ଅନେକ କାରଣରୁ ହୋଇଥାଏ। ଚାପ, ବଂଶଗତ ଏବଂ ମସ୍ତିଷ୍କରେ ରାସାୟନ ଅସନ୍ତୁଳନ ହେଲେ ସିଜୋଫ୍ରେନିଆ ରୋଗ ହୋଇପାରେ। ସେହିପରି ବିଲେଇ ପାଳୁଥିଲେ କିଛି ଦିଗ ଉପରେ ଧ୍ୟାନ ଦେବା ଉଚିତ। ଏଇ ଯେମିତି ବିଲେଇ ରହୁଥିବା ସ୍ଥାନକୁ ସଫା କରିବା ପରେ ହାତ ଭଲ ଭାବେ ଧୋଇବା ଉଚିତ। ତା’ସହ ବିଲେଇର ସ୍ୱଚ୍ଛତା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖିବା ଦରକାର।



## ‘ଆୱାରାପନ୍ ୨’

# ଇମ୍ରାନ୍ ନେଇଛନ୍ତି ୧୨ କୋଟି

ବଲିଉଡ୍ ଅଭିନେତା ଇମ୍ରାନ୍ ହାସମୀଙ୍କ ଚଳଚ୍ଚିତ୍ର ‘ଆୱାରାପନ୍ ୨’ ଆସନ୍ତା ୧୪ ଅଗଷ୍ଟରେ ରିଲିଜ୍ ହେବ। ଏହି ଦିନ ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲଙ୍କ ଚଳଚ୍ଚିତ୍ର ‘ବଟୱାରା ୧୯୪୭’ ମଧ୍ୟ ରିଲିଜ୍ ହେଉଛି। ଏହି ଦୁଇଟି ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଅପରପକ୍ଷରେ ‘ଆୱାରାପନ୍ ୨’ର ନିର୍ମାତା ଏହି ଫିଲ୍ମ ମୁକ୍ତିଲାଭ କରିବା ପୂର୍ବରୁ ଦର୍ଶକଙ୍କୁ ଏକ ବଡ଼ ସରପ୍ରାଇଜ୍ ଦେବାକୁ ଯାଉଛନ୍ତି। ଏହାର ମୂଳ ଫିଲ୍ମ ‘ଆୱାରାପନ୍’ ୨୦୦୭ରେ ମୁକ୍ତିଲାଭ କରିଥିଲା। ଏହା ପୁଣି ଥରେ ୩୧ ଜୁଲାଇରେ ସନେମାହଲ୍‌ରେ ରିଲିଜ୍ ହେବ। ଏହି ରୋମାଣ୍ଟିକ୍ କ୍ରାଇମ୍-ଆକ୍ସନ ଚଳଚ୍ଚିତ୍ରର ନିର୍ଦ୍ଦେଶନା ମୋହିତ ସୁରୀ ଦେଇଥିଲେ। ଚଳଚ୍ଚିତ୍ରରେ ଇମ୍ରାନ ହାସ୍‌ମୀଙ୍କ ସହ ଶ୍ରୀୟା ସରନ ନଜର ଆସିଥିଲେ। ଇମ୍ରାନ୍ ଏହି ଚଳଚ୍ଚିତ୍ର ପାଇଁ ପାରିଶ୍ରମିକ ବାବଦରେ ପ୍ରାୟ ୧.୫ କୋଟି ଟଙ୍କା ଫିସ୍ ନେଇଥିଲେ। ଇତିମଧ୍ୟରେ ‘ଆୱାରାପନ୍ ୨’ର ଟିଜର୍ ମୁକ୍ତିଲାଭ କରିସାରିଛି ଏବଂ ଏହାର ଗୀତଗୁଡ଼ିକ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ‘ଆୱାରାପନ୍ ୨’ ପାଇଁ ଇମ୍ରାନ୍ ୧୦ ରୁ ୧୨ କୋଟି ଟଙ୍କା ପାରିଶ୍ରମିକ ବାବଦରେ ନେଇଥିବା ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରରେ ଇମ୍ରାନଙ୍କ ସହ ଦିଶା ପଟାନୀ ମଧ୍ୟ ନଜର ଆସିବେ। ଦିଶା ଏହି ଚଳଚ୍ଚିତ୍ର ପାଇଁ ୫ କୋଟି ଟଙ୍କା ଚାର୍ଜ କରିଛନ୍ତି। ୯ ବର୍ଷ ପୂର୍ବେ ଆସିଥିବା ଇମ୍ରାନ୍‌ଙ୍କ ‘ଆୱାରାପନ୍’ ଫିଲ୍ମ ୧୮ କୋଟି ଟଙ୍କାର ବଜେଟ୍‌ରେ ନିର୍ମାଣ କରାଯାଇଥିଲା ଏବଂ ଏହା ସାରା ବିଶ୍ୱରେ ୧୨.୨୫ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା, କିନ୍ତୁ ସମୟ ସହିତ ଏହା ଲୋକପ୍ରିୟତା ହାସଲ କଲା ଏବଂ ଏହା ଏକ କଲ୍ଟ କ୍ଲାସିକ୍ ଫିଲ୍ମ ପାଲଟିଗଲା। ତେବେ ଏହାର ମୂଳ ଫିଲ୍ମ ଭଳି ‘ଆୱାରାପନ୍ ୨’କୁ ବକ୍ସ ଅଫିସ୍‌ରେ ସଫଳତା ମିଳୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।



# ବର୍ଷାରେ ଫସଲର ଯତ୍ନ

**ଅନ୍ୟଋତୁ ଅପେକ୍ଷା ବର୍ଷାଋତୁରେ ଫସଲର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। କାରଣ ଏହି ଦିନେ ଫସଲରେ ପାଣି ଜମିବା ଯୋଗୁଁ ବିଭିନ୍ନ ରୋଗପୋକ ଲାଗିପାରେ। ତେଣୁ ବର୍ଷାଋତୁରେ ଫସଲକୁ ସୁରକ୍ଷା ପ୍ରଦାନ କରିବାକୁ କିଛି ଗୁରୁତ୍ୱପୂର୍ଣ୍ଣ ଟିପସ୍ ଆପଣାଇ ପାରିବେ।**

**ଜଳନିଷ୍କାସନ:** ଲଗାଣ ବର୍ଷା ଯୋଗୁଁ ଗଛମୂଳେ ଜଳ ଜମି ମୂଳ ଶଢ଼ିଯାଏ। କାଣ୍ଡ ପଚିଯିବା ସହିତ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଗଛମୂଳକୁ ଅମ୍ଳଜାନ ମିଳିପାରେ ନାହିଁ। ଏଥିପାଇଁ ପ୍ରଥମେ ଫସଲରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ।

**ନିରାକରଣ :** ଫସଲରେ ରୋଗ ଚିହ୍ନଟ କରି କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଆବଶ୍ୟକ। କାଣ୍ଡପଚା ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା କପର ଅକ୍ସିକ୍ଲୋରାଇଡ ଅନୁମୋଦିତ ହାରରେ ବ୍ୟବହାର କରାଯାଏ। ଫିଙ୍ଗିଜନିତ ସମସ୍ୟା ପରିଲକ୍ଷିତ ହେଉଥିଲେ, କପର ଅକ୍ସିକ୍ଲୋରାଇଡ୍ ତିନି ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସେହିପରି କୁଣ୍ଡରୁ ଜଳନିଷ୍କାସନ କରିବା ସହ ଅନାବନା ଘାସ ଉପାଡ଼ିବା ଜରୁରି। ମାଟିରୁ ଫିମ୍ପି ସମସ୍ୟା ଦୂର କରିବାକୁ ନୂଆ ମାଟି ସହ ଜୈବିକ ଖତ ମିଶାଇ ପାରିବେ। ମାଟି ନ ଶୁଖିବା ଯାଏଁ ଜଳ ସେଚନ କରିବା ଅନୁଚିତ।

**ସାର ପ୍ରୟୋଗରେ ସତର୍କତା :** ବର୍ଷା ସମୟରେ ଫସଲରେ ମାତ୍ରାଧିକ ଖତ, କୀଟନାଶକ, ସାର, ତୃଣନାଶକ, ଉର୍ବରକ, ନିମ ତେଲ ପ୍ରୟୋଗ କରିବା ଅନୁଚିତ। ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ଏହି ଔଷଧ ବ୍ୟବହାର କରିପାରିବେ। ପୋକ ଆକ୍ରମଣରୁ ସୁରକ୍ଷା ପାଇଁ ନିମ୍ବଜାତୀୟ କୀଟନାଶକ ପ୍ରୟୋଗ କରି ପାରିବେ। ଏହାସହ ଗଛକୁ ଯେପରି ଭଲଭାବେ ସୂର୍ଯ୍ୟକିରଣ ପଡ଼ି ପାରିବ ସେନେଇ ବନ୍ଦୋବସ୍ତ କରିବା ଆବଶ୍ୟକ। ମଝିରେ ମଝିରେ ଗଛର ତଳ ପତ୍ରକୁ କାଟିବା ଦ୍ୱାରା ଗଛ ଭଲ ବଢ଼ିଥାଏ।




## ଜହ୍ନି ଚାଷ

ଜହ୍ନି ଏକ ଲତା ଜାତୀୟ ପନିପରିବା। ଖରାଦିନ ଓ ବର୍ଷାଦିନେ ଜହ୍ନି ଚାଷ ଭଲ ହୋଇଥାଏ। ଏଥିରୁ ଅଧିକ ଅମଳ ପାଇବା ପାଇଁ ଉନ୍ନତ କିସମ ବିହନର ଆବଶ୍ୟକତା ପଡ଼ିଥାଏ। ଚାଷ ପାଇଁ ନିଗିଡ଼ା, ବାଲି ଦୋରସା ମାଟି ସର୍ବୋତ୍ତମ। ଜହ୍ନି ଲଗାଇବା ପାଇଁ ଏକର ପ୍ରତି ୧.୫ କି.ଗ୍ରା ବିହନ ଦରକାର ହୁଏ। ବିହନକୁ ୫ରୁ ୬ଘଣ୍ଟା ବତୁରାଇ ଲଗାଇଲେ ଶୀଘ୍ର ଗଜା ହୁଏ। ବିହନକୁ ଧାଡ଼ିରେ ଲଗାଇବା ସହ ଲତା ମାଡ଼ିବା ପାଇଁ ରଞ୍ଜା କିମ୍ବା ବାଉଁଶର ସାହାଯ୍ୟ ନେବା ଉଚିତ। ୩ରୁ ୪ ଓଡ଼ ଗୁଣ୍ଡ ଚାଷ ହୋଇଥିବା ଜମିରେ ବର୍ଷାଦିନ ପାଇଁ ୧୫ରୁ ୨୦ ସେ.ମି. ଉଚ୍ଚ ମନ୍ଦା କରି ଧାଡ଼ିକୁ ଧାଡ଼ି ୨.୫ ମିଟର ଓ ମନ୍ଦାକୁ ମନ୍ଦା ୧ ମିଟର ଦୂରତାରେ ଖତ, ମୂଳସାର ଓ ଉପର ମାଟି ଦେଇ ୩ରୁ ୪ଟି ବିହନ ଲଗାଯାଏ। ଲଗାଇବା ସମୟରେ ଏକର ପ୍ରତି ୫ରୁ ୮ କ୍ୱିଣ୍ଟାଲ ଖତ, ୧୦ କି.ଗ୍ରା ଯବକ୍ଷାରଜାନ, ୧୬ କି.ଗ୍ରା. ଫସ୍‌ଫରସ୍, ଏବଂ ୧୨ କି.ଗ୍ରା. ପୋଟାସିୟମ ସାର ଦିଆଯାଏ। ଗଛ ଉଠିଲା ପରେ ମନ୍ଦା ପ୍ରତି କେବଳ ୨ଟି ଗଛ ରଖାଯାଏ। ଅଣୁସାରର ଅଭାବ ଦେଖାଦେଲେ ମିଶ୍ରିତ ଅଣୁସାର ୩ ଗ୍ରାମ୍ ଲିଟର ପ୍ରତି ସିଞ୍ଚନ କରାଯାଏ। ବିହନ ଲଗାଇବାର ୪୫ରୁ ୬୦ ଦିନ ମଧ୍ୟରେ ଜହ୍ନି ଅମଳ ହୋଇଥାଏ।



# କୁକୁଡ଼ାଙ୍କ ଯତ୍ନ

**ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଏବଂ ସନ୍ତସନ୍ତିଆ ପରିବେଶ ଯୋଗୁଁ କୁକୁଡ଼ାଙ୍କୁ ବିଭିନ୍ନ ସଂକ୍ରମଣ ଓ ଭୂତାଣୁଜନିତ ରୋଗ ହୋଇଥାଏ। ତେଣୁ ଏହି ସମୟରେ କୁକୁଡ଼ାଙ୍କ ଅଧିକ ଯତ୍ନ ନେବା ଆବଶ୍ୟକ।**

ବର୍ଷାଦିନେ କୁକୁଡ଼ା ଘର ଭିତରେ ଆର୍ଦ୍ରତା ବୃଦ୍ଧି ଏବଂ ସନ୍ତସନ୍ତିଆ ପରିବେଶ ଯୋଗୁଁ ଆମୋନିଆ ଗ୍ୟାସ୍ ସୃଷ୍ଟି ହୁଏ। ଏହି ଗ୍ୟାସ୍ ବଢ଼ି କୁକୁଡ଼ାଙ୍କଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି କରେ। କୁକୁଡ଼ାଙ୍କୁ ସୁରକ୍ଷା ଦେବା ପାଇଁ କୁକୁଡ଼ା ଘରର ଶୁଷ୍କତା, ଉତ୍ତମ ବାୟୁ ଚଳାଚଳ, ପରିଷ୍କାର ପାଣି ଏବଂ ସଠିକ୍ ଟିକାକାରଣ ବ୍ୟବସ୍ଥା କରିବା ଜରୁରି। ଫାର୍ମ ଚାରିପାଖ ସଫା ରଖିବା ସହ ବର୍ଷା ପାଣି କୁକୁଡ଼ାଘର ଭିତରକୁ ଯିବାକୁ ଦିଅନ୍ତୁନି। କୁକୁଡ଼ା ଘର ବିଶୋଧନ କରିବା ସହ ଶୁଖିଲା ଲିଟର ବ୍ୟବହାର କରିବା ଆବଶ୍ୟକ। ସେହିପରି ଦାନାକୁ ଉଚ୍ଚ ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ। ବର୍ଷାଦିନେ ପାଣି ଦୂଷିତ ହୋଇ ରୋଗ ସୃଷ୍ଟି କରୁଥିବାରୁ କୁକୁଡ଼ାଙ୍କୁ ପରିଷ୍କାର ଏବଂ ଫିଲ୍ଟର ପାଣି ପିଇବାକୁ ଦେବା ଉଚିତ। ପିଇବା ପାଣିରେ ବିଶୋଧକ ବ୍ୟବହାର ଜରୁରି। ସତେଜ ଏବଂ ଶୁଷ୍କ ଖାଦ୍ୟ ଦେଇ ପାରିବେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଆବଶ୍ୟକୀୟ ଭିଟାମିନ୍ ଦେବା ଆବଶ୍ୟକ। ରାଣୀକ୍ଷେତ ଏବଂ ଗମ୍ବୋରୋ ଭଳି ରୋଗରୁ ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ସମୟସୂଚୀ ଅନୁଯାୟୀ ଟିକା ଦେବା ଆବଶ୍ୟକ।

# କଖାରୁ ଚାଷ ପାଇଁ ଉନ୍ନତ କିସମ



ବର୍ଷାଦିନିଆ କଖାରୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ସମସ୍ତ ପ୍ରକାର ମାଟିରେ କଖାରୁ ଚାଷ ଭଲ ହୋଇଥାଏ। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଚାଷୀମାନେ ସଙ୍କର କିସମ ବିହନ ବ୍ୟବହାର କରିବା ଆବଶ୍ୟକ।

କଖାରୁର ସଙ୍କର କିସମ ବିହନ ମଧ୍ୟରେ ଇଷ୍ଟ ୱେଷ୍ଟ ୧୩୭, ୧୦ ଗ୍ରାମ୍‌କୁ ୨୦୦ ଟଙ୍କା, ଇଡବ୍ଲ୍ୟୁ ୧୬୯, ୧୦ ଗ୍ରାମ୍‌କୁ ୨୦୦ ଟଙ୍କା ଥିବାବେଳେ ଅର୍ଜୁନ ୧୦ ଗ୍ରାମକୁ ୧୮୦ ଟଙ୍କା, ଭିଏନ୍‌ଆର-୧୧, ୧୦ଗ୍ରାମ୍‌କୁ ୧୨୦ ଟଙ୍କା ଏବଂ ଭିଏନ୍‌ଆର୍ -୧୪, ୧୦ ଗ୍ରାମ୍‌କୁ ୧୧୦ ଟଙ୍କା ମୂଲ୍ୟ ରହିଛି।

# ଭାଗ୍ୟ ବଦଳାଇଲା ଅଦା ଚାଷ

**ଅଧିକାଂଶ ଚାଷୀ ଆଧୁନିକ ଜ୍ଞାନ କୌଶଳ, ଉନ୍ନତ କିସମର ବିହନ ଆଦି ବ୍ୟବହାର କରି ଚାଷକାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ଅଧିକ ଅମଳ ଓ ଲାଭ ମିଳିଥାଏ। ଏହାକୁ ଗୁରୁତ୍ୱ ଦେଇ ଛତିଶଗଡ଼, ସରଗୁଜା ଜିଲ୍ଲା, ଦରିମା ଗାଁର ଅମିତ କୁମାର ସିଂହ ଅଦା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଧାନ ଚାଷରୁ ଅମିତଙ୍କୁ ଭଲ ଲାଭ ନ ମିଳିବାରୁ ସେ କୃଷି ବିଭାଗର ସହାୟତା ନେଇ ଏକ ଏକର ଜମିରେ ଅଦା ଚାଷ କରିଥିଲେ। ଅତ୍ୟାଧୁନିକ ପଦ୍ଧତିରେ ଅଦା ଚାଷ କରିବାକୁ ସେ ପ୍ରଥମେ ପଟାଳି ବନାଇଥିଲେ। ଚାଷ ପାଇଁ ସେ ଉନ୍ନତ କିସମର ବିହନ ଚୟନ, ମାଟି ପରୀକ୍ଷା, ରୋଗ ନିୟନ୍ତ୍ରଣ, ସାର ପ୍ରୟୋଗ ଓ ଠିକ୍ ସମୟରେ ଜଳ ସେଚନକୁ ଗୁରୁତ୍ୱ ଦେଇଥିଲେ। ଉନ୍ନତ କୌଶଳରେ ଚାଷ ଦ୍ୱାରା ଜଳ ନିଷ୍କାସନ ଭଲ ହେବା ସହିତ ଫସଲ ସୁସ୍ଥ ରହିଥାଏ। ଉତ୍ପାଦନ ସହିତ ଗୁଣବତ୍ତା ମଧ୍ୟ ଉନ୍ନତ ହୁଏ। ତେଣୁ ଅମିତ ଏକ ଏକର ଅଦା ଚାଷରୁ ପାଞ୍ଚ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ପ୍ରଥମ ବର୍ଷ ଅଦା ଚାଷରୁ ମିଳିଥିବା ଲାଭ ଦେଖି ସେ ଏବେ ଅଧିକ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଚାଷୀ ମାନେ ସଠିକ୍ ଜ୍ଞାନ କୌଶଳ ପ୍ରୟୋଗ କରି ଅଦା ଚାଷ କଲେ ଫସଲରୁ ଅଧିକ ଅମଳ ପାଇପାରିବେ ବୋଲି ଅମିତ କୁହନ୍ତି।



## କୃଷି ପରାମର୍ଶ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘରାରେ ଧାନ ତଳି ପକାଇବା କାମ ସମ୍ପୂର୍ଣ୍ଣ କରି ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଏକ ଏକର ମୁଗ ଓ ବିରି ଚାଷ ପାଇଁ ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବାର ୭ଦିନ ପୂର୍ବରୁ ଏକ କି.ଗ୍ରା. ବିହନରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ।
- ରାଶି ଚାଷ ପାଇଁ ଅଧିକ ଅମଳକ୍ଷମ କିସମ ପ୍ରାଚୀ, କଳିକା, କନକ, ବିନାୟକ ଇତ୍ୟାଦି ଚୟନ କରନ୍ତୁ।
- ଆଖୁ ଫସଲ ୪ରୁ ୫ମାସର ହୋଇଯାଇଥିଲେ ମଧ୍ୟମ ଓ ଦୀର୍ଘ ଅବଧିର କିସମରେ ଗଛକୁ ସିଧା ରଖିବା ପାଇଁ ଭେଳା ବାନ୍ଧିବା କାର୍ଯ୍ୟ କରନ୍ତୁ।




# ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବିଦ୍ରୁପ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହଟହଟା ହେବାକୁ ପଡ଼ିଛି। ଖେଳ ପରେ ସେ ଓ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିବାକୁ ଆସିଥିଲେ। ଟ୍ରମ୍ପ ଆସିବାମାତ୍ରେ ଷ୍ଟାଡିୟମ୍‌ରେ ଥିବା ସ୍ପେନ୍ ସମର୍ଥକ ତାଙ୍କୁ ବିଦ୍ରୁପ କରି ଚିଲ୍ଲେଇଥିଲେ। ଏତିକିରେ ଟ୍ରମ୍ପଙ୍କ ଦୁର୍ଦ୍ଦଶା ଶେଷ ହୋଇ ନ ଥିଲା। ଚାମ୍ପିଅନ ସ୍ପେନ୍‌କୁ ଟ୍ରଫି ପ୍ରଦାନ କରିବା ପରେ ଇନ୍‌ଫାଣ୍ଟିନୋ ତାଙ୍କୁ ସେଠାରୁ ପଳାଇଯିବାକୁ ରାସ୍ତା ଦେଖାଇଥିଲେ। ଟ୍ରମ୍ପ ଏହାକୁ ଖାତିର ନ କରି ସ୍ପେନ୍ ଦଳ ସହ ଫଟୋ ଉଠାଇବାକୁ ରହିଥିଲେ। ଏହି ସମୟରେ ତାଙ୍କୁ ଖେଳାଳିମାନେ ଠେଲାପେଲା କରିଥିବାର ଦେଖାଯାଇଥିଲା। ଏହା ସତ୍ତ୍ୱେ ସେ ଚାମ୍ପିଅନ ଟିମ୍ ସହ ଫଟୋ ଫ୍ରେମ୍‌ରେ ରହିଯାଇଥିଲେ।



# ବିଜୟ ଉତ୍ସବ ପାଳିଲେ ସ୍ପେନ୍ ରାଜା



ନ୍ୟୁୟର୍କ,୨୦।୭ (ଏଜେନ୍ସି): ସ୍ପେନ୍ ଫିଫା ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଏହାର ସମର୍ଥକମାନେ ବିଜୟ ଉତ୍ସବ ପାଳନ କରିଥିଲେ। କିନ୍ତୁ ସ୍ପେନର ରାଜା ଫେଲିପ୍ ଷଷ୍ଠ ପଡ଼ିଆକୁ ଆସି ଖେଳାଳିଙ୍କ ସହ ଏହି ଉତ୍ସବ ପାଳନ କରିଥିଲେ। ରାଜା ଫେଲିପ୍ ଷଷ୍ଠ, ରାଣୀ ଲେଟିଜିଆ, ତାଙ୍କର ଦୁଇ ଝିଅ ଲିଓନୋର ଓ ସୋଫିଆ ମେଟ୍ ଲାଇଫ୍ ଷ୍ଟାଡିୟମ୍ ଭିଆଇପି ସୁଇଟ୍‌ରେ ବସି ଖେଳ ଦେଖିଥିଲେ। ସ୍ପେନ ଚାମ୍ପିଅନ ହେବା ପରେ ପରିବାର ସହ ପଡ଼ିଆକୁ ଆସି ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ଉତ୍ତୋଳନ କରିଥିଲେ। ଖେଳାଳିମାନେ ସ୍ୱଦେଶ ଫେରିଲେ ସେମାନଙ୍କୁ ଏକ ବସ୍‌ରେ ପ୍ୟାରେଡ୍ କରାଯିବ ଓ ରୟାଲ ପ୍ୟାଲେସ୍‌ରେ ସମ୍ବର୍ଦ୍ଧନା ଦିଆଯିବ ବୋଲି ପ୍ରକାଶ କରିଥିଲେ।

■ ଏକ ସମୟରେ ପୁରୁଷ ଓ ମହିଳା ଚାମ୍ପିଅନ

# ସ୍ପେନ ବିଶ୍ୱର ପ୍ରଥମ ଦେଶ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ଫିଫା ବିଶ୍ୱକପର ୨୩ତମ ସଂସ୍କରଣରେ ସ୍ପେନ ଚାମ୍ପିଅନ ହୋଇଛି। ଆମେରିକାର ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ସ୍ପେନ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଥିଲା। ଏଥିସହ ସ୍ପେନ ଦ୍ୱିତୀୟଥର ଲାଗି ଫିଫା ବିଶ୍ୱକପ ବିଜୟୀ ହେବାର ସୌଭାଗ୍ୟ ଲାଭ କରିଥିଲା। ଏଥିପୂର୍ବରୁ ୧୬ ବର୍ଷ ତଳେ ସ୍ପେନ ପ୍ରଥମଥର ଲାଗି ବିଶ୍ୱ ଚାମ୍ପିଅନ ହୋଇଥିଲା। ଏବେ ଦ୍ୱିତୀୟଥର ଚାମ୍ପିଅନ ହେବା ସହ ସ୍ପେନ ଏକ ବିରଳ କୀର୍ତ୍ତିମାନ କରିଛି। ଗୋଟିଏ ସମୟରେ ବିଶ୍ୱର ଉଭୟ ପୁରୁଷ ଓ ମହିଳା ଫିଫା ବିଶ୍ୱକପ ବିଜୟୀ ହେବାରେ ସ୍ପେନ ବିଶ୍ୱର ପ୍ରଥମ ଦେଶ ହୋଇଛି। ୨୦୨୩ରେ ଅନୁଷ୍ଠିତ ଫିଫା ମହିଳା ବିଶ୍ୱକପରେ ସ୍ପେନ ୧-୦ରେ ଇଂଲଣ୍ଡକୁ ହରାଇ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ସେହିଭଳି ପୁରୁଷ ଦଳ ମଧ୍ୟ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ହୋଇଛନ୍ତି।

# ବୁଏନ୍‌ସ ଆଇରିସ୍‌ରେ ଦୁଃଖର ଛାୟା

ବୁଏନସ୍ ଆଇରିସ୍,୨୦।୭ (ଏଜେନ୍ସି): ସ୍ପେନ୍ ନିକଟରୁ ୧-୦ ଗୋଲରେ ଫାଇନାଲରେ ପରାଜିତ ହେବା ଫଳରେ ଆର୍ଜେଣ୍ଟିନା ରାଜଧାନୀ ବୁଏନସ ଆଇରିସ୍‌ରେ ଲକ୍ଷ ଲକ୍ଷ ପ୍ରଶଂସକ ନିରାଶ ହୋଇଥିଲେ। ପରାଜୟ ସତ୍ତ୍ୱେ ଟିମ୍‌କୁ ଓ ଖେଳାଳିମାନଙ୍କୁ ସ୍ଲୋଗାନ ଦେଇ ସମର୍ଥନ ଜଣାଇଥିଲେ। କିଛି ସ୍ଥାନରେ ପୁଲିସ୍ ସହ ସମର୍ଥକଙ୍କର ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଆର୍ଜେଣ୍ଟିନା ରାଷ୍ଟ୍ରପତି ଦେଶରେ ଛୁଟି ଘୋଷଣା କରିଥିଲେ। ସେ ନିଜ ପ୍ରେସିଡେନ୍‌ସିଆଲ ସୁଇଟ୍‌ରେ ଉପସ୍ଥିତ ରହି ଖେଳ ଦେଖିଥିଲେ। ତାଙ୍କୁ ଫାଇନାଲ ଖେଳ ଦେଖିବାକୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେ ଆମେରିକା ଯାଇ ନ ଥିଲେ। ସେ ଯେଉଁ ସୁଇଟ୍‌ରେ ବସି ଖେଳ ଦେଖିଥିଲେ ସେଥିରେ ଆର୍ଜେଣ୍ଟିନା ଜିତିଥିବାରୁ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ଧବିଶ୍ୱାସୀ ରାଷ୍ଟ୍ରପତିଙ୍କ ଏହି ବିଶ୍ୱାସ କାମ କରି ନ ଥିଲା। ଫାଇନାଲରେ ସ୍ପେନ୍‌ଠାରୁ ଆର୍ଜେଣ୍ଟିନା ପରାଜିତ ହୋଇଥିଲା।

ଫିଫା ବିଶ୍ୱକପ୍‌ରେ ଡବଲ୍

# ସ୍ପେନ୍‌କୁ ଟାଇଟଲ୍, ଏମ୍‌ବାପେଙ୍କୁ ଗୋଲ୍ଡେନ ବୁଟ୍



ନ୍ୟୁୟର୍କ,୨୦।୭ (ଏଜେନ୍ସି)

ଫେରାନ ଟୋରେସ୍‌ଙ୍କ ଅତିରିକ୍ତ ସମୟ ଗୋଲ ବଳରେ ଏଠାରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ପେନ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫିଫା ବିଶ୍ୱକପ୍‌ରେ ଏଯାଏ ଖେଳାଯାଇଥିବା ସବୁଠାରୁ ଏକତରଫା ଫାଇନାଲରେ ୟୁରୋପୀୟ ଚାମ୍ପିଅନ ସ୍ପେନ୍ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଥିଲା। ଏହି ବିଜୟ ଫଳରେ ଦୀର୍ଘ ୧୬ ବର୍ଷ ପରେ ସ୍ପେନ୍ ଦ୍ୱିତୀୟଥର ବିଶ୍ୱକପ୍ ଟାଇଟଲ ହାସଲ କରିଛି। ୨୦୧୦ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ସଂସ୍କରଣରେ ସ୍ପେନ୍ ୟୁରୋପୀୟ ଚାମ୍ପିଅନ ହେବା ପରେ ବିଶ୍ୱକପ୍ ଜିତିଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲର ଅତିରିକ୍ତ ସମୟର ୧୧୬ ମିନିଟ୍‌ରେ ଆନ୍ଦ୍ରେସ ଇନିଏଷ୍ଟାଙ୍କ ଗୋଲ ବଳରେ ସ୍ପେନ୍ ୧-୦ ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏବେ ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ଫେରାନ ଟୋରେସ୍‌ଙ୍କ ଗୋଲ ବଳରେ ସ୍ପେନ୍ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଦ୍ୱିତୀୟ ଟାଇଟଲ ଜିତିଥିଲା। ଟାଇଟଲ ସହ ସ୍ପେନ୍ ୪୮୧.୪୩ କୋଟି ଟଙ୍କା ପୁରସ୍କାର ପାଇଛି।

## ଏମ୍‌ବାପେଙ୍କୁ ଦ୍ୱିତୀୟ ଗୋଲ୍ଡେନ୍ ବୁଟ୍

ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମ୍‌ବାପେ ନିଜ ଟିମ୍‌କୁ କ୍ରମାଗତ ତୃତୀୟଥର ଫାଇନାଲରେ ପ୍ରବେଶ କରାଇବାରେ ଅସଫଳ ହୋଇଛନ୍ତି। କିନ୍ତୁ ଏହି ବିଶ୍ୱକପ୍‌ରେ ସେ ଏପରି ଦୁଇଟି ରେକର୍ଡ ପ୍ରତିଷ୍ଠା କରିଛନ୍ତି, ଯାହାକୁ ଭାଙ୍ଗିବା ଲାଗି ବହୁଦିନ ଲାଗିବ। ଗୋଟିଏ ହେଉଛି ଏହି ବିଶ୍ୱକପ୍‌ରେ ସେ ସର୍ବାଧିକ ୧୦ଟି ଗୋଲ ଦେଇ କ୍ରମାଗତ ତଥା ବିଶ୍ୱକପ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ଦ୍ୱିତୀୟଥର ଗୋଲ୍ଡେନ ବୁଟ୍ ପୁରସ୍କାର ଲାଭ କରିଛନ୍ତି। କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍‌ରେ ୬ଟି ଗୋଲ ଦେଇ ସେ ପ୍ରଥମଥର ଗୋଲ୍ଡେନ ବୁଟ୍ ପୁରସ୍କାର ଜିତିଥିଲେ। ଏଥର ଏମବାପ୍ପେ ୧୦ଟି ଗୋଲ ଦେବା ଫଳରେ ବିଶ୍ୱକପ୍ ଇତିହାସରେ ସେ ପ୍ରଥମ ତଥା ଏକମାତ୍ର ଖେଳାଳିଭାବେ ୨୨ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଦ୍ୱିତୀୟଥର ଗୋଲ୍ଡେନ ବୁଟ୍ ଓ ୨୨ଟି ଗୋଲ ଦେବାର ରେକର୍ଡ ନିକଟ ଅତୀତରେ କେହି ଅତିକ୍ରମ କରିବାର ସମ୍ଭାବନା କମ୍। ଏଠାରେ ଷଷ୍ଠ ତଥା ଶେଷ ବିଶ୍ୱକପ୍ ଖେଳିଥିବା ଲିଓନେଲ ମେସି ୮ଟି ଗୋଲ ଦେଇ ସିଲଭର ବୁଟ୍ ପାଇଥିଲେ। ସେହିଭଳି ୨୧ଟି ଗୋଲ୍ ସହ ମେସି ବିଶ୍ୱକପର ସର୍ବକାଳୀନ ସର୍ବାଧିକ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ୩୮ ମ୍ୟାଚ୍‌ରେ ଅପରାଜେୟ ରହି ସ୍ପେନ୍‌ର ବିଶ୍ୱରେକର୍ଡ

ଆର୍ଜେଣ୍ଟିନାକୁ ପରାସ୍ତ କରି ସ୍ପେନ୍ ଦ୍ୱିତୀୟଥର ଚାମ୍ପିଅନ ହେବା ପରେ କ୍ରମାଗତ ୩୮ ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜେୟ ରହି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୩୭ ଟି ମ୍ୟାଚ୍ ଜିତିଥିବା ଇଟାଲୀ ନାମରେ ରହିଥିଲା। ସ୍ପେନ୍‌ର ଅଭିଯାନ ୨୦୨୪ରୁ ଆରମ୍ଭ ହୋଇ ୨୦୨୬ ବିଶ୍ୱକପ୍ ଫାଇନାଲ ଯାଏ ବଳବତ୍ତର ରହିଛି। ଗତ ୩ଟି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ଇଟାଲୀ ୨୦୧୮ ରୁ ୨୦୨୧ ମଧ୍ୟରେ ଅପରାଜେୟ ରହିଥିଲା। ୨୦୧୯ରୁ ୨୦୨୨ ମଧ୍ୟରେ ଆର୍ଜେଣ୍ଟିନା ୩୬ଟି, ୧୯୯୩ରୁ ୧୯୯୬ ମଧ୍ୟରେ ବ୍ରାଜିଲ ୩୫ଟି ଓ ୨୦୦୭ରୁ ୨୦୦୯ ମଧ୍ୟରେ ସ୍ପେନ୍ ମଧ୍ୟ ୩୫ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅପରାଜେୟ ରହିଛନ୍ତି। ସ୍ପେନ୍‌ର ୟୁରୋକପ୍ ଓ ବିଶ୍ୱକପ୍ ବିଜୟୀ କୋଚ୍ ଲୁଇସ୍ ଡି ଲା ଫୁଏଣ୍ଟ ମଧ୍ୟ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ଅପରାଜେୟ ରହିଛି। ଫଳରେ ଡି ଲା ଫୁଏଣ୍ଟଙ୍କ ତତ୍ତ୍ୱାବଧାନରେ ଦୁଇଟି ମେଜର ଟୁର୍ଣ୍ଣାମେଣ୍ଟର ୧୫ଟି ମ୍ୟାଚ୍‌ରେ ଦଳ ଅପରାଜେୟ ରହିଛି। ଯାହାକି ଏକ ବିରଳ ରେକର୍ଡ।

## ସ୍ପେନ୍‌କୁ ଅନ୍ୟ ୩ଟି ଶ୍ରେଷ୍ଠ ପୁରସ୍କାର



ଏଠାରେ ସ୍ପେନ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ବ୍ୟକ୍ତିଗତ ବିଭାଗରେ ଦିଆଯାଉଥିବା ଶ୍ରେଷ୍ଠ ୪ଟି ମଧ୍ୟରୁ ୩ଟି ପୁରସ୍କାର କବ୍‌ଜା କରିଛି। ଚଳିତ ବିଶ୍ୱକପ୍‌ରେ ସ୍ପେନ୍ ୮ ଟି ମ୍ୟାଚ୍ ଖେଳି ଏକମାତ୍ର ଗୋଲ ବରଣ କରିଛି। ଏହାର କାରଣ ହେଲା ଦଳର ଶକ୍ତିଶାଳୀ ରକ୍ଷଣଭାଗ ଓ ମିଡ୍‌ଫିଲ୍ଡ। ମିଡ୍‌ଫିଲ୍ଡକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରୁଥିଲେ ଅଧିନାୟକ ରୋଡ୍ରି। ତାଙ୍କର ଏହି ଦମ୍‌ଦାର ପ୍ରଦର୍ଶନ ଲାଗି ଚଳିତ ବିଶ୍ୱକପ୍‌ରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଏହା ଫଳରେ ତାଙ୍କୁ ଗୋଲ୍ଡେନ ବଲ ପୁରସ୍କାର ମିଳିଛି। ସେହିପରି ରକ୍ଷଣଭାଗରେ ଗୋଲକିପର ୟୁନାଇ ସାଇମନ୍ ଓ ୧୯ ବର୍ଷୀୟ ଯୁବ ଖେଳାଳି ପାଓ କ୍ୟୁବାର୍ସୀଙ୍କ ଖେଳ ଖୁବ୍ ପ୍ରଶଂସନୀୟ। ସ୍ପେନ୍ ଏକମାତ୍ର ଗୋଲ ବରଣ କରିବାରେ ଏମାନଙ୍କ ଭୂମିକା ବେଶ ପ୍ରଶଂସନୀୟ। ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରି ସ୍ପେନ୍ ଏହି ବିଶ୍ୱକପ ଚାମ୍ପିଅନ ହୋଇଛି। ଫଳରେ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସାଇମନଙ୍କୁ ଗୋଲ୍ଡେନ ବଲ ଓ ଶ୍ରେଷ୍ଠ ଯୁବ ଖେଳାଳି ଭାବେ କ୍ୟୁବାର୍ସୀଙ୍କୁ ପୁରସ୍କୃତ କରାଯାଇଛି।

# ଫାଇନାଲରେ ଗୁରୁ ଜିତିଲେ, ଶିଷ୍ୟ ହାରିଲେ

ନ୍ୟୁୟର୍କ,୨୦।୭ (ଏଜେନ୍ସି): ସ୍ପେନ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଗୁରୁ ବିଜୟୀ ହୋଇଛନ୍ତି ଓ ତାଙ୍କ ଶିଷ୍ୟ ହାରିଯାଇଛନ୍ତି। ଏହି ଗୁରୁ-ଶିଷ୍ୟ ହୋଉଛନ୍ତି ସ୍ପେନ୍‌ର ମୁଖ୍ୟ କୋଚ ଲୁଇସ୍ ଡି ଲା ଫୁଏଣ୍ଟ ଏବଂ ଶିଷ୍ୟ ତଥା ଆର୍ଜେଣ୍ଟିନାର ମୁଖ୍ୟ କୋଚ୍ ଲିଓନେଲ ସ୍କୋଲାନି। ଉଭୟଙ୍କ ପ୍ରଶିକ୍ଷଣରେ ସେମାନଙ୍କ ଟିମ୍ ଅନେକ ସଫଳତା ହାସଲ କରିଛି। ଡି ଲା ଫୁଏଣ୍ଟଙ୍କ ପ୍ରଶିକ୍ଷଣରେ ସ୍ପେନ୍ ୧୯ ବର୍ଷରୁ କମ୍, ୨୧ବର୍ଷରୁ କମ୍ ଓ ୨୦୨୪ରେ ସିନିଅର ବିଭାଗରେ ୟୁରୋପୀୟ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସ୍କୋଲାନିଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ୨୦୨୧ରେ କୋପା ଆମେରିକା, ୨୦୨୨ରେ ଫିନାଲିସିମା ଓ ୨୦୨୨ରେ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଛି। ୯ ବର୍ଷ ପୂର୍ବେ ଡି ଲା ଫୁଏଣ୍ଟଙ୍କ ନିକଟରୁ ସ୍କୋଲାନି କୋଚିଂ କୋର୍ସରେ ପ୍ରଶିକ୍ଷଣ ନେଉଥିଲେ। ଉଭୟଙ୍କ ମଧ୍ୟରେ ଗୁରୁ-ଶିଷ୍ୟର ଉତ୍ତମ ସମ୍ପର୍କ ରହିଛି।

# ଘରୋଇ କ୍ରିକେଟ୍‌ରେ ନୂଆ ନିୟମ ଆଣିବ ବିସିସିଆଇ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟରେ ଏକ ନୂତନ ନିୟମ ଲାଗୁ ହେବାକୁ ଯାଉଛି। ଲାଲ-ବଲ୍ ମ୍ୟାଚ୍ ପାଇଁ ଏବେ ସମ୍ପୂର୍ଣ୍ଣ ଦିନର ଓଭର ବୋଲିଂ କରିବାକୁ ପଡିବ। ସାଧାରଣତଃ, ଯେତେବେଳେ ଦିବସର ଶେଷ ଓଭରରେ ୱିକେଟ୍ ପଡ଼େ, ତେବେ ଅମ୍ପାୟାର ଷ୍ଟମ୍ପ ଘୋଷଣା କରିଦେଇଥାନ୍ତି। ଏବେ କିନ୍ତୁ ଏହା ଆଉ ହେବ ନାହିଁ। କ୍ରିକେଟର ପ୍ରଣେତା ମେରିଲେବୋନ୍ କ୍ରିକେଟ୍ କ୍ଲବ୍ (ଏମସିସି) ଲାଲ-ବଲ୍ ମ୍ୟାଚ୍ ପାଇଁ ନିୟମରେ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ଯାହାକୁ ବିସିସିଆଇ ପରବର୍ତ୍ତୀ ଘରୋଇ ସିଜନ୍‌ରେ ଲାଗୁ କରିବା ଲାଗି ସମସ୍ତ ରାଜ୍ୟ କ୍ରିକେଟ୍ ସଂଘକୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ଏମସିସିର ପ୍ରସ୍ତାବିତ ପରିବର୍ତ୍ତିତ ନିୟମ ଉଲ୍ଲେଖ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ ଦିନର ଶେଷ ଓଭର ୱିକେଟ୍ ପଡ଼ିଲେ ମଧ୍ୟ ବଳକା ଥିବା ବଲ୍ ବୋଲିଂ ହେବ। ଏମସିସି କହିଛି ଯେ ଏହା ବହୁ-ଦିବସୀୟ କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଦିବସର ଶେଷରେ ବ୍ୟାଟିଂ କରୁଥିବା ଦଳଗୁଡ଼ିକ ନୂତନ ବ୍ୟାଟରଙ୍କୁ ପଠାଇବାକୁ ଏଡାଇ ପାରିବେ ନାହିଁ। ସେହିଭଳି ଅନ୍ୟ ଏକ ବଡ଼ ନିୟମ ହେଉଛି ଯଦି ଜଣେ ବୋଲର ଜାଣିଶୁଣି ନୋ-ବଲ୍ ବୋଲିଂ କରନ୍ତି କିମ୍ବା କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ମ୍ୟାଚ୍‌ର ବାକି ସମୟ ପାଇଁ ବୋଲିଂ କରିବାରୁ ନିଷେଧ କରାଯିବ। କେବଳ ଇନିଂସ ନୁହେଁ, ସମଗ୍ର ମ୍ୟାଚ୍ ପାଇଁ ବୋଲିଂ କରିପାରିବେ ନାହିଁ। ସେହିଭଳି ଦିନିକିଆରେ ଜଳପାନ ବିରତି ସମୟରେ ମୁଖ୍ୟ କୋଚଙ୍କୁ ପଡ଼ିଆ ମଧ୍ୟକୁ ପ୍ରବେଶ ଲାଗି ଅନୁମତି ଦିଆଯିବ।

ସ୍ପେନ ଖେଳାଳିଙ୍କ ସହ ମାରପିଟ୍

# ଆର୍ଜେଣ୍ଟିନା ବିରୋଧରେ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ



ନ୍ୟୁୟର୍କ, ୨୦।୭ (ଏଜେନ୍ସି): ଫିଫା ବିଶ୍ୱକପ ଫାଇନାଲ ମ୍ୟାଚ ପରେ ଏକ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ଫାଇନାଲରେ ହାରିଯିବା ପରେ ଆର୍ଜେଣ୍ଟିନାର ଖେଳାଳିମାନେ ଚାମ୍ପିଅନ ସ୍ପେନର ଖେଳାଳିଙ୍କ ସହିତ ହାତାହାତି ହୋଇଥିବା ଦେଖିବାକୁ ମିଳିଥିଲା। ସ୍ପେନର ଖେଳାଳିମାନେ ପଡ଼ିଆରେ ବିଜୟ ଉତ୍ସବ ମନାଇବା ଲାଗି ପ୍ରବେଶ କରୁଥିବାବେଳେ ଏହି ଅଘଟଣ ଘଟିଥିଲା। ଆର୍ଜେଣ୍ଟିନା ମିଡଫିଲ୍ଡର ଲିଆଣ୍ଡ୍ରୋ ପରେଡେସ୍ ଜାଣିଶୁଣି ସ୍ପେନର ଏରିକ୍ ଗାର୍ସିଆ ଏବଂ ଗାଭିଙ୍କୁ ଧକ୍କା ମାରିଥିଲେ। ପରବର୍ତ୍ତୀ ସମୟରେ ଉତ୍ତେଜନା ବଢ଼ିବା ସହ ଲିଆଣ୍ଡ୍ରୋ ଅନେକ ସ୍ପେନ୍ ଖେଳାଳିଙ୍କ ସହ ସଂଘର୍ଷରେ ଜଡିତ ହୋଇଥିବା ଅଭିଯୋଗ ହୋଇଛି। ମ୍ୟାଚ୍ ଶେଷ ହେବା ପରେ ମଧ୍ୟ ରେଫରି ତାଙ୍କୁ ରେଡ କାର୍ଡ ଦେବାକୁ ବାଧ ହୋଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ମ୍ୟାଚ୍ ପରବର୍ତ୍ତୀ ଏହି ଉତ୍ତେଜନାମୂଳକ ଘଟଣାକୁ ନେଇ ଫିଫା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଯେଉଁଥିରେ ଉପବିଜେତା ଆର୍ଜେଣ୍ଟିନା ଦଳର ଏକାଧିକ ଖେଳାଳି ଯାଞ୍ଚର ପରିସରକୁ ଆସିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, କୌଣସି ଦଣ୍ଡବିଧାନ ଆବଶ୍ୟକ କି ନାହିଁ ନିଷ୍ପତ୍ତି ନେବା ପୂର୍ବରୁ ଫିଫାର ଶୃଙ୍ଖଳାଗତ କମିଟି ରେଫରିଙ୍କ ରିପୋର୍ଟ, ଅଫିସିଆଲ୍ ମ୍ୟାଚ୍ ଡକ୍ୟୁମେଣ୍ଟେସନ୍ ଏବଂ ଭିଡିଓ ଫୁଟେଜ୍ ସମୀକ୍ଷା କରିବ।

ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

# ମନୀଷ, ନୟନିକା ଚାମ୍ପିଅନ

ଧର୍ମଶାଳା,୨୦।୭ (ସମିସ): ଖୋର୍ଦ୍ଧା ଜିଲ୍ଲାର ମନୀଷ ମିଶ୍ର ଓ ନୟନିକା ସାହୁ ଏଠାରେ ଶେଷ ହୋଇଥିବା ରାଜ୍ୟ ୧୩ ବର୍ଷରୁ କମ୍ ରାଜ୍ୟ ଚେସ୍‌ର ବାଳକ ଓ ବାଳିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଯାଜପୁର ୟୁନାଇଟେଡ ଚେସ ସଂଘ ଓ ଅଲ୍ ଓଡ଼ିଶା ଚେସ୍ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ୮ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଭୟ ବିଭାଗର ଚାମ୍ପିଅନ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଏକକ ଅଗ୍ରଣୀ ନେଇଥିଲେ। ଖୋର୍ଦ୍ଧାର ଜିଲ୍ଲାର ସମସ୍ତ ପ୍ରତିଯୋଗୀ ପ୍ରଥମ ୪ଟି ସ୍ଥାନରେ ରହିଥିଲେ। ସେମାନଙ୍କ ମଧ୍ୟରୁ ସାୟାଂଶ ଦାସ, ସାନାଲ ବୈଭବ ଓ ଆଦର୍ଶ ବେରିହା, ବାଳିକା ବିଭାଗରେ ଅର୍ନିକା ଦାଶ, ଶ୍ରଦ୍ଧାଭାଗ୍ୟ କାମିନୀ ଓ ଲବ୍‌ଧୀ ସ୍ୱାଇଁ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ, ଆୟୋଜକ ଚେସ ସଂଘ ସଭାପତି ତପନ ଷଡଙ୍ଗୀ ଓ ସମ୍ପାଦକ ମନୋଜ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।




# ରାଜ୍ୟ ଜୁନିଅର, ସବ୍‌ଜୁନିଅର ସନ୍ତରଣ ଆରମ୍ଭ

ଭୁବନେଶ୍ୱର,୨୦।୭ (ସମିସ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରରେ ୬୬ତମ ରାଜ୍ୟ ସବ୍ ଜୁନିଅର ଓ ଜୁନିଅର ସନ୍ତରଣ ପ୍ରତିଯୋଗିତା ସୋମବାର ଉଦଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୨୧ଟି ଜିଲ୍ଲାରୁ ମୋଟ ୪୪୭ ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୨୬୦ ଜଣ ବାଳକ ଓ ୧୮୭ ଜଣ ବାଳିକା ରହିଛନ୍ତି। କ୍ରୀଡା ବିଭାଗର କମିଶନର କମ୍ ସେକ୍ରେଟେରୀ ଭୁପିନ୍ଦର ସିଂ ପୁନିଆ ମୁଖ୍ୟ ଅତିଥି ଏବଂ କ୍ରୀଡା ନିର୍ଦ୍ଦେଶକ ଡ. ବିଜୟ ଯେଦୁଲ୍ଲା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସେହିଭଳି ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପକୁମାର ପାଢ଼ୀଙ୍କ ସମେତ ସଂଘର ସାଧାରଣ ସଂପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ ଦିକ୍ଷିତ, ଆୟୋଜନ କମିଟି ସଂପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼, ବୈଷୟିକ କମିଟି ମୁଖ୍ୟ ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ କିଟ୍ ଓ କିସର ସନ୍ତରଣକାରୀମାନେ ଦମଦାର ପ୍ରଦର୍ଶନ କରି ୧୫ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ, ୫ କାଂସ୍ୟ ପଦକ ରହିଛି। ତିନି ଦିନ ଧରି ରହିଥିବା ଏହି ପ୍ରତିଯୋଗିତା ସଫଳ ଆୟୋଜନ ପାଇଁ ରାଜ୍ୟ ସଂଘ ସ୍ୱିକୃତିପ୍ରାପ୍ତ ୫୦ଜଣ ଟେକନିକାଲ ଅଫିସିଆଲ ପରିଚାଳନାରେ ସହଯୋଗ କରୁଛନ୍ତି।




■ ଏସୀୟ ଜୁ ଜିତ୍‌ସୁ

# କାଂସ୍ୟ ଜିତିଲେ ଅନୁପମା



ଭୁବନେଶ୍ୱର,୨୦।୭ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ କାଜାକିସ୍ତାନରେ ଅନୁଷ୍ଠିତ ୧୦ମ ଏସୀୟ ଜୁ ଜିତ୍‌ସୁ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ କଣ୍ଟାକ୍ଟ ଜୁ-ଜିତ୍‌ସୁ ସିଷ୍ଟମ୍‌ର ମହିଳା ୫୨ କିଲୋଗ୍ରାମ୍ ଶ୍ରେଣୀରେ ତୃତୀୟସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ପୁଲିସ୍‌ରେ କାର୍ଯ୍ୟରତ ଅନୁପମାଙ୍କର ଏହା ଏସୀୟ ଜୁ-ଜିତ୍‌ସୁରେ ଷଷ୍ଠ ପଦକ। ଏହି ସଫଳତା ଲାଗି ଅନୁପମାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS